# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-258 ♦TUESDAY ♦17 MARCH 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୨୫୮ ♦ମଙ୍ଗଳବାର ♦୧୭ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସିନ୍ନର ଚାମ୍ପିଅନ

▸ ଖେଳ ପୃଷ୍ଠା ଦେଖନ୍ତୁ...






ଅଘଟଣ ପରେ କଟକ ବଡ଼ଡାକ୍ତରଖାନାରେ ଭିଡ଼


ରୋଗୀ ସ୍ଥାନାନ୍ତର


ଏସ୍‌ସିବିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

## ଟ୍ରମା କେୟାରରେ ନିଆଁର ତାଣ୍ଡବ

# ଧୂଆଁ, ଅନ୍ଧାରରେ ହଜିଗଲା ଆପଣାର ମଣିଷ

ସାରା ରାଜ୍ୟ ଯେତେବେଳେ ଗଭୀର ନିଦ୍ରାରେ ଶୋଇଥିଲା, ସେତେବେଳେ ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ ଏସ୍‌ସିବିରୁ ଶୁଭୁଥିଲା କେବଳ ଆର୍ତ୍ତଚିତ୍କାର । ଟ୍ରମା କେୟାର୍‌ର ଆଇସିୟୁ ପାଲଟି ଯାଇଥିଲା ଏକ ଜଳନ୍ତା ଚିତା । ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ଯେତେବେଳେ ଅସୁସ୍ଥ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଟିକିଏ ଆଖିପତା ପକାଇଥିଲେ, ଠିକ୍ ସେତିକିବେଳେ ଅଗ୍ନିର କରାଳ ରୂପ ସବୁକିଛି ଛାରଖାର କରିଦେଇଥିଲା । ଶେଷରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ୧୦ ଜଣ ଗୁରୁତର ରୋଗୀ ଜୀବନ ଯୁଦ୍ଧରେ ହାରିଗଲେ । ହସ୍ପିଟାଲର ଧଳା କାନ୍ଥ ଏବେ କଳା ଧୂଆଁରେ ବାଷ୍ପୀଭୂତ ହୋଇଥିବା ବେଳେ, ପରିସର ଫାଟିପଡୁଛି ସମ୍ପର୍କୀୟଙ୍କ କୋହ ଓ କାନ୍ଦରେ । ସୁରକ୍ଷା ଦେଉଥିବା ହସ୍ପିଟାଲ୍‌ରେ କେମିତି ମୃତ୍ୟୁ ଏଭଳି ଅତର୍କିତ ଭାବେ ଆସି ପହଞ୍ଚିଗଲା, ତାହା ଏବେ ସମସ୍ତଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

● ଅଗ୍ନିଶମ ବ୍ୟବସ୍ଥାରେ ବଡ଼ ତ୍ରୁଟି

### ଜାମ୍ ହୋଇଯାଇଥିଲା ହ୍ୟାଣ୍ଡେଲ୍ ଓ ହ୍ୱିଲ୍ ଲକ୍

#### ଆଇସିୟୁ ଭିତରେ କାମ କଲାନି ସ୍ପ୍ରିଙ୍କଲର କି ଅଗ୍ନି ନିର୍ବାପକ ଯନ୍ତ୍ର

କଟକର ପ୍ରତିଷ୍ଠିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଲାଗିଥିବା ଅଗ୍ନିଶମ ନିର୍ବାପନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ସକାଳୁ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ ଜରୁରୀକାଳୀନ ପରିସ୍ଥିତିରେ ନିଆଁ ଲିଭାଇବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାର ହ୍ୟାଣ୍ଡେଲ୍ ଏବଂ ହ୍ୱିଲ୍ ଲକ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଜାମ୍ ହୋଇ ରହିଥିଲା । ଠିକ୍ ସମୟରେ ରକ୍ଷଣାବେକ୍ଷଣ କରାଯାଇ ନଥିବାରୁ ଏହି ଯନ୍ତ୍ରାଂଶଗୁଡ଼ିକ ଅଚଳ ହୋଇଯାଇଥିଲା, ଯାହା ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହା କାର୍ଯ୍ୟ କରି ନ ଥିଲା । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ହସ୍ପିଟାଲର ଅତି ଗୁରୁତ୍ୱପୂର୍ଣ୍ଣ ଆଇସିୟୁ ଭିତରେ ଥିବା ଅଗ୍ନି ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଅକାମୀ ହୋଇପଡ଼ିଥିଲା । ସେଠାରେ ଫାୟାର ଏକ୍ସଟିଙ୍ଗୁଇସର୍ ଏବଂ ସ୍ପ୍ରିଙ୍କଲର୍ ବ୍ୟବସ୍ଥା ଥିଲେ ମଧ୍ୟ ହ୍ୟାଣ୍ଡେଲ୍ ଲକ୍ ଜାମ୍ ଯୋଗୁଁ ସେଗୁଡ଼ିକ କାମ କରି ନ ଥିଲା । ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ କରାଯାଇଥିଲେ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ରହିଥାନ୍ତା । ମାତ୍ର କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ କୋଟି କୋଟି ଟଙ୍କାର ଅଗ୍ନିଶମ ଉପକରଣ କୌଣସି କାମରେ ଲାଗି ନ ଥିଲା ବୋଲି ରୋଗୀ ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି ।

### ୪୫ ମିନିଟର ସଂଘର୍ଷ; ଧୂଆଁ ଭିତରେ ଫସି ରହିଲେ ଗୁରୁତର ରୋଗୀ

ମେଡିକାଲର ଟ୍ରମା କାଜୁଆଲିଟି ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ସମୟରେ ଉଦ୍ଧାର କାର୍ଯ୍ୟକୁ ନେଇ ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି । ନିଆଁ ଲାଗିବା ପରେ ଆଇସିୟୁ ଭିତରେ ଫସି ରହିଥିବା ଅସହାୟ ରୋଗୀମାନଙ୍କୁ ବାହାର କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ୪୫ମିନିଟରୁ ଉର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା । ପୂର୍ବରୁ ଗୁରୁତର ଥାଇ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀମାନେ ଏହି ଦୀର୍ଘ ସମୟ ଧରି ବିଷାକ୍ତ ଧୂଆଁ ସଂସ୍ପର୍ଶରେ ଆସିବା ଯୋଗୁଁ ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିଲା । ଉଦ୍ଧାର କାର୍ଯ୍ୟ ଶେଷ ହେବା ବେଳକୁ ପ୍ରାୟ ୪୫ ମିନିଟରୁ ଅଧିକ ସମୟ ବିତିଯାଇଥିଲା ।

### ଉଦ୍ଧାର କାର୍ଯ୍ୟରେ ବାଧକ ସାଜିଲା 'କଳା ଧୂଆଁ'

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଆଇସିୟୁ ମଧ୍ୟରେ ନିଆଁ ଏତେ ଶୀଘ୍ର ବ୍ୟାପିଥିଲା ଯେ ଚାହୁଁ ଚାହୁଁ ସମ୍ପୂର୍ଣ୍ଣ କକ୍ଷ କଳା ଧୂଆଁରେ ଭରି ଯାଇଥିଲା । ଅଗ୍ନିଶମ ବାହିନୀ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ, ଭୟଙ୍କର ଧୂଆଁ ଯୋଗୁଁ ଭିତରକୁ ପଶିବା ସମ୍ଭବପର ହୋଇ ନ ଥିଲା । ଆଧୁନିକ ଉପକରଣ ଅଭାବରୁ ପ୍ରାଥମିକସ୍ତରରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।

### ସ୍ମୋକ ଇଭାକ୍ୟୁଏଟର ସାଜିଲା ସାହା ଭରସା

ସାଧାରଣ ପଦ୍ଧତିରେ ଧୂଆଁ କମି ନ ଥିବାରୁ ଶେଷରେ ଅଗ୍ନିଶମ କର୍ମଚାରୀମାନେ ସ୍ମୋକ ଇଭାକ୍ୟୁଏଟର ମେସିନର ସହାୟତା ନେଇଥିଲେ । ଏହି ମେସିନ୍ ସାହାଯ୍ୟରେ ଆଇସିୟୁ ଭିତରେ ଜମି ରହିଥିବା ବିଷାକ୍ତ ଧୂଆଁକୁ ବାହାରକୁ ବାହାର କରାଯାଇଥିଲା । ଏହାପରେ କର୍ମଚାରୀମାନେ ଭିତରକୁ ପ୍ରବେଶ କରି ରୋଗୀମାନଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ ।

### ପୁରୀ ସ୍ୱର୍ଗଦ୍ୱାର ଓ ମୃତକଙ୍କ ଗାଁକୁ ପଠାଗଲା ମୃତଦେହ

ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା ଆଇସିୟୁରେ ସୋମବାର ଭୋର ସମୟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ୧୦ଜଣଙ୍କ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । କେତେକ ମୃତକ ମାନଙ୍କ ଶବ ବ୍ୟବଚ୍ଛେଦ କରାଯାଇ ମହାପ୍ରୟାଣ ଗାଡି ଓ ଆମ୍ବୁଲାନ୍ସ ଯୋଗେ ନିଜ ନିଜ ଗାଁକୁ ପଠାଇ ଦିଆଯାଇଥିବା ବେଳେ ଆଉ ଯେଉଁମାନେ ପୁରୀ ଯାଇ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ସେମାନଙ୍କୁ ପୁରୀ ପଠାଯାଇଥିଲା । କଟକ ଜିଲ୍ଲା ପ୍ରଶାସନ ଓ ଏସସିବି ମେଡିକାଲ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । ମୃତଦେହ ହସ୍ତାନ୍ତର ସମୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

### ଜୀବନ ରକ୍ଷା ପାଇଁ କର୍ମଚାରୀଙ୍କ ସଂଘର୍ଷ

ଯେଉଁ ସମୟରେ ମୃତ୍ୟୁ କରାଳ ରୂପ ଧାରଣ କରିଥିଲା, ସେହି ସମୟରେ ଆଇସିୟୁରେ ଡ୍ୟୁଟିରେ ଥିବା କର୍ମଚାରୀମାନେ ନିଜ ଜୀବନକୁ ଭୁଲି ଦେବଦୂତ ସାଜିଥିଲେ । ଭୟଙ୍କର ନିଆଁ ଏବଂ ଅଣନିଃଶ୍ୱାସୀ କରିଦେଲା ଭଳି ଧୂଆଁକୁ ଖାତିର ନ କରି ସେମାନେ ରୋଗୀଙ୍କୁ ବଞ୍ଚାଇବା ପାଇଁ ଝାସ ଦେଇଥିଲେ । କିଛି କର୍ମଚାରୀଙ୍କ ହାତ ପୋଡ଼ି ଯାଉଥିଲେ ମଧ୍ୟ ସେମାନେ ରୋଗୀଙ୍କୁ ବାହାରକୁ ବୋହି ଆଣିବାରେ ଲାଗି ପଡ଼ିଥିଲେ । ଜଣେ ଜଣେ କର୍ମଚାରୀ ନିଜେ ଗୁରୁତର ହୋଇ ମଧ୍ୟ ୪ରୁ ୬ ଜଣ ରୋଗୀଙ୍କୁ ରେସ୍କ୍ୟୁ କରିବାରେ ସଫଳ ହୋଇଥିଲେ ।

### ମାନବିକତାର ପରିଚୟ ଦେଲେ ସମ୍ପର୍କୀୟ

କେବଳ ମେଡିକାଲ କର୍ମଚାରୀ ନୁହଁନ୍ତି, ବରଂ ଉପସ୍ଥିତ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟ ମାନବିକତାର ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି । ନିଜର ଆତ୍ମୀୟଙ୍କ ଜୀବନ ବଞ୍ଚାଇବା ସହ ସେମାନେ ଅନ୍ୟ ଅଚିହ୍ନା ରୋଗୀଙ୍କୁ ମଧ୍ୟ କାନ୍ଧରେ ବୋହି ବାହାରକୁ ଆଣିଥିଲେ । ଏହି ଅଭାବନୀୟ ପରିସ୍ଥିତିରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସେମାନେ ଯେଉଁ ସାହସିକତା ଦେଖାଇଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ ।

### ପ୍ରତ୍ୟକ୍ଷଦର୍ଶୀ ଓ ରୋଗୀ ସମ୍ପର୍କୀୟଙ୍କ ମତ

ଆମେ ଆଇସିୟୁ ଉପର ମହଲାରେ ରହୁଥିଲୁ । ରାତି ୨ଟା ୩୦ ମିନିଟ ସମୟ ହେବ ପ୍ରଥମେ ତଳ ମହଲାରୁ ପାଟି ଜୋରରେ ଶୁଭିଲା । ଆମେ ବାହାରକୁ ଆସି ଦେଖିଲା ବେଳକୁ ତଳ ମହଲାରେ ଥିବା ଆଇସିୟୁରୁ ନିଆଁ ଲାଗି ଧୂଆଁ ଗୁଡିକ ଉପର ମହଲାକୁ ଆସୁଥିଲା । ଆମେ ତୁରନ୍ତ ଯାଇକି ଆମ ୱାର୍ଡରେ ଥିବା ନର୍ସ ଦିଦି ଅନ୍ୟ କର୍ମଚାରୀଙ୍କୁ ଡାକ ପକାଇଥିଲୁ । ପରେ ଆମ ରୋଗୀଙ୍କୁ ଧରି ବହୁ କଷ୍ଟରେ ତଳକୁ ଆସିଥିଲୁ ଭାରି । ଭଗବାନ ବଞ୍ଚାଇଦେଲେ ।

- ରୋଗୀଙ୍କ ସମ୍ପର୍କୀୟ

ମୋ ବାପା ଆଇସିୟୁ ୯ ନଂ ବେଡରେ ଚିକିତ୍ସାଧୀନ ଥିଲେ । ଆଇସିୟୁରେ ରୋଗୀ ସମ୍ପର୍କୀୟ ରହିବାର ସୁଯୋଗ ନ ଥିବାରୁ ଆମେ ରାତ୍ରି ଆଶ୍ରୟସ୍ଥଳରେ ଶୋଇଥିଲୁ । ହେଲେ ରାତ୍ରି ୨ଟା ୩୦ରେ ନିଆଁ ଲାଗିବା ଖବର ପାଇବା ପରେ ଆମେ ଆସିକି ଆମ ବାପାଙ୍କୁ ଖୋଜୁଛୁ ହେଲେ ତାଙ୍କ ପତ୍ତା ମିଳିପାରୁ ନାହିଁ । ଯାହାକୁ ବି ଏଠାରେ ପଚାରିଲେ ସିଏ କହୁଛନ୍ତି ସେହି ବିଭାଗକୁ ଯାଅ ସିଏ କହୁଛନ୍ତି ସେଇ ବିଭାଗକୁ ଯାଅ ହେଲେ ବର୍ତ୍ତମାନ ସୁଦ୍ଧା ଆମେ ଆମ ବାପାଙ୍କୁ ପାଇପାରି ନାହୁଁ ।

- ରୋଗୀ ସମ୍ପର୍କୀୟ

- ମୋର ଟିକିଟିକି ଛୁଆ ୪ଟା । ମୋର ସ୍ୱାମୀ ଚାଲିଗଲେ ମୋର ଦୁନିଆ ଭାସିଗଲା ଆଜ୍ଞା କଣ କରିବି । ଗତ ୬ ଦିନ ହେବ ବଡ ମେଡିକାଲକୁ ନେଇକି ଆସିଥିଲି । କାଲି ଟିକେ ଶରୀରର ତାଙ୍କ ସୁସ୍ଥ ହୋଇ ଆସିଥିଲା । ଡାକ୍ତର କହୁଥିଲେ ଆଉ ଅଳ୍ପ ଦିନ ପରେ ଡିସର୍ଚାଜ କରିଦେବେ ବୋଲି ହେଲେ କାଲି ରାତିର କାଳ ନିଆଁରେ ମୋର ସଂସାର ଭାସିଗଲା । ମୁଁ ଅବିକା କଣ କରିବି ।

- ମୃତକଙ୍କ ପତ୍ନୀ

ଆମ ରୋଗୀଙ୍କ ମୃତ୍ୟୁ ଘଟିସାରିଛି । ହେଲେ ମେଡିକାଲ କର୍ତ୍ତୃପକ୍ଷ କିଛି କହୁନାହାନ୍ତି । ନିଆଁ ଏଭଳି ଲାଗିଥିଲା ଯେ ଧୂଆଁ ଏଭଳି ବାହାରିଥିଲା ଯେ ସାଧାରଣ ଲୋକ ତା ଭିତରକୁ ପଶି ପାରୁ ନ ଥିଲେ । ଆଉ ଭେଣ୍ଟିଲେଟରରେ ଥିବା ଗୁରୁତର ରୋଗୀ କିଭଳି ବଞ୍ଚିବ । ବଞ୍ଚିବା ଅସମ୍ଭବ । ଆମ ରୋଗୀଙ୍କୁ ବାହାରକୁ ଆଣିବା ବେଳକୁ ତାଙ୍କ ଶରୀରର ସମ୍ପୂର୍ଣ୍ଣ କଳା ପଡି ସିଝି ଯାଇଥିଲା । ତାଙ୍କ ଶରୀରରେ ଲାଗିଥିବା ନିଆଁକୁ ପାଣି ମାରି ଲିଭାଇଛନ୍ତି । ଯାହା ଫଳରେ ଶରୀରର ସମ୍ପୂର୍ଣ୍ଣ ଓଦା ଥିଲା ।

- ରୋଗୀଙ୍କ ସମ୍ପର୍କୀୟ

ଦୁର୍ଘଟଣାରେ ଭାଇ ଗୁରୁତର ଆହତ ହେବା ପରେ ଦେଢ ମାସ ହେଲାଣି ଆମେ ତାକୁ ଆଣି ଏସସିବି ମେଡିକାଲରେ ଭର୍ତ୍ତି କରିଥିଲୁ । ଭାଇ ଧିରେ ଧିରେ ସୁସ୍ଥ ହୋଇ ଆସୁଥିଲା । ଆଜି ଗୋଟେ ବ୍ଲଡ ଲାଗିବାର ଥିଲା ସେ ନେଇ ଆମେ ରକ୍ତ ଯୋଗାଡ କରିଦେଇଥିଲୁ । ଖୁବ ଶୀଘ୍ର ଆମେ ଭାଇକୁ ନେଇ ଘରକୁ ପଳାଇଥାନ୍ତୁ ହେଲେ ଦୈବ କିଛି ଅଲଗା ଯୋଜନା କରିଥିଲା । ଅଗ୍ନିକାଣ୍ଡରେ ଭାଇର ଜୀବନ ଚାଲିଗଲା । ଯଦି ସଠିକ ସମୟରେ ଉଦ୍ଧାର କାର୍ଯ୍ୟ ହୋଇଥାନ୍ତା ତେବେ ମୋ ଭାଇ ବଞ୍ଚି ପାରିଥାନ୍ତା ।

- ଜିତେନ୍ଦ୍ର ବାରିକ, ମୃତ ଗୌରାଙ୍ଗଙ୍କ ଭାଇ

---

## କଟକ ବଡ଼ ଡ଼ାକ୍ତରଖାନାରେ ୧୦ ଚିକିତ୍ସାଧୀନ ରୋଗୀ ଜୀବନ୍ତ ଦଗ୍ଧ

# ରାଷ୍ଟ୍ରପତିଙ୍କ ପ୍ରାତଃଭୋଜନ ବର୍ଜନ କଲେ ରାଜ୍ୟର ବିଜେଡି ସାଂସଦ

ଭୁବନେଶ୍ୱର, ୧୬।୩ (ସମିସ): ରାଷ୍ଟ୍ରପତିଙ୍କ ଦ୍ୱାରା ଆଜି ଦିଲ୍ଲୀରେ ଅନୁଷ୍ଠିତ ପ୍ରାତଃଭୋଜନ ନିମନ୍ତ୍ରଣକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଛନ୍ତି ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ । କଟକ ବଡ଼ଡ଼ାକ୍ତରଖାନା ଆଇସିୟୁରେ ନିଆଁ ଲାଗି ୧୦ ରୋଗୀଙ୍କ ଜୀବନ ହାନି ଘଟଣାକୁ ନେଇ ବିଜେଡିର ସାଂସଦମାନେ ଉଦ୍‌ବେଗ ପ୍ରକାଶ କରିବା ସହ ନୈତିକତା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଆତିଥ୍ୟ ନିମନ୍ତ୍ରଣକୁ ଅସ୍ୱୀକାର କରିଛନ୍ତି । ତେବେ ଏହି ପ୍ରାତଃଭୋଜନରେ ରାଜ୍ୟରୁ ନିର୍ବାଚିତ ବିଜେପିର ଅନେକ ସାଂସଦ ଯୋଗ ଦେଇଥିବା ସୂଚନା ମିଳିଛି ।

ବିଜେଡି ସାଂସଦ ଡ଼.ସସ୍ମିତ ପାତ୍ର କହିଛନ୍ତି ଯେ ଆଞ୍ଚଳିକ ବିକାଶ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ରାଷ୍ଟ୍ରପତି ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ସାଂସଦମାନଙ୍କୁ ପ୍ରାତଃଭୋଜନ ପାଇଁ ନିମନ୍ତ୍ରଣ କରିଥାଆନ୍ତି । ମାତ୍ର ରାଜ୍ୟରେ ଏତେବଡ଼ ଘଟଣା ଘଟିଥିବା ସମୟରେ ନୈତିକତା ଦୃଷ୍ଟିରୁ ଦଳ ମୃତ ରୋଗୀମାନଙ୍କ ପରିଜନଙ୍କ ସହ ଠିଆ ହେବାକୁ ଉଚିତ ମଣିଛି । ରାଷ୍ଟ୍ରପତିଙ୍କ ପ୍ରାତଃ ଭୋଜନରେ ଯୋଗଦାନ ଅପେକ୍ଷା ଶୋକସନ୍ତପ୍ତ ରୋଗୀମାନଙ୍କ ପରିବାର ସହ ଦୁଃଖ ବାଣ୍ଟିବା ଆମ ପାଇଁ ବେଶୀ ଗୁରୁତ୍ୱ ବହନ କରୁଛି ବୋଲି ଡ଼. ପାତ୍ର କହିଛନ୍ତି ।

ଅନୁରୂପ ଭାବରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ରାଜ୍ୟରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଥିବା ସମୟରେ ରାଷ୍ଟ୍ରପତିଙ୍କ ପ୍ରାତଃଭୋଜନରେ ଯୋଗ ଦେବା ପାଇଁ ମୋର ବିବେକ ମୋତେ ଅନୁମତି ଦେଉନାହିଁ । ନିରୀହ ପୀଡ଼ିତମାନଙ୍କ ପାଇଁ ଶୋକବ୍ୟକ୍ତ ସହ ସେମାନଙ୍କ ଶୋକଗ୍ରସ୍ତ ପରିବାର ସହ ଆମେ ଠିଆ ହେବାକୁ ନିଷ୍ପତ୍ତି ନେଇଛୁ । ଯେଉଁମାନେ ଏହି ଘଟଣାରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛୁ ଓ ଯେଉଁମାନେ ନିଆଁରେ ଗୁରୁତର ହୋଇଛନ୍ତି, ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି । ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପାଇଁ ଶ୍ରୀ ମଙ୍ଗରାଜ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହ ଏହି ସମୟରେ ପ୍ରାତଃଭୋଜନରେ ଯୋଗ ଦେଇ ପାରୁ ନ ଥିବାରୁ ଦୁଃଖପ୍ରକାଶ କରିଛନ୍ତି ।

■ ରାଜ୍ୟସଭା ମତଦାନ ସମୟରେ ଅଭାବନୀୟ ଘଟଣା

# ବିଜେଡି ବିଧାୟକଙ୍କୁ ଗୋଡ଼େଇ ଧରିଲେ ମନ୍ତ୍ରୀ ଓ ଶାସକ ବିଧାୟକ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ନିର୍ବାଚନ ବିଜେପି ଘୋଡ଼ାବେପାର କରୁଥିବା ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାରମ୍ବାର କହି ଆସୁଥିଲେ । ଯାହା ଆଜି ସମସ୍ତେ ଦେଖିଛନ୍ତି । ବିଜେଡିର ଜଣେ ବିଧାୟକଙ୍କୁ ନେବା ପାଇଁ ଆଜି ଟଣା ଓଟରା ସ୍ଥିତି ସୃଷ୍ଟି ହୋଇଛି । ବିଜେପିର ଏକାଧିକ ବିଧାୟକଙ୍କ ସମେତ ଖୋଦ୍ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ବିଜେଡି ବିଧାୟକଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି ।

ସୋମବାର ବିଧାନସଭାରେ ରାଜ୍ୟସଭା ନିର୍ବାଚନ ଲାଗି ଭୋଟିଂ ଆରମ୍ଭରୁ ସୁରୁଖୁରୁରେ ଚାଲିଥିଲା । ଅପରାହ୍ଣରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ନବ ଚରଣ ମଲ୍ଲିକ ବିଧାନସଭାରେ ଭୋଟ୍ ଦାନ ପାଇଁ ପହଞ୍ଚିଥିଲେ । ଏହି ସମୟରେ ଧାଡ଼ିରେ ଠିଆ ହୋଇଥିବା ସମୟରେ ତାଙ୍କୁ ଜଣେ ଅଜଣା ବ୍ୟକ୍ତି ଟାଣି ନେବା ପରେ ବିଜେଡି ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ । ଏହାପରେ ବିଜେପିର ଉପସ୍ଥିତ ବିଧାୟକ ଓ ମନ୍ତ୍ରୀ ମଧ୍ୟ ନବଙ୍କୁ ନିଜ କବ୍‌ଜାକୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ । ଏହି ସମୟରେ ଦୌଡ଼ାଦୌଡ଼ି ସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ବିଜେପି ବିଧାୟକମାନେ ନବଙ୍କୁ ନେଇଯିବାରେ ସକ୍ଷମ ହେବା ହୋଇଥିଲେ ଓ ନବ ମଧ୍ୟ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ ।

ନବ ମଲ୍ଲିକଙ୍କୁ ନେଇ ଦୁଇ ଦଳର ବିଧାୟକମାନେ ମୁହାଁମୁହିଁ ପରିସ୍ଥିତି ଓ ହୋହାଲ୍ଲା ହୋଇଥିଲେ । ଘଟଣା ସମ୍ପର୍କରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜଣେ ଅଜଣା ବ୍ୟକ୍ତି ତାଙ୍କ ହାତ ଧରି ଟାଣି ନେଲେ । ସେ ଭୋଟ ଦେବାକୁ ଲାଇନ୍ ରେ ଛିଡା ହୋଇଥିବା ବେଳେ ତାଙ୍କ ହାତକୁ ଧରି କିପରି ଜଣେ ଅଜଣା ବ୍ୟକ୍ତି ଟାଣିଲେ ବୋଲି ବିଜେଡି ସଦସ୍ୟମାନେ ପ୍ରତିବାଦ କରିଥିଲେ । 'ଆମେ ତାଙ୍କୁ ଟଙ୍କା ଦେଇଛୁ, ସେ ଭୋଟ ଦେବେ' ବୋଲି ସେଠାରେ କୁହାଯାଇଥିଲା । ବିଜେଡି ସଦସ୍ୟମାନେ ଏହି କଥାକୁ ନେଇ ଆପତ୍ତି ଉଠାଇଲେ । ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି । ଏତେ ସୁରକ୍ଷା ଥିବା ସତ୍ତ୍ୱେ ବିଧାନସଭା ପରିସରକୁ ଜଣେ ଅଜଣା ବ୍ୟକ୍ତି ପଶିବା ଓ ଘୋଡ଼ା ବେପାର କଥା କହିବାକୁ ନେଇ ଶ୍ରୀ ବେହେରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନ୍ୟପଟେ ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିଜେଡି ସଦସ୍ୟମାନେ ଜଣେ ବିଧାୟକଙ୍କୁ ଧମକ ଦେଉଥିଲେ ବୋଲି ଆମେ ସମ୍ପୃକ୍ତ ବିଧାୟକଙ୍କୁ ସୁରକ୍ଷା ଦେଇଥିଲୁ ।

## ରାଜ୍ୟସଭାରେ ପ୍ରତିବାଦ

ରାଜ୍ୟସଭା ନିର୍ବାଚନରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟବାର ମତଦାନ ସୁଯୋଗ ପ୍ରସଙ୍ଗକୁ ନେଇ ରାଜ୍ୟସଭାରେ ତୀବ୍ର ପ୍ରତିବାଦ କରିଛି ବିଜେଡି । ରାଜ୍ୟସଭାରେ ଦଳର ସଚେତକ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ମୁନ୍ନା ଖାଁ, ସୁଲତା ଦେଓ, ନିରଞ୍ଜନ ବିଶି ଓ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଏହି ପ୍ରସଙ୍ଗ ଉଠାଇ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନରେ ଅନିୟମିତା ସଂକ୍ରାନ୍ତରେ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସମ୍ପୃକ୍ତ ବିଧାୟିକା ମତଦାନ ପରେ ତାଙ୍କର ବାଲାଟ ପେପର ଓଭର ରାଇଟ ହୋଇଥିବା ସମସ୍ତଙ୍କୁ ଦେଖାଇଥିଲେ ଓ ନିୟମ ଅନୁସାରେ ଏହା ନାକଚ ହୋଇଯିବା କଥା । ମାତ୍ର ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ ତାଙ୍କୁ ଦ୍ୱିତୀୟବାର ମତଦାନ ପାଇଁ ସୁଯୋଗ ଦିଆଯାଇଛି ବୋଲି ବିଜେଡି ସାଂସଦମାନେ ଅଭିଯୋଗ କରିଛନ୍ତି । ରାଜ୍ୟସଭା ଉପାଧ୍ୟକ୍ଷ ଏହି ପ୍ରସଙ୍ଗ ତାଙ୍କ ପରିସରଭୁକ୍ତ ନୁହେଁ ଓ ନିର୍ବାଚନ କମିଶନଙ୍କ ଅଧୀନସ୍ଥ ବୋଲି ଉଲ୍ଲେଖ କରିଥିଲେ । ଏଥିରେ ଅସନ୍ତୋଷ ପ୍ରକାଶ କରି ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ କକ୍ଷତ୍ୟାଗ କରିଥିବା ସୂଚନା ମିଳିଛି ।

### କ୍ରସ ଭୋଟିଂ କରିଥିବା ବିଧାୟକଙ୍କ


ସନାତନ ମହାକୁଡ଼ | ଅରବିନ୍ଦ ମହାପାତ୍ର | ସୌଭିକ ବିଶ୍ୱାଳ | ରମାକାନ୍ତ ଭୋଇ | ଚକ୍ରମଣି କହଁର | ଦେବୀ ରଞ୍ଜନ ତ୍ରିପାଠୀ | ଦାଶରଥୀ ଗମାଙ୍ଗୋ | ରମେଶ ଜେନା | ନବ କିଶୋର ମଲ୍ଲିକ | ସୋଫିଆ ଫିରଦୋସ | ସୁବାସିନୀ ଜେନା

## ଦୁଇଥର ଭୋଟ ଦେଲେ ଉପାସନା

# ଭୋଟିଂ ରୁମ୍‌ରେ ଶାସକ ଓ ବିରୋଧୀ ଏଜେଣ୍ଟ କଥା କଟାକଟି

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ମତଦାନ ସମୟରେ ବିଧାୟିକା ଉପାସନା ମହାପାତ୍ରଙ୍କ ଭୋଟ ସମୟରେ ଘଟିଛି ତୁମୁଳକାଣ୍ଡ । ମତଦାନ ସମୟରେ ପ୍ରଥମ ଥର ମତଦାନ ପରେ 'ଓଭର ରାଇଟିଂ' ଯୋଗୁଁ ତାଙ୍କୁ ଦ୍ୱିତୀୟବାର ବାଲାଟ ଦିଆଯିବା ଓ ସେ ଦ୍ୱିତୀୟବାର ମତଦାନ କରିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ତାଙ୍କୁ ଦ୍ୱିତୀୟବାର ମତଦାନ ସୁଯୋଗ ପ୍ରଦାନ ବିରୋଧ ସହ ତାଙ୍କ ଭୋଟକୁ ନାକଚ କରିବା ପାଇଁ ବିଜେଡି ଏଜେଣ୍ଟ, ପ୍ରାର୍ଥୀ ଓ ସଦସ୍ୟମାନେ ଅଡ଼ି ବସିଥିଲେ ହେଁ ତାହାକ ପ୍ରିଜାଇଡିଂ ଅଫିସର ଗ୍ରହଣ କରିନାହାନ୍ତି; ଯାହାକୁ ନେଇ ମତଦାନ ଗୃହରେ କିଛି ସମୟ ଅଚଳାବସ୍ଥା ସୃଷ୍ଟି ହୋଇଛି ।

ରାଜ୍ୟସଭା ଭୋଟିଂ ବେଳେ ଉପାସନା ମହାପାତ୍ର ଭୋଟ ଦେବା ପାଇଁ ଆସିଥିଲେ । ପ୍ରଥମେ ସେ ନିର୍ବାଚନ ଅଧିକାରୀଙ୍କଠାରୁ ବାଲଟ ପେପର ନେଇ ମତଦାନ କରିଥିଲେ । ମାତ୍ର ଭୋଟ ବାକ୍ସରେ ବାଲଟ ପେପର ପକାଇବା ପୂର୍ବରୁ ଏଥିରେ 'ଓଭର ରାଇଟିଙ୍ଗ' ହୋଇଯାଇଥିବା ନେଇ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ତେଣୁ ତାଙ୍କୁ ଆଉ ଗୋଟିଏ ବାଲଟ ପେପର ଯୋଗାଇଦେବାକୁ କହିଥିଲେ । ଏହାକୁ ନେଇ ବିଜେଡି ଦଳୀୟ ଏଜେଣ୍ଟ ପ୍ରତାପ କେଶରୀ ଦେବ ଓ ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ ବିରୋଧ କରିଥିଲେ । ରୁଲ ୪୧ ଅନୁଯାୟୀ ଜଣେ ଭୋଟରଙ୍କୁ ଦୁଇଟି ବାଲଟ ପେପର ଦିଆଯାଇପାରିବ ନାହିଁ ବୋଲି ସେମାନେ ଦର୍ଶାଇଥିଲେ । ବିଜେପି ପକ୍ଷରୁ ଭୋଟିଂ ରୁମ୍‌ରେ ପୋଲିଂ ଏଜେଣ୍ଟ ଥିବା ଇରାଶିଷ ଆଚାର୍ଯ୍ୟ ଓ ସନ୍ତୋଷ ଖଟୁଆ ଉପାସନାଙ୍କ ସପକ୍ଷରେ ଯୁକ୍ତି କରିବା ସହ ତାଙ୍କୁ ପୁନର୍ବାର ବାଲଟ ପେପର ଯୋଗାଇ ଦେବାକୁ ଦାବି କରିଥିଲେ । କଂଗ୍ରେସର ପ୍ରତିନିଧି ଅରବିନ୍ଦ ଦାସ ମଧ୍ୟ ଦ୍ୱିତୀୟ ବାଲଟ ପେପର ପ୍ରଦାନ ଉପରେ ଆପତ୍ତି ଉଠାଇଥିଲେ । 'ଓଭର ରାଇଟିଂ' ବିଷୟରେ ସର୍ବସମ୍ମୁଖରେ ପ୍ରକାଶ କରିଥିବାରୁ ଏହି ଭୋଟ ନାକଚ ହେବା ଉଚିତ୍ ବୋଲି ପ୍ରତାପ ଦେବ ଦାବି କରିଥିଲେ ।

ପରେ ପରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ମଧ୍ୟ ଏହି ଭୋଟକୁ ନାକଚ କରିବାକୁ ଦାବି କରିଥିଲେ । ଏହି ଯୁକ୍ତିତର୍କ ଯୋଗୁଁ ଭୋଟ ଦାନ ପ୍ରକ୍ରିୟା ପ୍ରାୟ ୪୦ ମିନିଟ ଧରି ବନ୍ଦ ରହିବା ସହ ବିବାଦ ତୀବ୍ର ହୋଇଥିଲା । ଶେଷରେ ନିର୍ବାଚନ ଅଧିକାରୀ ଉପାସନାଙ୍କୁ ଦ୍ୱିତୀୟ ଥର ବାଲଟ ପେପର ଦେବାକୁ ନିଷ୍ପତ୍ତି ନେଇଥିଲେ । ପ୍ରମିଳା ମଲ୍ଲିକ ଏହାକୁ କଠୋର ସମାଲୋଚନା କରିବା ସହ ଭାରତ ବର୍ଷରେ କେବେ ଏଭଳି ଘଟଣା ଘଟି ନ ଥିଲା ବୋଲି କହିଥିଲେ ।

### ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ନବୀନ

ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ରାଜ୍ୟସଭା ନିର୍ବାଚନରେ ଦୁଇଥର ବାଲଟ ପେପର ଦିଆଯିବା ଓ ଦ୍ୱିତୀୟବାର ତାଙ୍କୁ ମତଦାନ କରିବାକୁ ସୁଯୋଗ ପ୍ରଦାନକୁ ବିରୋଧ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି ଯେ ବ୍ରହ୍ମଗିରି ବିଧାୟିକାଙ୍କୁ ଦିଆଯାଇଥିବା ସୁଯୋଗ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ । ସେ ତ୍ରୁଟିପୂର୍ଣ୍ଣର୍ ଭାବେ ଭୋଟ ଦେଇଥିଲେ । ଭୋଟ ଦାନ ପ୍ରକୋଷ୍ଠରେ ଥିବା ଅଧିକାରୀମାନେ ବେଆଇନ ଭାବେ ତାଙ୍କୁ ବାଲଟ ପେପର ଦେଇଛନ୍ତି । ଏହା ନିର୍ବାଚନ ନିୟମାବଳୀର ବିରୋଧାଚରଣ କରୁଛି । ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ ଓ ନିର୍ବାଚନୀ ପ୍ରକ୍ରିୟାର ଉଲଂଘନ । ଆମେ ଏହାକୁ ତୀବ୍ର ବିରୋଧ କରୁଛୁ । ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସେମାନେ ଧ୍ୱଂସ କରୁଛନ୍ତି ଓ ନିର୍ବାଚନ ପ୍ରକ୍ରିୟାରେ ଏହା ସ୍ୱଚ୍ଛ ପରମ୍ପରା ନୁହେଁ ବୋଲି ନବୀନ କହିଛନ୍ତି ।

# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-258 ◆TUESDAY ◆17 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୫୮ ◆ମଙ୍ଗଳବାର ◆୧୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଶବ ସତ୍କାର ବେଳେ ଆଖି ଖୋଲିଲେ ମହିଳା

ବାଲେଶ୍ୱର, ୧୬।୩ (ସମିସ): ଅନ୍ତିମ ସଂସ୍କାର ପାଇଁ ମଶାଣିରେ ସବୁ ବନ୍ଦୋବସ୍ତ ସରିଥିଲା। ଘର ଦୁଆର ମୁହଁରେ ବି କୋକେଇ ବନ୍ଧା ସରିଥିଲା। ଖାଲି ଅପେକ୍ଷା ଥିଲା ଆମ୍ବୁଲାନ୍ସକୁ। ଭୁବନେଶ୍ୱରରୁ ଶବ ଫେରିବା ପରେ ମଶାଣିକୁ ନେବା ପାଇଁ ଘରଲୋକ ତରତର ହେଉଥିବା ବେଳେ ହଠାତ୍ ଚେଇଁ ଉଠିଲେ ମହିଳା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଓଲମରା ପଞ୍ଚାୟତର ରାଜନଗର ଗାଁରେ ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମହିଳାଜଣଙ୍କ ହେଲେ, ଗାଁର ତାପସ କୁମାର ଅଠାଙ୍କ ସ୍ତ୍ରୀ ଅମିତା ଅଠା (୩୪)। ତାଙ୍କୁ ଗୁରୁତର ଅବସ୍ଥାରେ ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଅମିତା ଗର୍ଭବତୀ ଥିଲେ। ଗତ ୧୩ ତାରିଖରେ ତାଙ୍କର ଗର୍ଭଯନ୍ତ୍ରଣା ହେବାରୁ ପରିବାରଲୋକେ ପ୍ରଥମେ ତାଙ୍କୁ ହାତୀଗଡ଼ସ୍ଥିତ ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର ▶ପୃଷ୍ଠା-୭

# ରାଜ୍ୟ ସ୍ତବ୍ଧ

# ଏସ୍‌ସିବିରେ ଜଳିଗଲେ ୧୦ ରୋଗୀ

## ୫ ସଂକଟାପନ୍ନ: ୮ ଗୁରୁତରଙ୍କ ଚାଲିଛି ଚିକିତ୍ସା



- ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ରବିବାର ରାତି ୨ଟା-୫୮ ରେ କାଜୁଆଲଟି ଟ୍ରମା ଆଇସିୟୁରେ ଲାଗିଥିଲା ନିଆଁ
- ଫେଲ୍ ମାରିଲା ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା
- ସ୍ପ୍ରିଙ୍କଲର୍ ଓ ଫାୟାର୍ ଏକ୍ସଟିଙ୍ଗୁଇସର୍ ଅକାମୀ

କଟକ,୧୬।୩ (ସମିସ): ରାଜ୍ୟର ସର୍ବବୃହତ୍ ଓ ପ୍ରାଚୀନ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ ରୋଗୀ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୧୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ମୃତକମାନେ ହେଲେ, ଚୌଦ୍ୱାରର ରମେଶ ଚନ୍ଦ୍ର ପରିଡ଼ା (୪୫), କେନ୍ଦୁଝରର ଦାଶରୁ ମୁଣ୍ଡା (୬୫), ଭୁବନେଶ୍ୱର ଡୁମୁଡୁମାର ଏମ୍‌ଡି ନଇମ୍ (୩୫), କଟକ ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚନ୍ଦ୍ର ବାରିକ(୪୦), ବାଲେଶ୍ୱରର ମଧୁସୂଦନ ଦଳାଇ (୫୬), କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ରବୀନ୍ଦ୍ର ଦାସ (୩୦), ଅନୁଗୋଳର ଚେରୁ ପରିଡ଼ା (୧୦୦), କେନ୍ଦ୍ରାପଡ଼ା ମହାକାଳପଡ଼ାର ମେନକା ରାଉତ(୭୦), କଟକର ଏସ୍.କେ ଅବଦୁଲ ସତାର୍(୮୦) ଏବଂ ଯାଜପୁର ଧର୍ମଶାଳାର କୃଷ୍ଣଚନ୍ଦ୍ର ବିଶ୍ୱାଳ (୭୫)। ସେହିପରି ସଂକଟାପନ୍ନ ରୋଗୀମାନେ ହେଲେ, ପଶ୍ଚିମବଙ୍ଗର ମହେଶ୍ୱର ମହାତୋ (୫୫), ଅନୁଗୋଳ ବଁଅରପାଳର ସୁମନ କୁମାର ସାହୁ (୩୦), ବାଲେଶ୍ୱରର ଦୟାନିଧି ମାଝୀ (୪୫), ଭଦ୍ରକର କଲ୍ୟାଣୀ ମଲ୍ଲିକ (୧୧) ଏବଂ କୋରାପୁଟର ପବିତ୍ର ତିଶାରୀ (୨୦)। ଗୁରୁତର ଆହତଙ୍କ ମଧ୍ୟରେ କେତେକ ଆଇସିୟୁ କର୍ମଚାରୀ ରହିଥିବା ସୂଚନା ମିଳିଛି। ବ୍ୟବଚ୍ଛେଦ ▶ପୃଷ୍ଠା-୭

## କିଏ ନେବ ନୈତିକ ଦାୟିତ୍ୱ?

### ମନ୍ତ୍ରୀ, ସଚିବ ନା ଡାକ୍ତରଖାନା ଅଧୀକ୍ଷକ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟର ସବୁଠାରୁ ପ୍ରତିଷ୍ଠିତ କଟକସ୍ଥିତ ଏସ୍‌ସିବି ମେଡିକାଲ ଆଇସିୟୁରେ ନିଆଁ ଲାଗି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଅଗ୍ନିଦଗ୍ଧ ଆଉ ୧୦ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି ଓ ଚଳିତ ଦଶନ୍ଧିରେ ଏହା ରାଜ୍ୟର ସବୁଠାରୁ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି। ଘଟଣାରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଶୋକ ଓ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାର ନୈତିକ ଦାୟିତ୍ୱ କିଏ ନେବ, ତାହାକୁ ରାଜ୍ୟବାସୀ ଚାହିଁ ରହିଛନ୍ତି। ସରକାର, ସ୍ୱାସ୍ଥ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଡାକ୍ତରଖାନା କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଘଟଣାରେ ଦୁଃଖ ଓ ଶୋକ ପ୍ରକାଶ କରିଥିଲେ ସୁଦ୍ଧା କେହି ଜଣେ ବି ନୈତିକ ଦାୟିତ୍ୱ ନେବା ପାଇଁ ମୁଣ୍ଡ ଦେଖାଇ ନାହାନ୍ତି।

ପ୍ରାୟ ଏକ ଦଶନ୍ଧି ତଳେ ରାଜଧାନୀର ଏକ ଘରୋଇ ଡାକ୍ତରଖାନାରେ ନିଆଁ ଲାଗି ୨୨ ଜଣ ପ୍ରାଣ ହରାଇଥିଲେ। ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସହ ଡାକ୍ତରଖାନାର ମାଲିକଙ୍କ ଗିରଫ ଦାବି କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ ଓ ସମ୍ପୃକ୍ତ ▶ପୃଷ୍ଠା-୭

## ଏନଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

କଟକ,୧୬।୩(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡକୁ ଜାତୀୟ ମାନବାଧିକାର କମିସନ୍ (ଏନ୍ଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ମୃତ ଓ ପୀଡ଼ିତଙ୍କୁ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହ୍ୟୁମାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏନ୍ଏଚ୍ଆର୍‌ସି ସଦସ୍ୟ ଜଷ୍ଟିସ ବି.ଆର ଷଡ଼ଙ୍ଗୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧୫ ଦିନ ଭିତରେ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ସେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ▶ପୃଷ୍ଠା-୭

## ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା ଓ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ



କଟକ ଏସସିବି ମେଡିକାଲର ଆଇସିୟୁରେ ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହସ୍ପିଟାଲରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେ ଏହାର ନ୍ୟାୟିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଜଷ୍ଟିସ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ନିଯୁକ୍ତି ଦେଇଛନ୍ତି। ସେ ଏହାର ନ୍ୟାୟିକ ତଦନ୍ତ କରି ଆସନ୍ତା ୬୦ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

## ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଏସସିବି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତାହତଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାରକୁ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ," ବୋଲି 'ଏକ୍ସ'ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି। କଟକ ଏସସିବି ମେଡିକାଲ ଟ୍ରମା କେୟାର ଅଗ୍ନିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଏସ୍‌ସିବିରେ ଆହତ ରୋଗୀଙ୍କୁ ଭେଟିଲେ ନବୀନ



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ କଟକ ଯାଇ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସ୍‌ସିବି ମେଡିକାଲ କଲେଜ ର ଆଇସିୟୁ ବୁଲି ଦେଖିବା ସହ ସ୍ଥାନାନ୍ତର ହୋଇଥିବା ଆହତ ରୋଗୀଙ୍କୁ ଭେଟିଛନ୍ତି। ଏହି ସମୟରେ ନବୀନ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତର ମାନଙ୍କ ସହ ଆଲୋଚନା କରିଛନ୍ତି। କଟକ ବଡ଼ ଡାକ୍ତରଖାନା ପରି ଦେଶର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଅନୁଷ୍ଠାନର ଆଇସିୟୁରେ ଏଭଳି ଦୁର୍ଘଟଣାରେ ଶ୍ରୀ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଟକ ମେୟର ସୁବାସ ସିଂଙ୍କ ସମେତ ବିଜେଡିର ନେତୃବର୍ଗ କଟକ ମେଡିକାଲ କଲେଜକୁ ଯାଇ ଥିଲେ। ସକାଳେ ଦୁର୍ଘଟଟଣା ପରେ ନବୀନ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଗୁରୁତର ଆହତଙ୍କ ଆରୋଗ୍ୟ କାମନା ସହ ସର୍ବୋତମ ଚିକିତ୍ସା ଦାବି କରିଥିଲେ। ଏହାସହିତ କଟକ ମେୟର ଓ ଟାଙ୍ଗୀ ଚୌଦ୍ୱାର ବିଧାୟକଙ୍କୁ ଘଟଣା ସ୍ଥଳରେ ପହଞ୍ଚି ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ମମତାଙ୍କୁ ସିଇସି ଛାଟ

### ବଦଳିଲେ ମୁଖ୍ୟ ସଚିବ, ଗୃହ ସଚିବ, ଡିଜିପି

କୋଲକାତା, ୧୬।୩ (ଏଜେନ୍ସି): ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗ ପୁଲିସ ଏବଂ ପ୍ରଶାସନିକ ସ୍ତରରେ ନିର୍ବାଚନ କମିସନ ବଡ଼ ଧରଣର ଅଦଳବଦଳ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ଏବଂ ଗୃହ ସଚିବଙ୍କୁ ହଟାଇ ଦେଇଛନ୍ତି। ସେହି ପଦବୀରେ ନୂତନ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ ଅଧିକାରୀ ଦୁଷ୍ୟନ୍ତ ନାରିଆଲା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେ।।ଳେ ପୀୟୂଷ ପାଣ୍ଡେଙ୍କ ସ୍ଥାନରେ ବରିଷ୍ଠ ପୋଲିସ ଅଧିକାରୀ ସିଦ୍ଧ ନାଥ ଗୁପ୍ତାଙ୍କୁ ନୂଆ ଡିଜିପି ନିଯୁକ୍ତ କରାଯାଇଛି। ଏହାବ୍ୟତୀତ କୋଲକାତା ପୁଲିସ କମିସନରଙ୍କ ସମେତ ଅନ୍ୟ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ବଦଳି କରିଛନ୍ତି। ସୁପ୍ରତିମ ସରକାରଙ୍କ ସ୍ଥାନରେ ବରିଷ୍ଠ ଅଧିକାରୀ ଅଜୟ କୁମାର ନନ୍ଦଙ୍କୁ କୋଲକାତା ପୁଲିସ କମିସନର ନିଯୁକ୍ତ କରାଯାଇଛି।

ନଟରାଜନ ରମେଶ ବାବୁଙ୍କୁ ରାଜ୍ୟ ସଂଶୋଧନ ସେବା (ଡିଜିସିଏସ)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଅଜୟ ମୁକୁନ୍ଦ ରାନାଡେଙ୍କୁ ପୁଲିସ ଅତିରିକ୍ତ ମହାନିର୍ଦ୍ଦେଶକ ଏବଂ ପୁଲିସ ମହାନିରୀକ୍ଷକ (ଆଇନ ଶୃଙ୍ଖଳା) ନିଯୁକ୍ତ କରାଯାଇଛି। ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ବଦଳି ହୋଇଥିବା ଅଧିକାରୀମାନଙ୍କୁ କୌଣସି ନିର୍ବାଚନ ସମ୍ବନ୍ଧିତ ପଦବୀରେ ଅବସ୍ଥାପିତ ନ କରିବାକୁ କମିସନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଏହି ନିଯୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏବଂ ଅଧିକାରୀମାନେ ଅପରାହ୍ନ ୩ଟା ସୁଦ୍ଧା ଦାୟିତ୍ୱ ଗ୍ରହଣ କରିଥିବା ନେଇ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ▶ପୃଷ୍ଠା-୭

## ଗିରିଜା ବଳୀୟାରସିଂହଙ୍କୁ ସାହିତ୍ୟ ଅକାଦେମି ପୁରସ୍କାର



'ପାଦପୂରଣ' କବିତା ପୁସ୍ତକ ପାଇଁ ପୁରସ୍କାର

ଭୁବନେଶ୍ୱର, ୧୬।୩ (ସମିସ): ୨୦୨୫ ମସିହା ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ନିମନ୍ତେ ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ମନୋନୀତ ହୋଇଛନ୍ତି। ଆଜି ସାହିତ୍ୟ ଅକାଦେମି ପକ୍ଷରୁ ୨୪ଟି ଭାଷା ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଏହି କ୍ରମରେ ଓଡ଼ିଆ ଭାଷା ପାଇଁ ଶ୍ରୀ ବଳୀୟାରସିଂହ ଏହି ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। 'ପାଦପୂରଣ' କବିତା ପୁସ୍ତକ ପାଇଁ ସେ ଏହି ପୁରସ୍କାର ପାଇବେ ବୋଲି ଅକାଦେମିର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ▶ପୃଷ୍ଠା-୭

### ରାଜ୍ୟସଭା ନିର୍ବାଚନ

## ମନମୋହନ, ସୁଜିତ୍, ସଂତୃପ୍ତଙ୍କ ସହଜ ବିଜୟ

### ଦିଲ୍ଲୀପଙ୍କ ସପକ୍ଷରେ ୧୧ ବିଧାୟକଙ୍କ କ୍ରସ ଭୋଟିଂ






ଭୁବନେଶ୍ୱର,୧୬।୩(ସମିସ): ସୋମବାର ଶେଷ ହୋଇଛି ରାଜ୍ୟର ୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ। ଆକଳନ ଅନୁସାରେ ୪ଟି ଆସନରୁ ବିଜେପିର ମନମୋହନ ସାମଲ, ସୁଜିତ୍ କୁମାର, ବିଜେଡିର ସଂତୃପ୍ତ ମିଶ୍ର ସହଜ ବିଜୟ ହାସଲ କରିଛନ୍ତି । ମାତ୍ର ୪ର୍ଥ ଆସନରେ ବିଜେଡି ଘୋଷିତ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି । ଉଭୟ

- ଦିଲ୍ଲୀପ ଓ ଦତ୍ତେଶ୍ୱରଙ୍କୁ ସମାନ ପ୍ରଥମ ପସନ୍ଦ ଭୋଟ
- ଦ୍ୱିତୀୟ ପସନ୍ଦ ଭୋଟରେ ବିଜୟୀ ହେଲେ ଦିଲ୍ଲୀପ

ଦିଲ୍ଲୀପ ଓ ଦତ୍ତେଶ୍ୱର ପ୍ରଥମ ପସନ୍ଦରେ ୨୩ଟି ଲେଖାଏଁ ଭୋଟ ପାଇବାରୁ ଦ୍ୱିତୀୟ ପସନ୍ଦ ଭୋଟ ଗଣତି କରାଯାଇଛି । ଏଥିରେ ଦତ୍ତେଶ୍ୱରଙ୍କଠାରୁ ଦିଲ୍ଲୀପ ଯଥେଷ୍ଟ ଅଧିକ ଭୋଟ ପାଇ ୪ର୍ଥ ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ବିଜେଡିର ୨ ନିଲମ୍ବିତ ସଦସ୍ୟଙ୍କ ସହ ୮ ଜଣ ବିଧାୟକ ଓ କଂଗ୍ରେସର ୩ ଜଣ ବିଧାୟକ ଦିଲ୍ଲୀପଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ଜଣାପଡ଼ିଛି ।

ବିଜେଡିର ଦୁଇ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼, ଅରବିନ୍ଦ ମହାପାତ୍ର ଓ ନିକଟରେ ଦଳରୁ ନିଲମ୍ବିତ ପ୍ରଭାତ ବିଶ୍ୱାଳଙ୍କ ବିଧାୟକ ପୁତ୍ର ସୌଭିକ ବିଶ୍ୱାଳ କ୍ରସ ଭୋଟିଂ କରିପାରନ୍ତି ବୋଲି ପୂର୍ବରୁ ସବୁ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ବୈଠକରେ ଚକ୍ରମଣି କହଁର ଓ ନବ ମଲ୍ଲିକଙ୍କ ଅନୁପସ୍ଥିତି କ୍ରସ ଭୋଟିଂକୁ ଇଙ୍ଗିତ କରିଥିଲା । ମାତ୍ର ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବସ୍ତା ବିଧାୟିକା ସୁବାସିନୀ ଜେନା ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ କଂଗ୍ରେସ ଓ ଦଳର ସଭାପତିଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି କଟକ ବିଧାୟିକା ସୋଫିଆ ଫିରଦୋସ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ଦାଶରଥୀ ଗମାଙ୍ଗୋ କ୍ରସ ଭୋଟିଂ କରିଥିବା ପିସିସି ସଭାପତି ସୂଚନା ଦେଇଛନ୍ତି ।

ସୋମବାର ସକାଳୁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରୁ ଭୋଟ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଜାରି ରହିଥିଲା। ସନ୍ଧ୍ୟା ୬ଟାରେ ଭୋଟ ଗଣତି ଆରମ୍ଭ ହୋଇଥିବା ବେଳେ ପ୍ରଥମ ପସନ୍ଦରେ ମନମୋହନ ସାମଲଙ୍କୁ ୩୫ଟି, ସୁଜିତ୍ କୁମାରଙ୍କୁ ୩୫ଟି, ଡ. ସଂତୃପ୍ତ ମିଶ୍ରଙ୍କୁ ୩୧ଟି ଡାକ୍ତର ଦତ୍ତେଶ୍ୱର୍ ହୋତାଙ୍କୁ ୨୩ଟି ଏବଂ ଦିଲ୍ଲୀପ ରାୟଙ୍କୁ ୨୩ଟି ଭୋଟ ମିଳିଥିଲା। ରାଜ୍ୟସଭା ନିର୍ବାଚନରେ ନିୟମ ଅନୁଯାୟୀ ପ୍ରତି ବିଧାୟକଙ୍କ ଭୋଟର ମୂଲ୍ୟ ୧୦୦ ହୋଇଥାଏ। ଅପରପକ୍ଷେ ଓଡ଼ିଶା ବିଧାନସଭାର ବିଧାୟକଙ୍କ ସଂଖ୍ୟାକୁ ବିଚାରକୁ ନେଲେ ପ୍ରତି ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ମୋଟ ୨୯୪୧ ମୂଲ୍ୟ ଭୋଟର ଆବଶ୍ୟକତା ପଡ଼ିଥିଲା। ଏହି ଅନୁସାରେ ମନମୋହନ ଓ ସୁଜିତଙ୍କୁ ୩୫୦୦ ଲେଖାଏଁ ଭୋଟ ମିଳିଥିବା ବେଳେ ସଂତୃପ୍ତଙ୍କୁ ୩୧୦୦ ଦତ୍ତେଶ୍ୱରଙ୍କୁ ୨୩୦୦ ଏବଂ ଦିଲ୍ଲୀପଙ୍କୁ ୨୩୦୦ ଭୋଟ ମିଳିଥିଲା। ଉଭୟ ଦତ୍ତେଶ୍ୱର ଏବଂ ଦିଲ୍ଲୀପଙ୍କୁ ସମାନ ଭୋଟ ମିଳିଥିବା ବେଳେ ଲଟେରୀରେ ବିଜେପି ପ୍ରାର୍ଥୀ ସୁଜିତ୍ କୁମାରଙ୍କ ବଳକା ଦ୍ୱିତୀୟ ପସନ୍ଦ ୫୫୯ ମୂଲ୍ୟର ଭୋଟ ଦିଲ୍ଲୀପ ରାୟଙ୍କ ଖାତାକୁ ଯାଇଥିଲା। ମନମୋହନଙ୍କ ଭୋଟ ମୂଲ୍ୟ ୩୫୦୦ ରହିଥିବା ବେଳେ ସୁଜିତ୍ କୁମାରଙ୍କ ଭୋଟ ସଂଖ୍ୟା ▶ପୃଷ୍ଠା-୭

### ରାଜ୍ୟସଭା ନିର୍ବାଚନରେ ବି ଭୋଟ ଚୋରି

## ସବୁଠି କ୍ରସ୍‌ଭୋଟିଂ, ଅନୁପସ୍ଥିତି, ଅନିୟମିତତା

ନୂଆଦିଲ୍ଲୀ, ୧୬।୩: ବ୍ୟାପକ କ୍ରସଭୋଟିଂ, ଅନୁପସ୍ଥିତି ଏବଂ ଅନିୟମିତତା ଅଭିଯୋଗ ମଧ୍ୟରେ ଆଜି ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୧୦ଟି ରାଜ୍ୟ ପାଇଁ ଖାଲିପଡ଼ିଥିବା ୩୭ ଆସନ ମଧ୍ୟରୁ ୨୬ ଜଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବେଳେ ଆଜି ବିହାର, ଓଡ଼ିଶା ଏବଂ ହରିଆଣାରେ ୧୧ଟି ଆସନ ପାଇଁ ନିର୍ବାଚନ ହୋଇଛି। ବିଜେପି ମେଣ୍ଟ ବିହାରେ ସମସ୍ତ ୫ଟି ଯାକ ଆସନ ହାସଲ କରିଛି। ଓଡ଼ିଶାରେ ବିଜେପିର ଦୁଇ ଜଣ ନିର୍ବାଚିତ ହୋଇଥିବା ବେଳେ ବିଜେପି ସମର୍ଥିତ ପ୍ରାର୍ଥୀ କ୍ରସଭୋଟିଂ ସହାୟତାରେ ବିଜୟୀ ହୋଇଛନ୍ତି। ବିଜେଡିର ଜଣେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ବିହାରେରେ ଖାଲି ପଡ଼ିଥିବା ୫ଟି ଆସନ ପାଇଁ ଆଜି ମତଦାନ ହୋଇଥିଲା। ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ବିଜେପି ମେଣ୍ଟ ୪ଟି ଆସନ ପାଇବା କଥା। ମାତ୍ର କ୍ରସଭୋଟିଂ ଏବଂ କିଛି ବିଧାୟକଙ୍କ ଅନୁପସ୍ଥିତି ଜରିଆରେ ଆଉ ଗୋଟିଏ ଆସନ ହାତେଇ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପି ସଭାପତି ନିତିନ ନବୀନଙ୍କ ସମେତ ୫ ଜଣ ବିଜୟୀ ହୋଇଛନ୍ତି। ପଞ୍ଚମ ଆସନରେ ମହାମେଣ୍ଟ ପ୍ରାର୍ଥୀ ଜିତିବା କଥା। କିନ୍ତୁ କଂଗ୍ରେସର ତିନି ଏବଂ ଆରଜେଡିର ଜଣେ ବିଧାୟକ ଭୋଟ ଦେବାକୁ ଆସିନଥିଲେ।

- ବିହାରରେ ସଂଖ୍ୟା ନ ଥାଇ ବିଜେପି ମେଣ୍ଟ ହାତେଇଲା ୫ଟି ଆସନ
- ହରିଆଣାରେ ବିବାଦ ଯୋଗୁଁ ଫଳାଫଳ ବିଳମ୍ବିତ

ସେହିଭଳି ହରିଆଣାରେ ଦୁଇଟି ଆସନ ପାଇଁ ଆଜି ମତଦାନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳାଫଳ ଘୋଷଣା ହୋଇପାରି ନାହିଁ। ଉଭୟ କଂଗ୍ରେସ ଏବଂ ବିଜେପି ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ବିଜେପି ଏବଂ କଂଗ୍ରେସକୁ ଗୋଟିଏ ଲେଖାଏଁ ଆସନ ମିଳିବା କଥା। କିନ୍ତୁ ବିଜେପି ଆଉ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇ କ୍ରସଭୋଟିଂ ପାଇଁ ସୁଯୋଗ ସୃଷ୍ଟି କରିଛି। ୯୦ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ୪୮ ସଭ୍ୟ ଥିବା ବେଳେ କଂଗ୍ରେସର ୩୭ ଜଣ ସଭ୍ୟ ଅଛନ୍ତି। ତିନି ଜଣ ପ୍ରାର୍ଥୀ ଥିବାରୁ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୧ ବିଧାୟକଙ୍କ ଭୋଟ ଦରକାର। ସଂଖ୍ୟା ଦୃଷ୍ଟିରୁ ବିଜେପିଏବଂକଂଗ୍ରେସକୁଗୋଟିଏଆସନସହଜରେମିଳିବା କଥା। କିନ୍ତୁ କଂଗ୍ରେସ ଭୋଟ ନେଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ବିଜପି ଉଦ୍ୟମ କରିଥିବାରୁ କଂଗ୍ରେସ ଏହାର ସମାଲୋଚନା କରି ଏହାକୁ ଭୋଟ ଚୋରି ବୋଲି କହିଛି।

## ରାମନବମୀ ଉପଲକ୍ଷେ ଶ୍ରୀରାମ ସେନାର ସାମ୍ବାଦିକ ସମ୍ମିଳନୀ

ସୋର,୧୬।୩ (ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀରାମ ନବମୀ ପାଳନ ଉପଲକ୍ଷେ ସୋର ଶ୍ରୀରାମ ସେନା ତରଫରୁ ଷ୍ଟେସନ ଛକ ସ୍ଥିତ ହୋଟେଲ ରୟାଲ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ପ୍ରହଲ୍ଲାଦ ସାହୁ, ସମ୍ପାଦକ ମନିଷ ଗୁପ୍ତା ଏବଂ ଉପସଭାପତି ମନୋରଂଜନ ଧଡ଼ା ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏଥର ନୂତନ ଭାବେ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରାକୁ ସ୍ଥାନିତ କରାଯାଇଥିବା ସୂଚନା ଦିଆଯାଇଛି। ଚଳିତ ବର୍ଷ ୧୯ ମାର୍ଚ୍ଚରେ ମହିଳା କଳସ ଶୋଭାଯାତ୍ରା, ୨୧ ତାରିଖରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ୨୨ ତାରିଖରେ ରକ୍ତଦାନ ଶିବିର, ୨୩ ତାରିଖରେ ଛୋଟ ପିଲାଙ୍କୁ ନେଇ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ୨୪ ତାରିଖରେ ବିଭିନ୍ନ ସ୍ଥାନରେ ସାମୁହିକ ହନୁମାନ ଚାଳିଶା ପାଠ, ୨୫ ତାରିଖରେ ମହିଳା ସ୍କୁଟି ଶୋଭାଯାତ୍ରା, ୨୬ ତାରିଖରେ ପୁରୁଷ ବାଇକ ଶୋଭାଯାତ୍ରା ଏବଂ ୨୭ ତାରିଖରେ ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା ଷ୍ଟ୍ରକଚର ପଡିଆରୁ ବାହାରି ରାଇପୁର ହନୁମାନ ମନ୍ଦିର ନିକଟରେ ଶେଷ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ବର୍ଷ ଏହି ଶୋଭାଯାତ୍ରାରେ ଆଉ ଅଧିକ ଦୁଇଟି ମେଢ଼ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁ?, ଦିଗନ୍ତ ସାହୁ, ଆହପ୍ରକାଶ ମସ୍କରା , କାହ୍ନୁ ଚରଣ ବେହେରା ପ୍ରମୁଖଙ୍କ ସମେତ ସୋର ଶ୍ରୀରାମ ସେନାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲି ବୋଝେଇ ହାଇୱା ଜବତ

ରାଜଘାଟ, ୧୬।୩ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ଛକ ନିକଟରୁ ଗୋଟିଏ ବାଲି ବୋଝେଇ ହାଇଓ୍ୱାକୁ ଖଣି ବିଭାଗ ଜବତ କରିଛି। ସୋମବାର ମଧ୍ୟାହ୍ନରେ ଉକ୍ତ ହାଇୱା ଜଳେଶ୍ୱର ଥାନା ଅନ୍ତର୍ଗତ ଏକତାଳି ଅଞ୍ଚଳରୁ ବାଲି ବୋଝେଇ କରି ବସ୍ତା ଥାନା ଅଭିମୁଖେ ଆସୁଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ସଦଳବଳେ ସନ୍ତୋଷପୁର ଛକ ନିକଟରେ ଚଢ଼ଉ କରି ତାକୁ କାବୁ କରିଥିଲେ। ତେବେ ଚାଳକ ବାଲି ପରିବହନର ବୈଧ କାଗଜପତ୍ର ନ ଦେଖାଇପାରିବାରୁ ହାଇୱାଟିକୁ ବସ୍ତା ଥାନାରେ ଜିମା ଦିଆଯାଇଛି।

**ମାଟ୍ରିକ ପରୀକ୍ଷା ଦେବାକୁ ଯିବାବେଳେ ୨ ଛାତ୍ରୀ ଦୁର୍ଘଟଣାଗ୍ରସ୍ତ ହେବା ଘଟଣା**

# ଗୁରୁତର ଛାତ୍ରୀଙ୍କ ଚିକିତ୍ସାରେ ଅର୍ଥ ବାଧକ, ପ୍ରଶାସନ ନିରବ

ବାଲେଶ୍ୱର, ୧୬।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ପଞ୍ଚାୟତରେ ଗତ ୨୩ ତାରିଖ ଦିନ ଦୁଇ ଜଣ ଦଶମ ଶ୍ରେଣୀର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବିଷ୍ଣୁପୁର ପରୀକ୍ଷା କେନ୍ଦ୍ରକୁ ଯାଉଥିବା ବେଳେ ବିଦ୍ୟାଳୟ ଠାରୁ କିଛି ଦୂରରେ ଘଟିଥିବା ବାଇକ ଦୁର୍ଘଟଣାରେ ୨ ପରୀକ୍ଷାର୍ଥୀ ଛାତ୍ରୀ ମମତା ମାଝୀ ଓ ଅଭିଲିପ୍ସା ମାଝୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଗୋପାଳପୁର ମେଡିକାଲକୁ ଆଣାଯାଇଥିଲା। ହେଲେ ଅଭିଲିପ୍ସା ମାଝୀ ହାତ ପାପୁଲିରୁ ଆଙ୍ଗୁଳି ଛିଣ୍ଡି ଅଲଗା ହୋଇ ଯାଇଥିବା ବେଳେ ଗୋଡ଼ ପାଦ ଭାଙ୍ଗି ଯାଇଥିଲା। ଅବସ୍ଥା ଅଧିକ ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରେସନ ମାଧ୍ୟମରେ ଆଙ୍ଗୁଳିକୁ ପୁଣି ଯୋଡ଼ାଯାଇଥିଲା। କିନ୍ତୁ କିଛି ଦିନ ପରେ ଯୋଡ଼ାଯାଇଥିବା ଆଙ୍ଗୁଳି ନଷ୍ଟ ହୋଇଯାଇଥିବାରୁ ପୁଣିଥରେ ଅପରେସନ କରି ତାହାକୁ ବିଛିନ୍ନ କରିବାକୁ ପଡ଼ିଛି। ବର୍ତ୍ତମାନ ଛାତ୍ରୀ ଅଭିଲିପ୍ସାଙ୍କ ଉନ୍ନତ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି। ଏହା ଶୁଣିବା ପରେ ପରିବାର ଲୋକଙ୍କ ମୁଣ୍ଡ ଉପରେ ଯେପରି ଚଡ଼କ ପଡ଼ିଛି। ଅଭିଲିପ୍ସାଙ୍କ ବାପା ଚକ୍ରଧର ମାଝୀ ଜଣେ ଗରିବ ଦିନମଜୁରିଆ। ଦିନକୁ ଯାହା ରୋଜଗାର କରନ୍ତି ସେଥିରେ ଘର ଚାଲୁଥିବା ବେଳେ ଏତେ ବଡ଼ ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ଏପରିକି ପରିବାର ପାଖରେ ରହିବାକୁ ପକ୍କା ଘର ଟିଏ ମଧ୍ୟ ନଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟିବାରୁ ଦୁଇ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏକ ପଟେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ସରକାର ଓ ଶିକ୍ଷା ବିଭାଗ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ଅନ୍ୟ ପଟେ ଏଭଳି ଦୁର୍ଘଟଣାରେ ପଡ଼ିଥିବା ଛାତ୍ରୀଙ୍କ ପାଖରେ ଠିଆ ହେବାରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏତେ ଗୁରୁତର ଘଟଣା ସତ୍ତ୍ୱେ ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗର କୌଣସି ଅଧିକାରୀ ପରିବାରକୁ ସମବେଦନା ଜଣାଇବାକୁ କିମ୍ବା ଘଟଣା ସମ୍ପର୍କରେ ଖୋଜଖବର ନେବାକୁ ପହଞ୍ଚିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଛାତ୍ରୀଙ୍କୁ କୌଣସି ସହାୟତା କିମ୍ବା ପରବର୍ତ୍ତୀ ସମୟରେ ପରୀକ୍ଷା ଦେବା ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି ସମୟରେ ପ୍ରଶାସନର ଦାୟିତ୍ୱ ଥିଲା ଗରିବ ପରିବାର ପାଖରେ ଠିଆ ହେବା ଓ ତତ୍କାଳ ଆର୍ଥିକ ସହାୟତା ଯୋଗାଇଦେବା। କିନ୍ତୁ ପ୍ରଶାସନର ଏହି ନିରବତା ଓ ଅବହେଳା ଘଟଣାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷକୁ ଆହୁରି ବଢ଼ାଇଛି। ଏହି ପରିସ୍ଥିତିରେ ଛାତ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ସରକାର ତତ୍କାଳ ଆର୍ଥିକ ସହାୟତା ଯୋଗାଇଦେବା ସହ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ମାମଲାରେ ହସ୍ତକ୍ଷେପ କରି ଗରିବ ପରିବାରକୁ ସହାୟତା କରିବାକୁ ଅଞ୍ଚଳବାସୀ ଓ ପରିବାର ଲୋକେ ଦାବି କରିଛନ୍ତି।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍ ଆରମ୍ଭ




ବାଲେଶ୍ୱର,୧୬।୩(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏ.ଆଇ.ୟୁ), ନୂଆଦିଲ୍ଲୀଙ୍କ ସହଯୋଗରେ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଭାଗୀତାରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍ ୨୦୨୫-୨୬ ବିଶ୍ୱବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏ.ଆଇ.ୟୁର ଧ୍ୱଜାରୋହଣ କରିଥିବାବେଳେ ସମ୍ମାନୀୟ ଅତିଥି ତଥା ଏ.ଆଇ.ୟୁ ପକ୍ଷରୁ ଯୋଗ ଦେଇଥିବା ପର୍ଯ୍ୟବେକ୍ଷକ ଦୀପକ ସି.ଏସ୍, ଆତିଥ୍ୟ ବିଶ୍ୱବିଦ୍ୟାଳୟ ଫକୀରମୋହନ ବିଶ୍ୱବିଦ୍ୟାଳୟର ଧ୍ୱଜାରୋହଣ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଅତିଥିମାନଙ୍କ ପରିଚୟ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବା ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଔପଚାରିକ ଭାବେ ଏହି ଚାମ୍ପିଅନସିପ୍‌ର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିତ୍ତ ନିୟନ୍ତ୍ରକ କରଣ ସୋରେନ ମୂଲ୍ୟବାନ ମତାମତ ରଖି ଥିଲେ। ଏଥିସହ ଏ.ଆଇ.ୟୁ ର ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ (ଆର୍.ଭି. ୟୁନିଭର୍ସିଟି, ବେଙ୍ଗାଲୁରୁ) ମଧ୍ୟ ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରି ଏପରି ଏକ ବୃହତ୍ ଜାତୀୟ କ୍ରୀଡ଼ା ଆସରକୁ ସଫଳତାର ସହିତ ଆୟୋଜନ କରିଥିବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ଚାମ୍ପିଅନସିପ୍‌ରେ ଦେଶର

**୧୦୦୦ରୁ ଅଧିକ କ୍ରୀଡ଼ାବିତଙ୍କ ସମାଗମ**

୨୫ଟି ରାଜ୍ୟରୁ ୧୭୯ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ରୁ ଅଧିକ ଖେଳାଳୁ ଅଂଶଗ୍ରହଣ କରିଥିବାରୁ ଏହା ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସବୁଠାରୁ ବୃହତ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି। ଶେଷରେ କ୍ରୀଡ଼ା ପରିଷଦର ସହକାରୀ ନିର୍ଦ୍ଦେଶକ ଡ଼କ୍ଟର ଅମିତ ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରତିଯୋଗିତା ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ୍‌ର ଇଣ୍ଡୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଦୁଇଟି ଭିନ୍ନ ଭେନ୍ୟୁରେ ଆୟୋଜିତ ହେଉଛି ଏବଂ ଏହା ପିଇଓ ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ପରିଚାଳିତ ହେଉଛି। ଏହି ମହିଳା ତାଇକୋଣ୍ଡୋ ଚ୍ୟାମ୍ପିଅନସିପ୍ ଆସନ୍ତା ୨୦ ତାରିଖରେ ଶେଷ ହେବ।

## ଚୈତ୍ର ପ୍ରଥମ ସୋମବାରରେ ଚନ୍ଦନେଶ୍ୱରଙ୍କ ପୀଠ ଚଳଚଞ୍ଚଳ



ଚନ୍ଦନେଶ୍ୱର, ୧୬।୩ (ସମିସ): ପବିତ୍ର ଚୈତ୍ରମାସର ପ୍ରଥମ ସୋମବାର ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ଦର୍ଶନ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ସମସ୍ତେ ଶୃଙ୍ଖଳିତ ଭାବେ ମନ୍ଦିର ମଧ୍ୟରେ ପୂଜାର୍ଚ୍ଚନା କରି ଗର୍ଭ ଗୃହରେ ଶ୍ରୀଜୀଉଙ୍କୁ ପଇଡ, କ୍ଷୀର ଆଦି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ ପିଲା ମାନସିକ ପୂରଣ ପାଇଁ କେଶ ମୁଣ୍ଡନ କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ତେବେ ପ୍ରସିଦ୍ଧ ଚଡକ ପର୍ବକୁ ଆଉ ମାତ୍ର ୨ ସପ୍ତାହ ରହିଛି। ସୂଚନା ଅନୁଯାୟୀ, ଆଜି ଚୈତ୍ରମାସ ପ୍ରଥମ ସୋମ୍ବାର ହୋଇଥିବାରୁ ଚନ୍ଦନେଶ୍ୱରରେ ପ୍ରାୟ ଲକ୍ଷାଧିକ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ବଙ୍ଗ, ଝାଡ଼ଖଣ୍ଡ, ବିହାର ଆଦି ବିଭିନ୍ନ ରାଜ୍ୟରୁ ଶୈବ ଭକ୍ତମାନେ ଆସିଥିଲେ। ହଜାର ହଜାର କାଉଡିଆ ନୀଳ ପୋଖରୀରୁ ପାଣି ନେଇ ଅନ୍ୟ ପୀଠକୁ ଯାଇଥିଲେ। ଭୋର ୪ଟାରୁ ମନ୍ଦିରର ଦୈନନ୍ଦିନ ନିତ୍ୟ ସେବାପୂଜା ଶେଷ ହେବା ବେଳକୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଅପେକ୍ଷା କରି ରହିଥିଲେ। ସମସ୍ତେ ଗର୍ଭ ଗୃହକୁ ଯାଇ ମହାଦେବଙ୍କୁ କ୍ଷୀର, ପଇଡ ଅର୍ପଣ କରିଥିଲେ। ଏହାଛଡା ଦଣ୍ଡି ମାରିବା, ବାଦଶା ହରିଲୁଟ ଆଦି ପାଇଁ ମଧ୍ୟ ପ୍ରବଳ ଗହଳି ହୋଇଥିଲା। ପ୍ରବଳ ଭିଡ ପାଇଁ ପୁରୋହିତ ମାନେ ନାଟ ମନ୍ଦିର,ନେତ୍ର କୁଣ୍ଡ,ବରଗଛ ନିକଟରେ ବସି ପୂଜାର୍ଚ୍ଚନା କରିଛନ୍ତି। ବିଶେଷ କରି ବିଜୁ ଗୋଲେଇ ଠାରୁ ମନ୍ଦିର ପର୍ଯ୍ୟନ୍ତ ଅଧିକ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ଏହି ଜନ ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ଓ ସେବାୟତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସମେତ ଥାନା ଓ ଅଧିକ ୧ପ୍ଲାଟୁନ ପୁଲିସ ଶାନ୍ତି ଶୃଙ୍ଖଳା ପାଇଁ ରହିଥିଲେ। ଏପ୍ରିଲ ୩ରୁ ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ଚଡକ ମେଳା ଶୁଭାରମ୍ଭ ହେଉଥିବାରୁ ମନ୍ଦିରରେ ଏବେଠୁ ଚଳ ଚଞ୍ଚଳ ହୋଇଉଠିଛି।

## ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ

ବାଲେଶ୍ୱର,୧୬।୩ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ଭାଷାର ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ, ନୀଳଗିରି କଲେଜ ଇଂରାଜୀ ଅଧ୍ୟାପକ ଡ. ନଳିନୀକାନ୍ତ ପାଢ଼ୀ ବକ୍ତା ଭାବେ ଯୋଗ ଦେଇଥିଲେ। ଉପସଭାପତି ଦୀନବନ୍ଧୁ ଲେଙ୍କା ପ୍ରାକ୍ ସୂଚନା ରଖିଥିବା ବେଳେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଡ. ନାୟକ ଓଡ଼ିଆ ଭାଷା ଓ ଅନ୍ୟ ଭାରତୀୟ ଭାଷାର ତୁଳନାତ୍ମକ ବକ୍ତବ୍ୟ ରଖିଥଲେ। ଯୁଗ୍ମ ସଂପାଦିକା ଶ୍ରୀମତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

ବାଲେଶ୍ୱର,୧୬।୩ (ସମିସ): ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ। ଏହି ଆନ୍ଦୋଳନରେ ବାଲେଶ୍ୱର ଜିଲ୍ଲାରୁ ୭୦୦ରୁ ଅଧିକ କର୍ମଚାରୀ ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଛନ୍ତି। ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁଁ ବାଲେଶ୍ୱର ଜିଲ୍ଲା ସଦର ମହକୁମା ସହ ସମସ୍ତ ବ୍ଲକର ସମସ୍ତ ସରକାରୀ ବିଭାଗର କାର୍ଯ୍ୟ ଦିନକୁଦିନ ଠପ୍ ହେବାରେ ଲାଗିଛି। ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ତହସିଲ, ବ୍ଲକ, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ସମସ୍ତ ସରକାରୀ ବିଭାଗକୁ ଆସୁଥିବା ଜଣସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଲିଖିତ ପ୍ରତିଶୃତି ସହ ନିର୍ଦ୍ଦେଶନାମା ଜାରି କଲେ କର୍ମଚାରୀମାନେ ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବେ ବୋଲି ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ ଏବଂ ସତ୍ୟଗୋପାଳ ଓଝା, ସତ୍ୟଜିତ ଦତ୍ତ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ସରକାରୀ କାର୍ଯ୍ୟ ସ୍ୱାଭାବିକ କରିବାକୁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି।

## ବାରୁଣୀମେଳା ଲାଗି ତୁଟିଲାନି ଗୋଷ୍ଠୀ ବିବାଦ

ଜଳେଶ୍ୱର, ୧୬।୩ (ସମିସ) : ଶିଖରପୁର ପଂଚାୟତର ମହୁଲିଆ ଗାଁରେ ପ୍ରାୟ ୧୦୦ବର୍ଷ ଧରି ବାରୁଣୀମେଳା ଅନୁଷ୍ଠିତ ହୋଇ ଆସୁଥିଲା। ଦୁଇବର୍ଷ ତଳେ ଗ୍ରାମରେ ସାବିତ୍ରୀ ଅମାବସ୍ୟା ଓ ଚଡକମେଳା ପାଳନ ଲାଗି ବିବାଦ ସୃଷ୍ଟି ହେବାପରେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଥିଲା। ଫଳରେ ଗତବର୍ଷ ଗ୍ରାମର ଦୁଇଗୋଷ୍ଠୀ ମହାଦେବମନ୍ଦିର ପଡିଆରେ ବାରୁଣୀମେଳା କରିବାକୁ ଅଡି ବସିବାରୁ ଶେଷରେ ପ୍ରଶାସନ ପକ୍ଷରୁ ୧୪୪ ଜାରି କରାଯାଇଥିଲା। ଚଳିତବର୍ଷ ସେହିସ୍ଥାନରେ ଦୁଇଗୋଷ୍ଠୀ ବାରୁଣୀମେଳା ଲାଗି ପଡିଆକୁ ବ୍ୟବହାର କରିବାକୁ ଦାବି କରୁଥିବା ବେଳେ ପ୍ରଶାସନର ମୁଣ୍ଡବିନ୍ଧା ହୋଇଥିଲା। ଜଳେଶ୍ୱର ଆଇଆଇସି, ଏସ୍‌ଡିପିଓ, ତହସିଲଦାର ଓ ଉଭୟ ପକ୍ଷରୁ ୫ଜଣ ଲେଖାଏଁ ବସି ଆପୋଷ ସମାଧାନ ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ତାହାର କୌଣସି ନିର୍ଯ୍ୟାସ ନ ବାହାରିବାରୁ ଆସନ୍ତାକାଲି ସେହିସ୍ଥାନରେ ୧୪୪ ଜାରି ହେବ ବୋଲି ତହସିଲଦାର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ଦୁଇଗୋଷ୍ଠୀ ୫ଦିନ ଧରି ପାଳନ କରାଯିବାକୁ ଥିବା ବାରୁଣୀ ମେଳାକୁ ବ୍ୟକ୍ତିଗତ ସ୍ଥାନରେ ପାଳନ କରାଯାଉଥିବାରୁ ଗ୍ରାମରେ ଭାଇଚାରା ନଷ୍ଟ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

**ବିଭାଗୀୟ କାର୍ଯ୍ୟ ସମ୍ପାଦନ ନାମରେ ଆଇଟିଡିଏ ଅଧିକାରୀଙ୍କ ପକ୍ଷପାତିତା**

# ପ୍ରତିବାଦରେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

ନୀଳଗିରି, ୧୬।୩ (ସମିସ)



ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହାର ସାମଗ୍ରିକ ବିକାଶପାଇଁ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗଠିତ ହୋଇଥିଲା। ଏହି ସଂସ୍ଥା ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥାଏ। ତେବେ ପୂର୍ବ ସରକାରଙ୍କ ଅମଳରେ ଉନ୍ନତିକରଣ ପାଇଁ ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କା ଅଦ୍ୟାବଧି ଖର୍ଚ୍ଚ ନ ହୋଇ ପଡ଼ିରହିବା ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ସହିତ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅହେତୁକ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେବା ପ୍ରତିବାଦରେ ଆଜି ଆଇଟିଡିଏ ଅଫିସ ସମ୍ମୁଖରେ ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ନେତୃତ୍ୱରେ ବ୍ଲକର ଅଧିକାଂଶ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି ଅନଶନ ଦେଇଥିଲେ।

ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରକଳ୍ପ, ନୂତନ ଷ୍ଟାଫ କ୍ୱାର୍ଟର ନିର୍ମାଣ, ଆଦିବାସୀ ସଂସ୍କୃତିଭବନ ନିର୍ମାଣ, ଆଦିବାସୀ ପିଲାଙ୍କ ହଷ୍ଟେଲରେ ପାନୀୟଜଳ ଓ ପରିମଳ, ଛାତ୍ରାବାସ ପାଚେରୀ ଉଚ୍ଚତାବୃଦ୍ଧି, ଷ୍ଟାଫକ୍ୱାର୍ଟର ମରାମତି ଓ ରକ୍ଷଣାବେକ୍ଷଣ, ଛାତ୍ରାବାସ ମରାମତି ଓ ପୁନରୁଦ୍ଧାର ପାଇଁ ୨୦୨୨/୨୩,୨୩/୨୪,୨୪/୨୫ ,୨୫/୨୬ ଆର୍ଥିକବର୍ଷରେ ୧୪କୋଟିରୁ ଅଧିକ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ରାଜନେତାଙ୍କ ଚାପରେ କିଛି ଠିକାଦାରଙ୍କୁ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେଉଥିବା ଅଭିଯୋଗ କରି ନୀଳଗିରି ବିଜୁଜନତା ଦଳ ତରଫରୁ ଗତ ଜାନୁଆରୀ୨୮ ତାରିଖରୁ ଦୁଇଦିନଧରି ଧାରଣା ଦିଆଯାଇଥିଲା। ମାତ୍ର ସେତେବେଳେ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ପୁନର୍ବିଚାର ପୂର୍ବକ ସମସ୍ତଙ୍କୁ ସାଥିରେ ନେଇ କାର୍ଯ୍ୟକରିବାକୁ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଦ୍ୟାବଧି ଏ ସମ୍ପର୍କରେ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବା ଏବଂ ବିଭାଗୀୟ ଅଧିକାରୀଙ୍କ ଚରମ ଉଦାସୀନତା ଏବଂ ପକ୍ଷପତିତା ପ୍ରତିବାଦରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସମେତ ବିଜୁ ଜନତା ଦଳର ନିର୍ବାଚିତ ଲୋକପ୍ରତିନିଧି ପକ୍ଷରୁ ଆଜିର ଏହି ଅନଶନ କରାଯାଇଥିବା ଜଣାଯାଇଛି। ଏହି ଅନଶନରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସଞ୍ଜୟ ସିଂ,କୁଳମଣି ନାୟକ, ସୁରଥ ସିଂ, ବାହାମଣୀ ମାରାଣ୍ଡି, ମାଳତୀ ମାଝୀ, ଶାନ୍ତିଲତା ବିଶ୍ୱାଳ, ଚାନ୍ଦମଣି ମୁର୍ମୁ, ରାଜୀବ ଦାସବାବୁ, ରମାକାନ୍ତ ମହାଳିକ, ରଶ୍ମିତା ମହାପାତ୍ର, ସାବିତ୍ରୀ ସିଂ, ଟିକିସିଂ, ହରେକୃଷ୍ଣ ହେମ୍ବ୍ରମ, ପ୍ରଫୁଲ୍ଲ ପାତ୍ର ପ୍ରମୁଖଙ୍କ ସମେତ ବହୁ ବିଜେଡ଼ି କର୍ମୀ ଅନଶନରେ ବସିଥିବା ଦେଖାଯାଇଛି। ଧାରଣାରତ ଲୋକପ୍ରତିନିଧିଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଯାଞ୍ଚକରିବାକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରୁ ଡା ସଂଗ୍ରାମ କୁମାର ମହଲ, ଫାର୍ମାସିଷ୍ଟ ତପନ କୁମାର ମହାପାତ୍ର ଆସିଥିଲେ। ସମସ୍ତଙ୍କୁ ପରୀକ୍ଷା କରିବାପରେ ଶୁଭଲକ୍ଷ୍ମୀ ମାଝୀ, ସୁରଥ ସିଂ, ମାଳତୀ ମାର୍ଣ୍ଡି, ଓ ପ୍ରଫୁଲ୍ଲ ପାତ୍ରଙ୍କ ଉଚ୍ଚ ରକ୍ତଚାପ ବଢ଼ିଥିବା ଜଣାଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଡ. ମଧୁସ୍ମିତା ସାମନ୍ତରାୟ ଘଟଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଅଭିଯୋଗକୁ ଶୁଣିବା ସହ ସେମାନଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ଗୁରୁବାର ଏ ନେଇ ଚେୟାରମ୍ୟାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ କରାଯାଇ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା।

## ଜାତୀୟ ସ୍ତରରେ ଟିପିଏନ୍‌ଓଡିଏଲ ସମ୍ମାନିତ

ବାଲେଶ୍ୱର,୧୬।୩ (ସମିସ): ଜାତୀୟ ସ୍ତରରେ ପୁଣି ସମ୍ମାନିତ ହୋଇଛି ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। ଧନ୍ଦାମୂଳକ ତାଲିମ ଜରିଆରେ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ଆତ୍ମନିର୍ଭରଶୀଳତା ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପିଏନଓଡିଏଲକୁ 'ବେଷ୍ଟ ସିଏସଆର ଇନିସିଏଟିଭ୍ସ ଇନ ଭୋକେସନଲ ଟ୍ରେନିଂ ଏଣ୍ଡ ସ୍କିଲିଂ' ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇରେ "ଭାରତ ସିଏସଆର ଏଣ୍ଡ ସଷ୍ଟେନେବିଲିଟି ସମ୍ମିଟ ଏଣ୍ଡ ଏୱାର୍ଡ-୨୦୨୬' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲର କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଗଜାନନ କାଲେ ଓ ସିଏସଆର ଅଧିକାରୀ ହିମାଂଶୁ ନାୟକ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବୈଷୟିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ "ଆଇଏସଜିଏଫ ଇନୋଭେସନ ସମ୍ମାନ-୨୦୨୬'ରେ ମଧ୍ୟ ଟିପିଏନଓଡିଏଲ ସମ୍ମାନିତ ହୋଇଛି। ଦିଲ୍ଲୀରେ ଆୟୋଜିତ ୧୨ତମ ସଂସ୍କରଣ ଇଣ୍ଡିଆ ସ୍ମାର୍ଟ ୟୁଟିଲିଟି ସପ୍ତାହ-୨୦୨୬ରେ "ସ୍ମାର୍ଟ ବିଟି ଲୋଡ ମେନେଜମେଣ୍ଟ ୟୁଜିଙ୍ଗ ସ୍ମାର୍ଟ ମିଟର ଏଣ୍ଡ ଜିଆଇଏସ ଡାଟା' ଏବଂ "ସୁନିଶ୍ଚିତ-ସ୍ମାର୍ଟ ଏବି ସ୍ୱିଚ ଅପରେସନ' ଆଦି ଟିପିଏନଓଡିଏଲର ଦୁଇଟି ପ୍ରକଳ୍ପ



ଗୋଲ୍ଡ ଆୱାର୍ଡ ହାସଲ କରିଛି। ଏଥି ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଇଓ ଶ୍ରୀ କାଲେ, ସିଏମଜି ବିଭାଗ ମୁଖ୍ୟ ସଚିନ କୁମାର ଗର୍ଗ ଏବଂ ଏନର୍ଜି ଅଡିଟ ଏଚଓଜି ବେଦ ପ୍ରକାଶ ଉପାଧ୍ୟାୟ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ବେଆଇନ ମଦ କାରବାର ବିରୋଧରେ ତାତିଲେ ମହିଳା



**ଧର୍ମଶାଳା, ୧୬।୩(ସମିସ)**

ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ନିଷ୍କ୍ରିୟ ପ୍ରତିବାଦରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ ଜାରକାସ୍ଥିତ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ମୁତାବକ ଧର୍ମଶାଳା ଅବକାରୀ ଥାନା ଅଧୀନସ୍ଥ ପଲାର ଗ୍ରାମର ଶତାଧିକ ମହିଳାମାନେ ଆଜି ଏକ ଶୋଭାଯାତ୍ରାରେ ହାତରେ ପ୍ଲାକାର୍ଡ ଧରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ଜାରକାସ୍ଥିତ ଅବକାରୀ ଥାନାରେ ପହଁଚି ସେଠାରେ ଧାରଣା ଦେଇଥିଲେ। ପଲାର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବାରୁ ପୁରୁଷ ଲୋକମାନେ ମଦ୍ୟପାନ କରି ଘରେ ମାରପିଟ କରୁଛନ୍ତି। ଏନେଇ କିଛିଦିନ ତଳେ ପାଲାର ଗ୍ରାମର ସ୍ୱୟଁସହାୟକ ଗୋଷ୍ଠିର ମହିଳାମାନେ ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରି ଚୋରାମଦ କାରବାରକୁ ବନ୍ଦ କରିବାକୁ ଏକ ଦାବିପତ୍ର ଦେଇଥିଲେ। ପଲାର ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ଚୋରାମଦ କାରବାର ବନ୍ଦ କରିବାକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏକମାସ ବିତିଯାଇଥିଲେ ମଧ୍ୟ ଚୋରାମଦ କାରବାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସୀ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ପୂର୍ବଭଳି ଚୋରାମଦ କାରବାର ଜାରିରହିଛି। ଏହାର ପ୍ରତିବାଦରେ ଆଜି ପଲାର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜାରକାସ୍ଥିତ ଅବକାରୀ ବିଭାଗ କାର୍ଯ୍ୟାଳୟରେ ସମ୍ମୁଖରେ ଧରଣାରେ ବସିରହିଥିଲେ। ଅଜି କାର୍ଯ୍ୟାଳୟ ଦିବସ ରହିଥିବା ବେଳେ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନଥିବାରୁ ମହିଳାମାନେ ସେଠାରେ ୨ ଘଣ୍ଟା ଅପେକ୍ଷା କରିବା ପରେ ଜଣେ କର୍ମଚାରୀ ସେଠାରେ ପହଞ୍ଚି ମହିଳାମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ତେବେ ଆଗକୁ ଚୋରାମଦ ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମହିଳାମାନେ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ରାସ୍ତା ଉପରେ ନିଶାଶକ୍ତଙ୍କ ଉନ୍ମୁକ୍ତ କାଣ୍ଡ

**ଯାଜପୁର, ୧୬।୩(ସମିସ):** ଯାଜପୁର ସହରର ପ୍ରମୁଖ ରାସ୍ତା କୁହାଯାଉଥିବା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବିଦେଶୀ ମଦ ଦୋକାନ ରହିଛି। ଏହି ମଦ ଦୋକାନରୁ ନିଶାଶକ୍ତ ଯୁବକ ମଦ କିଣି ରାସ୍ତା ଉପରେ ମଦ୍ୟ ପାନ କରି ରାସ୍ତାରେ ଯାଉଥିବା ଲୋକଙ୍କୁ ମାଡ଼ ମାରିବା ସହ କ୍ଷତାକ୍ତ କରିଥିବାର ଅଭିଯୋଗ ହୋଇଛି। ଗରିଆପୁର ଅଞ୍ଚଳର ଜନୈକ ଯୁବକ ସନ୍ଧ୍ୟା ସମୟରେ ଏହି ରାସ୍ତା ଦେଇ ଯାଉଥିବା ସମୟରେ କେତେଜଣ ନିଶାଶକ୍ତ ଯୁବକ ଘେରି ଯାଇ ତାକୁ ମାଡ଼ ମାରିଥିଲେ। ସମ୍ପୃକ୍ତ ଯୁବକ ତୁରନ୍ତ ୧୧୨ ପୁଲିସ ଗାଡ଼ିକୁ ଫୋନ କରିଥିଲେ। ଫୋନ ପାଇବା କ୍ଷଣି ୧୧୨ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ନିଶାଶକ୍ତ ଯୁବକ ଫେରାର ହୋଇଯାଇଥିଲା। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହି ମଦ ଦୋକାନ ରାସ୍ତା ଦେଇ ଘରୋଇ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରିଥାଏ। ଅଧିକାଂଶ ସମୟରେ ରାସ୍ତା ଉପରେ ଲୋକେ ମଦ୍ୟପାନ କରୁଥିବାରୁ ଘରୋଇ ବସ୍ ଦୀର୍ଘ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳିଛି। ବାରମ୍ବାର କହିବା ସତ୍ତ୍ୱେ ବିଦେଶୀ ମଦ ଦୋକାନୀ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପୁଲିସ ଏକାଧିକବାର ତାଗିଦ୍ କରିବା ସହ ଦୋକାନ ବନ୍ଦ କରିବାକୁ ମଧ୍ୟ ଧମକ ଦେଇଥିଲା। ତଥାପି ଏହି ଘଟଣା ଜାରି ରହିଛି। ରାସ୍ତାଟି ପ୍ରମୁଖ ରାସ୍ତା ହୋଇଥିବାରୁ ରାସ୍ତା ଦେଇ ଲୋକେ ପରିବା ମାର୍କେଟ୍ ଓ ବଜାରକୁ ଯିବା ଆସିବା କରିଥାନ୍ତି। ମଦ୍ୟପଙ୍କ ଉନମୁକ୍ତ କାଣ୍ଡ ଯୋଗୁଁ ଏହି ରାସ୍ତା ଦେଇ କେହି ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି। ସଞ୍ଜ ନଇଁଲେ ଏହି ରାସ୍ତାଟି ମଦ୍ୟପଙ୍କ ଅଡ୍ଡା ସ୍ଥଳୀ ପାଲଟିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମଦ ଦୋକାନୀକୁ ଲାଗି ଶିବ ମନ୍ଦିର ରହିଛି। ଲୋକେ ମଦ କିଣି ଶିବ ମନ୍ଦିର ପରିସରରେ ମଦ୍ୟ ପାନ କରୁଥିବା ବାରମ୍ବାର ଅଭିଯୋଗ ହେଉଥିଲା। ଗତ କିଛି ବର୍ଷ ତଳେ ଲୋକଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ବିଧାନସଭା ଗୃହ କମିଟି ଏହି ସ୍ଥାନ ପରିଦର୍ଶନ କରିବା ସହ ମଦ ଦୋକାନକୁ ସ୍ଥାନାନ୍ତର କରିବା ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଜଣାଇଥିଲେ। କିନ୍ତୁ ତାହା ମଧ୍ୟ କରାଯାଇନଥିଲା। ମନ୍ଦିର ପାଖରେ ମଦ ଦୋକାନ ରହିବ ନାହିଁ ବୋଲି ବର୍ତ୍ତମାନର ଅବକାରୀ ମନ୍ତ୍ରୀ ସ୍ପଷ୍ଟ ଭାବେ କହିଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ମଦ୍ୟପଙ୍କ ଉନ୍ମୁକ୍ତ କାଣ୍ଡ ଯୋଗୁଁ ବହୁ ମହିଳା ଭକ୍ତ ଶିବ ମନ୍ଦିରକୁ ଯିବା ପାଇଁ ସୁରକ୍ଷିତ ମଣୁନାହାଁନ୍ତି। ଏ ନେଇ କିଛି ବୁଦ୍ଧିଜୀବୀ ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ପ୍ରକାର କାର୍ଯ୍ୟକୁ ପୁଲିସ କୌଣସି ପ୍ରକାରରେ ବରଦାସ୍ତ କରାଯିବ ନାହିଁ ବୋଲି ମଦ ଦୋକାନୀ ମାଲିକକୁ ଚେତାବନୀ ଶୁଣାଇଥିଲେ। ବିଦେଶୀ ମଦ ଦୋକାନରେ ମଦ ବିକ୍ରି କରିପାରିବେ କିନ୍ତୁ ସମ୍ମୁଖରେ ବା ରାସ୍ତା ଉପରେ ମଦ୍ୟ ପାନ କରିପାରିବେ ନାହିଁ ବୋଲି ଦୋକାନର ମାଲିକକୁ କହିବା ସହ ଏଥିପ୍ରତି ଧ୍ୟାନ ଦେବାକୁ ଚେତାବନୀ ଶୁଣାଇଥିଲେ।

## ବଡ଼ଚଣା ପୁଲିସ ବିରୋଧରେ ଏସ୍‌ପିଙ୍କୁ ଗୁହାରି



**ବଡଚଣା, ୧୬।୩(ସମିସ):** ଭାଇର ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କଲା ସମ୍ପର୍କୀୟ ଭାଇ। ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ବଡ଼ଚଣା ଥାନା ଅରଖପୁର ଗ୍ରାମରେ। ସେହି ଗ୍ରାମର ପ୍ରଦୀପ ସିଂଙ୍କ ସମେତ ତାଙ୍କ ଅନ୍ୟ ୪ ସହଯୋଗୀ ମାନେ ରଞ୍ଜନ ସିଂଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିବା ବେଳେ ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ଅଭିଯୋଗ ବଡ଼ଚଣା ଥାନାରେ ହୋଇଛି। ଅଭିଯୋଗକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପରିବାର ଲୋକେ ଭୟଭୀତ ଥିବା ବେଳେ ପ୍ରଦୀପଙ୍କ ଅରାଜକତା ସେହି ଗ୍ରାମରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ରଞ୍ଜନଙ୍କ ପରିବାର ପକ୍ଷରୁ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୋଗ କରିବା ପରେ ରାଜ୍ୟ ମହିଳା କମିଶନଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ପ୍ରଭାସିନୀ ସିଂ। ଏ ନେଇ ବଡ଼ଚଣା ଥାନା ପକ୍ଷରୁ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ବିଞ୍ଝାରପୁର, ୧୬।୩(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର ଆକାଶ ପଟ୍ଟନାୟକ, ତହସିଲଦାର କାବେରୀ ମୁଦୁଲି ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ବ୍ରାଉନସୁଗର ଜବତ; ୩ ଗିରଫ

**ଯାଜପୁର/ପାଣିକୋଇଲି, ୧୬।୩(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ବିରଜାପୁର କୋଡେଇବାଟି ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ୍ ଅଭିଯୁକ୍ତ ଜଣକ ହେଉଛନ୍ତି ସତ୍ୟଜିତ୍ ମହାରଣ୍ୟେ ଓରଫ୍ ମିଲନ(୩୨)। ତା ନିକଟରୁ ୨୦.୬୦ ଗ୍ରାମ ଧଳା ଜହର ଜବତ କରାଯାଇଥିବାରୁ ତା' ବିରୋଧରେ ଏନ୍‌ଡିପିଏସର ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଯାଜପୁର ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ସେହିପରି ଗତକାଲି ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମରୁ ସାଇକଲ ଦୋକାନୀ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ଠାରୁ ୧୨. ୮୬୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇ ତାଙ୍କୁ ଅଟକ ରଖାଯାଇଥିଲା। ତାଙ୍କ ସହ ଆଉ ୨ ଜଣଙ୍କୁ ମଧ୍ୟ ଅଟକ ରଖାଯାଇଥିଲା। ଆଜି ପୂର୍ଣ୍ଣଙ୍କ ସମେତ କୁଆଖିଆ ଥାନା ଅନ୍ତର୍ଗତ ବିଲିପଡ଼ା ଗ୍ରାମର ପ୍ରତାପ ଆଇଚ(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା



**ଧର୍ମଶାଳା, ୧୬।୩(ସମିସ):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଉଟ୍‌ସୋର୍ସିଂ କର୍ମଚାରୀ ମାନେ ବିଭିନ୍ନ ଦାବି ପୂରଣ ନିମନ୍ତେ ଆଜି କାର୍ଯ୍ୟବନ୍ଦ କରି ଡାକ୍ତରଖାନାରେ ଧାରଣାରେ ବସିଥିଲେ। ସକାଳ ୯ଟାରୁ ୧୧.୩୦ ଅଢେଇ ଘଣ୍ଟା କାଳ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସି ରହିଥିଲେ। ଫଳରେ ମେଡିକାଲରେ ରୋଗୀ ସେବା ବ୍ୟାହତ ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ବର୍ଷ ଧରି କର୍ମଚାରୀମାନେ କାର୍ଯ୍ୟ କରୁଥିଲେ ହେଁ ଏମାନଙ୍କୁ ଉପଯୁକ୍ତ ସମୟରେ ଦରମା ମିଳୁନାହିଁ। ମାସରେ ଏମାନେ ୩୦ଦିନ କାର୍ଯ୍ୟ କରୁଥିଲେ ବି ୨୬ଦିନର ମଜୁରୀ ମିଳୁଛି। ଏଥିସହ ଏମାନଙ୍କୁ ଦୁଇ ତିନିମାସ ବିଳମ୍ବରେ ଦରମା ମିଳୁଛି। ଯାହା ଫଳରେ ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ଉପରେ ଆଲୋଚନା କରା ନଯାଇଛି ସଂଘର ନିଷ୍ପତି କ୍ରମେ ଅନିର୍ଦ୍ଦିଷ୍ଟ ସମୟ ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ମେଡିକାଲ କର୍ମଚାରୀଙ୍କ ଏହି ଆନ୍ଦୋଳନ ଫଳରେ ମେଡିକାଲକୁ ଆସୁଥିବା ରୋଗୀମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ସରକାର ଯଥାଶିଘ୍ର ଏମାନଙ୍କ ଦାବିପୂରଣ କରିବାକୁ ଦାବି ହୋଇଛି।

## ଏସ୍‌ଏଚ୍‌ଜି ମହିଳାଙ୍କ ହଡ଼ପ ଟଙ୍କା ଫେରିଲା



**କବାଟବନ୍ଧ, ୧୬।୩(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଅଧୀନ ଏଣ୍ଡଲବା ପଞ୍ଚାୟତର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ହଡ଼ପ ଟଙ୍କାକୁ ପ୍ରାୟ ୪ ବର୍ଷ ପରେ ମହିଳାମାନେ ଫେରି ପାଇଛନ୍ତି। ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଟଙ୍କା ହେରଫେର୍ ଘଟଣା ଗତ ୨୦୨୨ ମସିହାରେ ସମଗ୍ର ଜିଲ୍ଲାରେ ଏକ ଶୀର୍ଷକ ଖବର ହୋଇଥିଲା। ଏଣ୍ଡଲବା ପଞ୍ଚାୟତର ପ୍ରାୟ ୮୦ରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ଟଙ୍କା ହଡ଼ପ ହୋଇଥିଲା। ସ୍ଥାନୀୟ ଏମ୍‌ବିକେ ଏହି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାକୁ ତଞ୍ଚକତା କରି ଏମ୍‌ବିକେ ନିଜେ ହଡ଼ପ କରିଥିଲେ। ଏତେ ଟଙ୍କାର ଅନିୟମିତତା ଗରିବ ମହିଳାଙ୍କ ଆର୍ଥିକ ଅବସ୍ଥା ବିଗାଡ଼ି ଦେଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ଆଦାୟ ଟଙ୍କାକୁ ବ୍ୟାଙ୍କରେ ସୁଝିବା ପରିବର୍ତ୍ତେ ଏମ୍‌ବିକେ ଆତ୍ମସାତ କରିଥିବା ମହିଳାମାନେ ଜାଣିବାକୁ ପାଇଥିଲେ। ଏନେଇ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଟଙ୍କା ହଡ଼ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସାମିଲ ଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏନେଇ ଅନେକ ମହିଳା ଏମ୍‌ବିକେ ଏବଂ ବ୍ୟାଙ୍କ ବିରୋଧରେ ଜେନାପୁର ଥାନାରେ ଅଭିଯୋଗ କରିବା ସହିତ ଗତ ୧୪ ଅକ୍ଟୋବର ୨୦୨୨ରେ ଥାନା ଘେରଉ କରିଥିଲେ। ଜେନାପୁର ଥାନା କେସ ନମ୍ବର ୨୫୩/୨୨ରେ ଏତଲା ପରେ ଏମ୍‌ବିକେ ଫେରାର ହୋଇଯାଇଥିଲେ। ତତ୍କାଳୀନ ଇନ୍‌ସପେକ୍ଟର ଉମାକାନ୍ତ ନାୟକଙ୍କ ଉଦ୍ୟମ ଏବଂ ତନାଘନା ପରେ ଏମ୍‌ବିକେ ୨୦ ସେପ୍ଟେମ୍ବରରେ ଜେନାପୁର ଥାନାରେ ଆତ୍ମ ସମର୍ପଣ କରିଥିଲେ। ହେଲେ ଟଙ୍କା ହରାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତାଙ୍କ ଟଙ୍କା ଫେରି ପାଇ ନଥିଲେ। ପରେ ମହିଳାମାନେ ବିଧାୟକଙ୍କୁ ସମସ୍ୟା ଜଣାଇଥିଲେ। ଗତ ୮ ଡିସେମ୍ବର ୨୦୨୫ରେ ପ୍ରଥମ କିସ୍ତି ଏବଂ ୧୫ ମାର୍ଚ୍ଚ ୨୦୨୬ରେ ଧର୍ମଶାଳା ବିଧାୟକଙ୍କ ମାଆ ମିନତୀ ସାହୁ, ୧୩ ନମ୍ବର ଜୋନ ମଣ୍ଡଳ ସଭାପତି, ୧୧ ନମ୍ବର ଜୋନ ମଣ୍ଡଳ ସଭାପତି, ଏଣ୍ଡଲବା ଯୁବ ସଙ୍ଗଠକ କୁନା ସାହୁ ଏବଂ ଅନ୍ୟାନ୍ୟ ଅତିଥିଙ୍କ ଉପସ୍ଥିତରେ ଦ୍ୱିତୀୟ କିସ୍ତିରେ ସମସ୍ତ ଟଙ୍କା ଫେରାଇଛନ୍ତି।

## ଅଜଣା ବନ୍ୟଜନ୍ତୁ ଆକ୍ରମଣରେ ବାଛୁରି ମୃତ

**କବାଟବନ୍ଧ, ୧୬।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ଉପରଗଡ଼ ଗ୍ରାମରେ ଏକ ବାଛୁରି ଛୁଆର ଅଜଣା ଜନ୍ତୁ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନେକ ସମୟରେ କଟକ ବନଖଣ୍ଡ ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ଅନ୍ତର୍ଭୁକ୍ତ ଏହି ଗାଁ ତଥା ଅଞ୍ଚଳରେ ଅନେକ ଭୟଙ୍କର ସାପ, ଭାଲୁ, ହରିଣ, କୋକିଶିଆଳ, ଠେକୁଆ, ବାର୍‌ହା ଆଦି ଅନେକ ପ୍ରକାରର ଜଙ୍ଗଲୀ ଜନ୍ତୁଙ୍କୁ ଦେଖିବାକୁ ମିଳିଥାଏ। ବଳରାମପୁର ଉପରଗଡ଼ ଗ୍ରାମର ସଞ୍ଜୟ କୁମାର ଧୀରଙ୍କର ଏକ ବାଛୁରି ଛୁଆ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ବାଛୁରି ଛୁଆ ଶରୀରର ଅଧା ଅଂଶ ବାହାରକୁ ବାହାରି ଆସିଥିବା ଦେଖିବାକୁ ମିଳିଛି। କୌଣସି ବନ୍ୟଜନ୍ତୁଙ୍କ ସଂଘବଦ୍ଧ ଆକ୍ରମଣରେ ଏହା ହୋଇଥିବା ପ୍ରାରମ୍ଭିକ ପର୍ଯ୍ୟାୟରେ ଗଡ଼ମଧୁପୁର ବନ ଅଧିକାରୀ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆଇନ ଅନୁଯାୟୀ ସରକାରୀ ସହାୟତା ରାଶି ପ୍ରଦାନ କରାଯିବା ସହିତ ବନ୍ୟଜନ୍ତୁଙ୍କ ପାଦଚିହ୍ନ ଅନ୍ୟାନ୍ୟ ନମୁନା ସଂଗ୍ରହ ସହିତ ଅଧିକ ତଦନ୍ତ କରାଯିବ ବୋଲି ବୈରୀ ଡାଳିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି ପ୍ରକାଶ କରିଛନ୍ତି।

## ପୁଣ୍ୟତୋୟା ବୈତରଣୀ ଆରତି



**ଯାଜପୁର, ୧୬।୩(ସମିସ):** ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସୋମବାର ଦିନ ପୁଣ୍ୟତୋୟା ବୈତରଣୀ ଆରତି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ୍ଦ ବିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସପ୍ତମାତୃକା ମନ୍ଦିର ପାର୍ଶ୍ୱ ତଥା ଦଶାଶ୍ୱମେଧ ଘାଟ ନିକଟରେ ବୈତରଣୀ ଆରତୀ ଓ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଦ୍ୱାରା ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶଙ୍କର ସାହୁ, ଧନଞ୍ଜୟ ପୃଷ୍ଟି, ରବିନାରାୟଣ ରାଉତ, ରଜତ କୁମାର ମିଶ୍ର, ଖଗେଶ୍ୱର ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗ ଦେବା ସହ ବାରୁଣୀ ସ୍ନାନ ପୂର୍ବରୁ ଘାଟକୁ ସଫେଇ କରାଯାଇଥିଲା।

## ବାଳିପଡ଼ିଆ ଯୁବକ ସଂଘର ବାର୍ଷିକ ଉତ୍ସବ

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପୁରସ୍କାର ବିତରଣ

**କୁନ୍ଦଳ, ୧୬।୩(ସମିସ):** ସ୍ୱାଧୀନତା ସଂଗ୍ରାମୀ ମାଟି ବାଲିପଡ଼ିଆ ଠାରେ ବାଲିପଡ଼ିଆ ଯୁବକ ସଂଘର ୫୩ତମ ବାର୍ଷିକ ଉତ୍ସବ ଓ ୪୦ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ଦୀଲ୍ଲିପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଯୁବକ ସଂଘ ପକ୍ଷରୁ ପୂର୍ବତନ କର୍ମକର୍ତ୍ତା ବିଜୟ କୁମାର ତ୍ରିପାଠୀ, ଅରକ୍ଷିତ ଦାଶ, ଧରଣୀଧର ପ୍ରଧାନ, ଚନ୍ଦ୍ରକାନ୍ତ ସାମଲ, ପରିକ୍ଷିତ ପୃଷ୍ଟି, ଗଣେଶ୍ୱର ପ୍ରଧାନ, ଗୋପିନାଥ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନାଟକ ପ୍ରତିଯୋଗିତାରେ ମା'ଲକ୍ଷ୍ମୀ ଡ୍ରାମାଟିକ କ୍ଲବ ତିଗିରିଆର ନାଟକ 'ମୃତ୍ୟୁ ଦଣ୍ଡ'ଶ୍ରେଷ୍ଠ ଦଳ ବିବେଚିତ ହୋଇଥିବା ବେଳେ ବାବା ମଧୁକେଶ୍ୱର ନାଟ୍ୟ ପରିଷଦ କଣ୍ଟିଗଡ଼ିଆ 'ମୋ ହସ ତୁ ଲୁହରେ ତୁ' ଦ୍ୱିତୀୟ, ମା'ଭୁବନେଶ୍ୱରୀ କଳାମନ୍ଦିର କମ୍ପଗଡ଼ 'ଏମିତି କାହାଣୀ କେବେ ଶୁଣିନି' ତୃତୀୟ ଦଳ ଭାବେ ବିବେଚିତ ହୋଇଥିଲା। ସଂଘର ଉପସଭାପତି ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପଡ଼ିଆ ସରପଞ୍ଚ ପ୍ରାଧ୍ୟାପକ କିଶୋର ଚନ୍ଦ୍ର ବେହୁରା, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ ପ୍ରମୁଖ ସଂଘ ସମ୍ପର୍କରେ ନିଜର ମତପ୍ରକାଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ନାୟକ, ନାୟିକା, ପାର୍ଶ୍ୱ ନାୟକ, ପାର୍ଶ୍ୱ ନାୟିକା, ଚରିତ୍ର ଅଭିନେତା, ଚରିତ୍ର ଅଭିନେତ୍ରୀ, ଖଳନାୟକ, ଖଳନାୟିକା, ହାସ୍ୟ ଅଭିନେତା, ହାସ୍ୟ ଅଭିନେତ୍ରୀ, ଶିଶୁ କଳାକାର, କଣ୍ଠଶିଳ୍ପୀ, ଶ୍ରେଷ୍ଠ କାହାଣୀ, ଶ୍ରେଷ୍ଠ ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ନୃତ୍ୟ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତ୍ରୀ ଓ ଅଭିନେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଦେବେନ୍ଦ୍ର ବେହୁରା, ହରପ୍ରସାଦ ସାମଲ, ଗଗନ ବିହାରୀ ସ୍ୱାଇଁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସୁଶିଲ ତ୍ରିପାଠୀ, ପ୍ରମୋଦ ପ୍ରଧାନ, ସୁମନ୍ତ ଜେନା, ଅଜୟ ପ୍ରଧାନ, ମନୋଜ ସାମଲ, ବିଜୟ ସାମଲ, ରୁଦ୍ର ପ୍ରସନ୍ନ ସାମଲ, ମାନସ ରଞ୍ଜନ ପ୍ରଧାନ, ଭାଗୀରଥି ବେହୁରା, ସୁନିଲ ମହାନ୍ତି, ଦେବବ୍ରତ ପୁହାଣ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଯୁବକ ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବୀଙ୍କ ଉପରେ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

**ଜେନାପୁର, ୧୬।୩(ସମିସ)**



ଧର୍ମଶାଳା ତହସିଲ ଅଧୀନ ଚକ୍ରଧରପୁର ମୌଜାର କୁସୁନପୁର ପାହାଡରେ ବେଆଇନ୍ କଳାପଥର ଲୁଟ୍ ପ୍ରତିବାଦରେ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ସମର୍ଥନ ଜଣାଇ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ତଥା ସାମ୍ବାଦିକ ସତୀଶ ବିଶ୍ୱାଳ ସେଠାକୁ ଯାଇଥିବା ବେଳେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ସହ ଥିବା କେତେକ ସହକର୍ମୀ ଓ ମହିଳା ମାନେ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସତୀଶ ବ୍ୟବହାର କରୁଥିବା କାରକୁ ଭଙ୍ଗାରୁଜା କରିବା ସହିତ ଗାଡିରେ ଥିବା କେତେକ ମୂଲ୍ୟବାନ ସାମଗ୍ରୀକୁ ଲୁଟ କରାଯାଇଥିବା ଜେନାପୁର ଥାନାର ଅଭିଯୋଗ କରାଯାଇଛି। ଧର୍ମଶାଳା ତହସିଲର ଚକ୍ରଧରପୁର ମୌଜାରୁ ବେଆଇନ ଭାବେ କଳାପଥର ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଏଥିନେଇ ସ୍ଥାନୀୟ ଲୋକେ ବାରମ୍ବାର ଧର୍ମଶାଳା ତହସିଲଦାର, ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ସତିଶଙ୍କ ସମର୍ଥନ ମାଗିଥିଲେ। ସତିଶ ଆଜି ଉକ୍ତ ଅଞ୍ଚଳ ପରିଦର୍ଶନ କରିବାକୁ ଯାଇଥିବା ବେଳେ କିଛି ଦୁର୍ବୃତ୍ତ ଠେଙ୍ଗା, ବାଡି, ଶାବଳ ଧରି ସତୀଶ ଏବଂ ତାଙ୍କ ସହ ଥିବା ପୁରୁଷ, ମହିଳାମାନଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କୁଳମଣୀ ପ୍ରଧାନ, ସାମ୍ବାଦିକ କାର୍ତ୍ତିକ ସାଇଁ, ପ୍ରମୋଦ ଖଟୁଆ, ଉଦ୍ଧବ ରାଉତ, ନିରୁପମା ରାଉତ, ମାଧବାନନ୍ଦ ରାଉତ ପ୍ରମୁଖ ଆହତ ହୋଇଛନ୍ତି। ପରେ ସତୀଶଙ୍କ କେତେକ ସମର୍ଥକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆଣିବା ସହ ଏ ନେଇ ଜେନାପୁର ଥାନାରେ ଦୁଇଟି ପୃଥକ ପୃଥକ ଏତଲା ଦିଆଯାଇଛି। ସତୀଶଙ୍କୁ ଧର୍ମଶାଳା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ରେଫର କରାଯାଇଛି। ଅପରପକ୍ଷରେ ସତୀଶ ଏବଂ ତାଙ୍କ କିଛି ସମର୍ଥକ ଖଣି ଅଞ୍ଚଳରେ ପଶି ଫଟୋ ଭିଡିଓ କରୁଥିବା ବେଳେ ମହିଳାଙ୍କ ସ୍ନାନ କରୁଥିବା ବେଳର ଫଟୋ ଉଠାଇବାରୁ ସେମାନେ ଆପତ୍ତି କରିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କ ପେଟକୁ ମାରିଥିବା ଅଭିଯୋଗ ହୋଇଛି। ଜେନାପୁର ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

# ସମ୍ପାଦକୀୟ



ବିଶ୍ୱର ୪୦ ପ୍ରତିଶତ ଲୋକଙ୍କ ଅର୍ଦ୍ଧାଧିକ ପାନୀୟ ଜଳ ଚାହିଦା ହିମାଳୟ ଦ୍ୱାରା ପୂରଣ ହେଉଛି। ତେଣୁ ହିମାଳୟର ସୁରକ୍ଷା ସର୍ବାଗ୍ରେ।
-ଅଲ୍ ଗୋରେ

ସକାଳ
THE SAKALA

## ବିହଙ୍ଗ ମୁକ୍ତ

ବାଂଲାଦେଶ ପରେ ପରେ ନେପାଳରେ ଉପୁଜିଥିବା ଜେନ-ଜେଡ୍ ଆନ୍ଦୋଳନ ସମଗ୍ର ଉପମହାଦେଶରେ ଆତଙ୍କର ବାତାବରଣ ସୃଷ୍ଟି କରିଥିଲା। ବ୍ୟାପକ ହିଂସାକାଣ୍ଡ ଓ ଜଳାପୋଡ଼ାକୁ ନିୟନ୍ତ୍ରଣ କରି ନ ପାରି ଦୁଇଦେଶର କ୍ଷମତାସୀନ ସରକାର ଭୁଶୁଡ଼ି ପଡ଼ିଥିଲା। ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଆମ କ୍ଷମତା କେନ୍ଦ୍ର ସତର୍କ ଦୃଷ୍ଟି ରଖିଥିବା ବେଳେ ଲଦାଖ ହିଂସାକାଣ୍ଡକୁ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ନିୟନ୍ତ୍ରଣ କରିବାର ବାଧ୍ୟବାଧକତା ଉପୁଜିଥିଲା। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଲେହ୍. ଅଞ୍ଚଳକୁ ଜିଲ୍ଲା ପରିଷଦ ମାଧ୍ୟମରେ ସ୍ୱୟଂ ଶାସନ କ୍ଷମତା ପ୍ରଦାନ ପ୍ରସଙ୍ଗ ଜୋର ଧରିଥିଲା। ଏହି ଦାବି ଯେ ହଠାତ୍ ଉତ୍‌ଥାପିତ ହୋଇଥିଲା ତାହା ନୁହେଁ। ଏନେଇ ପରିବେଶ ବିଜ୍ଞାନୀ ସୋନମ ୱାଙ୍ଗଚୁକ୍ ଏକାଧିକ ବାର କେନ୍ଦ୍ର ସହ ଆପୋସ ଆଲୋଚନା କରିବାକୁ ଚାହିଁଥିଲେ ମଧ୍ୟ ତାହା ସଫଳ ହୋଇନଥିଲା। ଏପରିକି ଜାମ୍ମୁ-କାଶ୍ମୀର ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିରୁ ମଧ୍ୟ ସରକାର ଓହରି ଯାଇଥିଲେ। ପ୍ରତିବାଦରେ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଅନଶନ ଧର୍ମଘଟ ଜାରି ରଖିଥିଲେ ହେଁ ତାହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଏକଥା ସତ ଯେ ଉପୁଜିଥିବା ପଡ଼ୋଶୀ ଦେଶର ଆନ୍ଦୋଳନ ସ୍ଥାନୀୟ ଯୁବ ସମାଜକୁ ପ୍ରୋତ୍ସାହିତ କରିଥିଲା। ହଠାତ୍ ଯୁବକର୍ମୀଙ୍କ ଅନ୍ଦୋଳନ ହିଂସାତ୍ମକ ରୂପ ନେବାରୁ ସେଠାରେ ଯେଉଁ ପରିସ୍ଥିତି ଉପୁଜିଲା ସେଥିରେ ୪ ଜଣ ପ୍ରାଣହାନି ଘଟିଥିବା ବେଳେ ପ୍ରାୟ ୧୫୦ ଆହତ ହୋଇଥିଲେ। କ୍ରମାଗତ ହିଂସାକୁ ବିରୋଧ କରିଆସିଥିବା ନେତୃତ୍ୱ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନରେ ବଳି ପଡ଼ିଥିଲା। ଗତବର୍ଷ ସେପ୍ଟେମ୍ବର ୨୬ ରେ ୱାଙ୍ଗଚୁକ୍‌ଙ୍କୁ ଗିରଫ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ଲାଗୁ କରାଯାଇ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇଦିଆଗଲା।

ପାକିସ୍ତାନ ଓ ଚୀନର ଏହା ସୀମାବର୍ତ୍ତୀ ଅଞ୍ଚଳ। ଚୀନ ସହ ସୀମା ବିବାଦକୁ କେନ୍ଦ୍ର କରି ୨୦୨୦ରେ ଘଟିଥିବା ସଂଘର୍ଷରେ ୨୦ ଭାରତୀୟ ଓ ଚୀନ ସୈନ୍ୟ ନିହତ ହୋଇଥିଲେ। ଏହା ଯେ ଏକ ସମ୍ବେଦନଶୀଳ ଅଞ୍ଚଳ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ଏହି ଅଞ୍ଚଳବାସୀ ହେଲେ ବିବାଦୀୟ ସୀମାନ୍ତର ସ୍କାଉଟ ବାହିନୀ। ଯେଉଁ ସୀମାନ୍ତ ଅଞ୍ଚଳବାସୀ ଜଟିଳ ପରିସ୍ଥିତିରେ ଭାରତୀୟ ସେନାବାହିନୀକୁ ସହାୟତା ଦେଇ ଆସିଛନ୍ତି ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେବା ଉଚିତ ହୋଇନାହିଁ। ସେମାନଙ୍କ ଦାବିକୁ ଆପୋସ ଆଲୋଚନା ମାଧ୍ୟମରେ ସହାନୁଭୂତିର ସହ ବିଚାର କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ସେନାବାହିନୀର ସେମାନଙ୍କ ଉପରେ ନିର୍ଭରଶୀଳତା କେତେ ତାହା ଦିଲ୍ଲୀର କ୍ଷମତାକେନ୍ଦ୍ର ବୁଝିବାକୁ ବୋଧହୁଏ ଅସମର୍ଥ। ଅବଶ୍ୟ ଏକଥା ସତ ଯେ ପଡ଼ୋଶୀ ରାଷ୍ଟ୍ରର ପରିସ୍ଥିତି ନେଇ ଉଦ୍‌ବିଗ୍ନ ସରକାରଙ୍କ ପକ୍ଷରେ ତ୍ରୁଟିବିଚ୍ୟୁତି ଘଟିବାରେ କିଛି ବିଚିତ୍ରତା ନାହିଁ। କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ପରେ ପ୍ରଶାସନ ନିଜର ତ୍ରୁଟି ସୁଧାରିବା ପରିବର୍ତ୍ତେ ତାହାର ଯଥାର୍ଥତା ଦର୍ଶାଇବାକୁ ଯାଇ ସତ ମିଛ କାହାଣୀ ଯୋଖି ମାମଲାକୁ ମଜଭୁତ କରିଥାଏ। ଏକ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥିଲା। ସେତେବେଳେ ୱାଙ୍ଗଚୁକଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ପାଇଁ ସହଯୋଗ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ପରିବେଶ ଗତ ସନ୍ତୁଳନ ରକ୍ଷା ଭଳି ପ୍ରଶଂସିତ ଦିଗ କାହା ନଜରକୁ ଆସିଲାନାହିଁ। ସବୁଠାରୁ ଥଣ୍ଡା ପରିବେଶରେ ଜୀବନ ଅତିବାହିତ କରି ଆସିଥିବା ଏହି ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱଟିଙ୍କୁ ନିର୍ବିଚାରରେ ରାଜସ୍ଥାନର ଯୋଧପୁର ଜେଲ ଭଳି ଏକ ଉଷ୍ମ ପରିବେଶକୁ ପଠାଇଦିଆଗଲା। ଅନଶନରେ ବସିଥିବା ୱାଙ୍ଗଚୁକ୍‌ଙ୍କ ବକ୍ତବ୍ୟର ରେକର୍ଡିଂ ସରକାରଙ୍କ ନିକଟରେ ମହଜୁଦ ଅଛି। ତାହାର ଯେ ସରକାର ତର୍ଜମା କରିନଥିବେ ଏକଥା ନୁହେଁ। ତେବେ ଏତେ ବ୍ୟକ୍ତିନିଷ୍ଠ ବିଦ୍ୱେଷ କାହିଁକି?

ୱାଙ୍ଗଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଅଟକ ରଖାଯିବା ବିରୋଧରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତାହାର କ୍ରମାଗତ ଶୁଣାଣି ଚାଲିଥିଲା। ୱାଙ୍ଗଚୁକ୍‌ଙ୍କ ପ୍ରତି ବିଚାରପତିଙ୍କ ସମ୍ବେଦନଶୀଳତା ବାରି ହୋଇ ପଡୁଥିଲା। ସରକାରଙ୍କ ପକ୍ଷରୁ ତାଙ୍କ ବକ୍ତବ୍ୟର ଯେଉଁ ଅନୁବାଦ ଅଦାଲତରେ ଉପସ୍ଥାପନ କରାଯାଇଥିଲା ସେଥିରେ ମଧ୍ୟ କିଛି ଅନାବଶ୍ୟକ ଅଂଶ ଯୋଡ଼ାଯାଇଥିବା ଘଟଣା ଦୃଷ୍ଟିକୁ ଆସିଥିଲା। ଏନଏସଏ ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିଙ୍କୁ ନିର୍ବିଚାରରେ ବର୍ଷକ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ। ଏଭଳି କଠୋର ବ୍ୟବସ୍ଥା ସତ୍ତ୍ୱେ ପ୍ରଶାସନ ଚାର୍ଜସିଟ ଦାଖଲ କରିଛି ଯଥେଷ୍ଟ ପୂର୍ବରୁ, ଯାହାକି ବିଚାର ପ୍ରକ୍ରିୟାକୁ ଆଗେଇ ନେବାରେ ସହାୟକ ହୋଇଛି। ୱାଙ୍ଗଚୁକ୍ ଅଟକ ରହିବାର ୬ ମାସ ମଧ୍ୟରେ ତାଙ୍କ ଉପରୁ ସରକାର ଏନଏସଏ ପ୍ରତ୍ୟାହାର କରିନେଇଛନ୍ତି। ସରକାରଙ୍କ ଏହି ବିରଳ ଆଭିମୁଖ୍ୟ ମଧ୍ୟ ପ୍ରଶଂସନୀୟ। ଗତ ଶନିବାର ତାଙ୍କୁ ଯୋଧପୁର ଜେଲରୁ ମୁକ୍ତ କରାଯାଇଛି। ସୁପ୍ରିମକୋର୍ଟ ମାମଲାର ଚୂଡ଼ାନ୍ତ ଶୁଣାଣି ପୂର୍ବରୁ ସରକାରଙ୍କ ସକାରାତ୍ମକ ମନୋଭାବ ବିଚାର ପ୍ରକ୍ରିୟାରେ ଏକ ନ୍ୟାୟିକ ଉପସଂହାର ପାଇଁ ସୁଯୋଗ ସୃଷ୍ଟି କରିଛି।

ସେ କେବଳ ଜଣେ ପରିବେଶବିତ୍ ଓ ସମାଜକର୍ମୀ ନଥିଲେ, ଶୀତ ଦିନରେ ଜଳ ସଂରକ୍ଷଣ ସକାଶେ ସ୍ତୂପୀକୃତ ବରଫରେ କୃତ୍ରିମ ଗ୍ଲାସିୟର ସୃଷ୍ଟି ତାଙ୍କର ଏକ ଅଭିନବ ଅବଦାନ। ସେଠାରେ କାର୍ଯ୍ୟରତ ଆମ ସେନାବାହିନୀ ପାଇଁ ଏହା ଏକ ବରଦାନ କହିଲେ ଭୁଲ ହେବ ନାହିଁ। ଏସଇସିଏମଓଏଲ ପରିସରରେ ସୌରଚାଳିତ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରି ସମଗ୍ର ବ୍ୟବସ୍ଥାରେ ତାହା ଉପଯୋଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କ ନବସୃଜନର ଚମତ୍କାରିତା ସ୍ଥପତି ବିଜ୍ଞାନରେ ମଧ୍ୟ ଅନୁଭୂତ ହୋଇଥିଲା। ୨୦୧୮ ରେ ରମନ ମାଗାସେସେ ପୁରସ୍କାର ତାଙ୍କର ଯୋଗ୍ୟତା ଓ ଦକ୍ଷତାକୁ ସମଗ୍ର ବିଶ୍ୱରେ ପରିଚିତ କରିଥିଲା। ଜୀବନର ଏହି ଦୁର୍ଦ୍ଦଶାକୁ ଏକ ଦୁଃସ୍ୱପ୍ନ ଭାବି ସେ ଭୁଲିଯାଇ ପୁଣି ତାଙ୍କର ଅଧ୍ୟବସାୟରେ ନିମଗ୍ନ ରହିବେ ବୋଲି ଆମେ ଆଶାକରୁ। ଯୋଧପୁର ଜେଲରୁ ମୁକ୍ତି ପାଇବା ପରେ ୱାଙ୍ଗଚୁକ୍ କହିଛନ୍ତି ଯେ ଲଦାଖ ଓ ଲେହବାସୀଙ୍କ ପାଇଁ ତାଙ୍କର ଜୀବନ ସମର୍ପିତ। ସେ ଯେଉଁ ଆଦର୍ଶରେ ବିଶ୍ୱାସ କରନ୍ତି ସେଥିରୁ ତାଙ୍କର ବିଚ୍ୟୁତି ଘଟିନାହିଁ କି ଆଗକୁ ଘଟିବ ନାହିଁ।

ଏନ୍‌ଏସ୍‌ଏ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ୱାଙ୍ଗଚୁକ୍‌ଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ଭବିଷ୍ୟତ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ଲଦାଖବାସୀଙ୍କ ଦାବି ପ୍ରତି ସରକାର ଆଗକୁ ସକାରାତ୍ମକ ଆପୋସ ଆଲୋଚନା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯିବାର ସୂଚନା ଦିଆଯାଇଛି। ୨୦୨୫ ସେପ୍ଟେମ୍ବର ପରିସ୍ଥିତିରେ ବହୁ ପରିବର୍ତ୍ତନ ଘଟିଛି। ସରକାର ନୂଆ ମନ ନେଇ ସ୍ଥିତିକୁ ସମ୍ଭାଳିବେ ବୋଲି ଆଶା କରାଯାଏ।

# ନିର୍ବାଚନୀ ଅବଗଣନା

ସୌଭାଗ୍ୟ ସୁନ୍ଦରାୟ

ଆସନ୍ତା ମାସ ୯ ତାରିଖରୁ ଦେଶର ୫ଟି ରାଜ୍ୟ ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ଭାଜପା) ନୂତନ ରାଷ୍ଟ୍ରୀୟ ସଭାପତି ଭାବେ ନୀତିନ ନବୀନଙ୍କୁ ନିଯୁକ୍ତି କରିଛି। ତେବେ ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଭିନ୍ନ ରାଜ୍ୟ ଗସ୍ତ କରି ଏକପ୍ରକାର ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିବା କୁହାଯାଉଛି। ଭାଜପାର ଦୁଇ ବରିଷ୍ଠ ନେତା ଯଦିଓ ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ଗସ୍ତ କରୁଛନ୍ତି, ତଥାପି ଉଭୟଙ୍କ ବୟାନରେ ନିର୍ବାଚନୀ ପ୍ରଚାରର ଛିଟା ବାରି ହେଉଛି। ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟ ମଧ୍ୟରୁ କେବଳ ଆସାମକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ରାଜ୍ୟରେ ଆଞ୍ଚଳିକ ଦଳ ଶାସନ କ୍ଷମତାରେ ରହିଛି। ଏଣୁ ଏହି ସମସ୍ତ ରାଜ୍ୟରେ ଉଭୟ କଂଗ୍ରେସ ଓ ଭାଜପା ବିଭିନ୍ନ ଆଞ୍ଚଳିକ ଦଳ ସହ ମେଣ୍ଟ କରି ନିର୍ବାଚନକୁ ଓହ୍ଲାଇବାର ସମ୍ଭାବନା ରହିଛି। ବର୍ତ୍ତମାନ ମେଣ୍ଟ ପ୍ରସଙ୍ଗର ରୂପରେଖ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ରାଜ୍ୟ ଓ କେନ୍ଦ୍ରର କ୍ଷମତାସୀନ ଦଳ ପ୍ରସ୍ତୁତି ଚୂଡ଼ାନ୍ତ କରିଥିବା କୁହାଯାଉଛି। ନୂଆ ଭାଜପା ସଭାପତି ଦୀପଦାନ ଓ ସନାତନ ଧର୍ମ ପରମ୍ପରାରୁ ନିଜର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତାମିଲନାଡୁର ଡିଏମକେ ସରକାରକୁ ଲକ୍ଷ୍ୟ କରି ସେ ଏଭଳି କରିଥିବା ମନେହୁଏ।

୨୦୨୬ ଏପ୍ରିଲ ପରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରେ ଭାରତୀୟ ଜନତା ପାର୍ଟି ରାଜ୍ୟରେ ସରକାର ଗଠନ କରିବ ବୋଲି ପଶ୍ଚିମବଙ୍ଗ ଗସ୍ତ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୂର୍ବାନୁମାନ କରିଛନ୍ତି। ୨୦୨୧ ନିର୍ବାଚନରେ ମଧ୍ୟ 'ଇସ୍ ବାର ୨୦୦ ପାର' ବୋଲି ଗୃହମନ୍ତ୍ରୀ କହିଥିଲେ। ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ଉପରେ ଭାଜପା ମୁଖ୍ୟତଃ ଧ୍ୟାନ କେନ୍ଦ୍ରୀଭୂତ କରିଛି। କ୍ଷମତାସୀନ ଆଞ୍ଚଳିକ ଦଳ ତୃଣମୂଳ କଂଗ୍ରେସ 'ଏସ୍‌ଆଇଆର'କୁ ବିରୋଧ କରୁଥିବା ବେଳେ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର 'ଏସ୍‌ଆଇଆର'କୁ ବିରୋଧ କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଉଛି। ପଶ୍ଚିମବଙ୍ଗରେ ବିଧାନସଭା ଆସନ ସଂଖ୍ୟା ୨୯୪, ଯାହା ଉତ୍ତରପ୍ରଦେଶ ପରକୁ ଦ୍ୱିତୀୟ ବୃହତ୍ତମ ବିଧାନସଭା ଆସନ ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ। ରାଜ୍ୟରେ ନାମଶୂଦ୍ର ଓ ମାତୁଆ ସଂପ୍ରଦାୟ ପଶ୍ଚିମବଙ୍ଗର ଦ୍ୱିତୀୟ ବୃହତ୍ତମ ଅନୁସୂଚିତ ଜାତି। 'ଏସ୍‌ଆଇଆର'କୁ ନେଇ ଏହି ସଂପ୍ରଦାୟ ଅସନ୍ତୁଷ୍ଟ ରହିଛନ୍ତି। ଏଣୁ ତୃଣମୂଳ କଂଗ୍ରେସ ଓ ଭାଜପା ଉଭୟ ଏହି ସଂପ୍ରଦାୟକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଚଳାଇଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜାତୀୟ ଗୀତ 'ବନ୍ଦେ ମାତ୍‌ରମ...'ର ୧୫୦ ବର୍ଷ ପୂରଣ ଉତ୍ସବ ପାଳନ କରିବା ନିମନ୍ତେ ଭାଜପା ତତ୍ପରତା ପ୍ରକାଶ କରିଥିଲା। ଏହାକୁ ନିର୍ବାଚନ କୌଶଳ ଦୃଷ୍ଟିକୋଣରୁ ଦେଖାଯାଇପାରେ। ଏଥିପାଇଁ ସଂସଦରେ ବିତର୍କ ସମୟରେ ଦେଶ ବିଭାଜନ ପାଇଁ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଦାୟୀ କରିଥିଲେ। ତେଣେ ଆଇ-ପାକ୍ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ଉ କରିବା ଘଟଣା ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ପ୍ରତିଧ୍ୱନିତ ହେବାର ସମ୍ଭାବନା ରହିଛି। ଏହି ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି। ଆଇ-ପାକ୍ ଏକ ବେସରକାରୀ ସଂସ୍ଥା। ବିଭିନ୍ନ ରାଜନୈତିକ ଦଳ ପାଇଁ ଏହା ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥାଏ। ଏଥିପାଇଁ ସଂସ୍ଥା ତୃଣମୂଳସ୍ତରରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥାଏ। ସଂସ୍ଥାକୁ ପଶ୍ଚିମବଙ୍ଗ ନିର୍ବାଚନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବାକୁ ତୃଣମୂଳ କଂଗ୍ରେସ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ଆଇ-ପାକ୍ ଏହି କାର୍ଯ୍ୟ କରୁଥିବା ସମୟରେ କିଛିବର୍ଷ ତଳର କୋଇଲା ଦୁର୍ନୀତି ଅଭିଯୋଗରେ ସଂସ୍ଥା କାର୍ଯ୍ୟାଳୟରେ ଇଡି ଚଢ଼ାଉ କରିଥିଲା। ତୃଣମୂଳ କଂଗ୍ରେସ ନେତ୍ରୀ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ତୀବ୍ର ବିରୋଧ କରିଥିଲେ। ଏଣୁ ନିର୍ବାଚନ ସମୟରେ ଏବଂ ନ୍ୟାୟିକ ଶୁଣାଣି ସମୟରେ ଏହି ପ୍ରସଙ୍ଗ ବାରମ୍ବାର ଉଠିବ। ତୃଣମୂଳ କଂଗ୍ରେସ ସରକାର ରାଜ୍ୟରେ ଆସନ୍ତା ଏପ୍ରିଲ ୧ ତାରିଖରୁ 'ଯୁବ ସାଥୀ' ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି। ଏହି ଯୋଜନାରେ ୨୧ରୁ ୪୦ ବର୍ଷ ମଧ୍ୟରେ ବ୍ୟକ୍ତିଙ୍କୁ ମାସିକ ୧୫୦୦ ଟଙ୍କା ଲେଖାଏଁ ବେରୋଜଗାରୀ ଭତ୍ତା ମିଳିବ। ଏଥିସହ ମହିଳାଙ୍କ ପାଇଁ ଗତ ଫେବୃୟାରୀ ମାସରୁ 'ଲକ୍ଷ୍ମୀ ଭଣ୍ଡାର' ଯୋଜନାର ଭତ୍ତା ପରିମାଣ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଇତିମଧ୍ୟରେ ଟିଏମସିର ଜଣେ ଚତୁର ରଣନୀତିଜ୍ଞ ମୁକୁଲ ରୟଙ୍କ ନିଧନ ଦଳ ପାଇଁ କିଛିଟା ପ୍ରଭାବ ପକାଇପାରେ ବୋଲି ଅନୁମାନ କରାଯାଉଛି।

ତେଣେ ୧୨୬ ବିଧାନସଭା ଆସନବିଶିଷ୍ଟ ଆସାମ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ କଂଗ୍ରେସକୁ କଟାକ୍ଷ କରି କହିଛନ୍ତି ଯେ ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକରୀଙ୍କୁ ସୁରକ୍ଷା ପ୍ରଦାନ କରୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୬୯୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଆସାମରେ ଏବେ ଭାରତୀୟ ଜନତା ପାର୍ଟି ସରକାର ରହିଛି। ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବା ପ୍ରସଙ୍ଗରେ ଆସାମ ସରକାରଙ୍କ ବିରୋଧରେ ଜନଅସନ୍ତୋଷ ରହିଛି। ଏହାର ଜବାବରେ ବିରୋଧୀ ଦଳକୁ ବିଭାଜନକାରୀ ବୋଲି ପ୍ରଧାନମନ୍ତ୍ରୀ ଅଭିହିତ କରିଛନ୍ତି। ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆସାମର ବରିଷ୍ଠ କଂଗ୍ରେସ ନେତା ଭୂପେନ ବୋରହା ଇତିମଧ୍ୟରେ ଶାସକ ଭାଜପାରେ ଯୋଗ ଦେଇଛନ୍ତି।

ତାମିଲନାଡୁରେ ରାଜ୍ୟ ଓ କେନ୍ଦ୍ର ସରକାର ନିରନ୍ତର ଲଢ଼େଇ ମଧ୍ୟରେ ନିର୍ବାଚନ ଆସି ପହଞ୍ଚିଛି। ରାଜ୍ୟରେ ଆଞ୍ଚଳିକ ଦଳ ଡିଏମକେ ଶାସନ କ୍ଷମତାରେ ରହିଛି। ୨୩୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ଦଖଲ ନିମନ୍ତେ ଭାରତୀୟ ଜନତା ଦଳ ବିକାଶକୁ ପ୍ରସଙ୍ଗ କରିବା ଦେଖାଯାଉଛି। କାରଣ ତାମିଲନାଡୁରେ କୁଶାସନ ଓ ଦୁର୍ନୀତି ବିଷୟ ଉଲ୍ଲେଖ କରିବାକୁ ଭାଜପା ନିକଟରେ ତଥ୍ୟ ନାହିଁ। ବିଗତ ୫ ବର୍ଷ ଧରି ତାମିଲନାଡୁ କେନ୍ଦ୍ର ସହ ଲଢ଼ି ଚାଲିଛି। ରାଜ୍ୟପାଳ ବାରମ୍ବାର ବିଧାନସଭା ବର୍ଜନ କରିବା ଘଟଣାକୁ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ୍ୟ ଅସ୍ତ୍ର କରିପାରେ। ସମସ୍ତ ସରକାରୀ କାର୍ଯ୍ୟ ତାମିଲ ଭାଷାରେ କରିବା ସହ ଜାତୀୟ ଶିକ୍ଷା ନୀତିର 'ତ୍ରିଭାଷୀ ସୂତ୍ର'କୁ ଅଗ୍ରାହ୍ୟ କରି ଏହାର ବିକଳ୍ପ ଭାବେ ରାଜ୍ୟ ନିଜସ୍ୱ ଶିକ୍ଷା ନୀତି ପ୍ରଣୟନ କରିଛି। ତାମିଲ, ତେଲଗୁ, କନ୍ନଡ଼, ମାଲାୟଲାମ, ଓଡ଼ିଆ, ବଙ୍ଗଳା ଓ ମରାଠୀ ଭାଷାରେ ସାହିତ୍ୟ ପୁରସ୍କାର ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ମୁଖ୍ୟତଃ ଭାଷା ଓ ସଂସ୍କୃତି ଅସ୍ମିତା ଉପରେ ଡିଏମକେ ଦୃଷ୍ଟି କେନ୍ଦ୍ରୀଭୂତ କରିଛି। ଇତିମଧ୍ୟରେ ରାଜ୍ୟରେ ଡିଏମକେ ବିରୋଧୀ ଅନ୍ୟତମ ଆଞ୍ଚଳିକ ଦଳ ଏଆଇଏଡିଏମକେ ଚେନ୍ନାଇରେ ସମସ୍ତ ଜନସାଧାରଣଙ୍କୁ ମାଗଣା ବସ ସେବା ଯୋଗାଣ ସହ ୨ କୋଟି ପଡ଼ିକାର୍ଡ଼ଧାରୀଙ୍କ ପାଇଁ ମାସିକ ୨୦୦୦ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏଥିସହ ଗ୍ରାମ୍ୟ କର୍ମନିଯୁକ୍ତି ୧୦୦ ଦିନରୁ ୧୫୦ ଦିନକୁ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି। ଗୃହ ନିର୍ମାଣ ଓ ଦୁଇଚକିଆ ଗାଡ଼ି କ୍ରୟ ନିମନ୍ତେ ମହିଳାଙ୍କ ପାଇଁ ୨୫୦୦୦ ଟଙ୍କାର ରିହାତି ଘୋଷିତ ହୋଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ତାମିଲନାଡୁ ନିର୍ବାଚନ ପ୍ରସଙ୍ଗରେ 'କଚ୍ଚାଥେଭୁ ଦ୍ୱୀପ' ପ୍ରସଙ୍ଗ ଉଠାଇଛନ୍ତି। ୧୯୭୪ ମସିହାରେ କଂଗ୍ରେସ ସରକାର ଏହାକୁ ଶ୍ରୀଲଙ୍କାକୁ ହସ୍ତାନ୍ତର କରିଥିଲେ ବୋଲି ସେ କହିବା ସହ ଦଳ ତାମିଲନାଡୁର ସାଂସ୍କୃତିକ ପର୍ବ 'ଜାଲିକାଟ୍ଟୁ' ବନ୍ଦ କରାଯିବା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ତାମିଲନାଡୁରେ ଏବେ କଂଗ୍ରେସ-ଶାସକ ଡିଏମକେ ମେଣ୍ଟ ରହିଛି। ତେଣେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଆଇଏଡିଏମକେର ପୂର୍ବତନ ବରିଷ୍ଠ ନେତ୍ରୀ ଭି.କେ. ଶଶୀକଳା ନୂତନ ଦଳ ଗଠନ କରି ଚଳିତ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ପ୍ରସ୍ତୁତ ହୋଇଛନ୍ତି। ଇତିମଧ୍ୟରେ ସେ ଦଳର ପତାକା ଉନ୍ମୋଚନ କରିଛନ୍ତି। ତେଣେ ଏଆଇଏଡିଏମକେର ବର୍ତ୍ତମାନର ନେତା ଇ.କେ.ପାଲାନିସ୍ୱାମୀଙ୍କ ନେତୃତ୍ୱରୁ ଓ.ପନିରସେଲଭାମ ଓହରି ଯାଇ ଶାସକ ଡିଏମକେରେ ଯୋଗ ଦେଇଛନ୍ତି। ପନିରସେଲଭାମ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ଥିଲେ। ଏପରି ସ୍ଥିତିରେ ଭାଜପା କେଉଁ ଗୋଷ୍ଠୀ ସହ ମେଣ୍ଟ କରିବ ସେଥିନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

କେରଳରେ ବିଧାନସଭା ଆସନ ସଂଖ୍ୟା ୧୪୦। ଏଠାରେ ଏଲଡିଏଫ ସରକାର ରହିଛି। ତେବେ ଗତ ନଗରପାଳିକା ନିର୍ବାଚନରେ କଂଗ୍ରେସ ଏଠାରେ ଭଲ ଫଳାଫଳ କରିଥିବା ବେଳେ ଦୀର୍ଘ ଦିନ ଧରି ବାମଦଳ ଦଖଲରେ ଥିବା ଥିରୁଭନନ୍ତପୁରମ ନଗର ନିଗମକୁ ଭାରତୀୟ ଜନତା ପାର୍ଟି ଦଖଲ କରିବାରେ ସମର୍ଥ ହୋଇଛି। ଏହି କାରଣରୁ କେରଳ ନିର୍ବାଚନକୁ ନେଇ କଂଗ୍ରେସ ଓ ଭାଜପା ଉତ୍ସାହିତ ଅଛନ୍ତି।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଉପସାଗରୀୟ ଯୁଦ୍ଧରେ ଫସଫରସ ବୋମା

ଇଂ ମାୟାଧର ସ୍ୱାଇଁ

ଗତ ଫେବୃୟାରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧରେ ଇସ୍ରାଏଲ ସୈନ୍ୟବାହିନୀ ଶତ୍ରୁ ଦେଶର ଆବାସିକ ଅଞ୍ଚଳରେ ବିପଜ୍ଜନକ ଫସଫରସ ବୋମା ନିକ୍ଷେପ କରିଥିବାର ଅଭିଯୋଗ ହୋଇଛି। ଏହାକୁ ମିଳିତ ଜାତିସଂଘ ସହିତ ସଂଶ୍ଳିଷ୍ଟ ଥିବା ମାନବ ଅଧିକାର ପର୍ଯ୍ୟବେକ୍ଷକ (ହ୍ୟୁମାନ୍ ରାଇଟ୍ସ ୱାଚ) ପ୍ରକାଶ କରିଛି। ଏହି ସଂସ୍ଥା ଧଳା ଧୂଆଁ ଓ ବ୍ୟାପକ ନିଆଁର ଦୃଶ୍ୟ ଥାଇ ସାତଟି ଭିଡିଓ ପ୍ରକାଶ କରିଛି। ଲେବାନନର ୟୋମୋର ସହରରେ ମାର୍ଚ୍ଚ ୩ ତାରିଖରେ ଇସ୍ରାଏଲ୍ ଧଳା ଫସଫରସ ବୋମା ପକାଇଥିବାର ପ୍ରମାଣ ମିଳିଛି। ପୁନଶ୍ଚ ମାର୍ଚ୍ଚ ୯ ତାରିଖରେ ଲେବାନନର ବିରୁଟ ସହରରେ ମଧ୍ୟ ଧଳା ଫସଫରସ ବୋମା ଆକ୍ରମଣ ହୋଇଛି। ଇସ୍ରାଏଲ୍ ମଧ୍ୟ ପୂର୍ବରୁ ୨୦୨୩ ମସିହା ଅକ୍ଟୋବର ମାସ ଏବଂ ୨୦୨୪ ମସିହା ମଇ ମାସରେ ଲେବାନନ ଉପରେ ଏହି ବୋମା ଆକ୍ରମଣ କରିଥିଲା।

ଏବେ ଆସନ୍ତୁ ଜାଣିବା ଧଳା ଫସଫରସ କ'ଣ ଏବଂ ଏହା ମନୁଷ୍ୟର କେଉଁପ୍ରକାର କ୍ଷତି କରିଥାଏ। ଏହା ହେଉଛି ମହମ ଭଳି ଦେଖାଯାଉଥିବା ଏକ ପଦାର୍ଥ, ଯେଉଁଥିରୁ ରସୁଣ ଭଳି ଗନ୍ଧ ନିର୍ଗତ ହୋଇଥାଏ। ଏହା ହେଉଛି ଫିକା ହଳଦିଆ ରଙ୍ଗର ଏକ ରାସାୟନିକ ପଦାର୍ଥ, ଯାହା ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଆପେଆପେ ଉଚ୍ଚ ତାପମାତ୍ରାରେ ଜଳି ଯାଇଥାଏ। ସେଥିପାଇଁ ଏହାକୁ ଭାକ୍ୟୁମ୍ ଥିବା ଡବାରେ କିମ୍ବା ଜଳରେ ବୁଡ଼ାଇ ରଖାଯାଏ।

ଯୁଦ୍ଧ ସମୟରେ ସାଧାରଣତଃ ଧଳା ଫସଫରସକୁ ବ୍ୟବହାର କରି ଏକ ବହଳିଆ, ଧଳା ଧୂମ୍ରପରଦା ସୃଷ୍ଟି କରାଯାଏ, ଯାହାଫଳରେ ଶତ୍ରୁ ସୈନ୍ୟମାନଙ୍କୁ କିଛି ଦେଖାଯାଏ ନାହିଁ ଏବଂ ସେମାନଙ୍କର ଗତିକୁ ଜାଣି ହୋଇଥାଏ। ପୁନଶ୍ଚ ଏହାଦ୍ୱାରା ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳକୁ ଆକ୍ରମଣ ପାଇଁ ଚିହ୍ନିତ କରାଯାଏ। କିନ୍ତୁ ଏହାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କଲେ ଏହାର ପ୍ରଭାବ ଭୟାନକ ହୋଇଥାଏ। ଯେତେବେଳେ ଏହାକୁ ବୋମା ଭାବେ ବ୍ୟବହାର କରାଯାଏ, ଏହା ବାୟୁରେ ବିସ୍ଫୋରିତ ହୋଇ ପ୍ରାୟ ଆଠଶହ ଡିଗ୍ରୀ ସେଲସିୟସ ତାପମାତ୍ରରେ ଜଳିଥାଏ। ଏହି ତାପମାତ୍ରାରେ କେତେକ ଧାତୁ ମଧ୍ୟ ତରଳି ଯାଇଥାଏ ଏବଂ ମନୁଷ୍ୟ ଶରୀରର ମାଂସ ତୁରନ୍ତ ଜଳିଯାଏ। ଏହାଦ୍ୱାରା ଚର୍ମରେ ଜଳାପୋଡ଼ା ହୁଏ। ଏହା ଶରୀରର ଚର୍ମ ଓ ମାଂସପେଶୀ ଦେଇ ଅସ୍ଥିକୁ ମଧ୍ୟ ଦଗ୍ଧ କରିଦିଏ। ଏହି ବୋମା ଦ୍ୱାରା ବାୟୁରେ ଅମ୍ଳଜାନ ସ୍ତର ବହୁତ କମିଯାଏ। ଫଳରେ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ। ଏହା ଶରୀରର ବୃକକ୍ ଓ ଯକୃତ ଉପରେ ଖରାପ ପ୍ରଭାବ ପକାଇଥାଏ। ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ବ୍ୟକ୍ତି ଜୀବନ ସାରା କଷ୍ଟ ପାଇଥାଏ। ଥରେ ନିଆଁ ଲାଗିଗଲେ ଏହାକୁ ଲିଭାଇବା ସହଜ ନୁହେଁ ଏବଂ ଏହା ଚର୍ମ ପୃଷ୍ଠ ଓ ପୋଷକରେ ଅଠା ଭଳି ଲାଗି ରହେ। ଫସଫରସ ବୋମା ବିସ୍ଫୋରଣ ହେବା ପରେ ଫସଫରସର ଛୋଟ ଛୋଟ କଣିକା ବିସ୍ତୃତ ଅଞ୍ଚଳକୁ ବ୍ୟାପିଯାଏ। ଚାରିଆଡ଼େ ନିଆଁ ଲଗାଇଦିଏ, ଯାହା ସାଧାରଣ ଲୋକମାନଙ୍କର ବିପଦକୁ ବୃଦ୍ଧି କରିଥାଏ। ଫସଫରସ ଆଖପାଖର ସମସ୍ତ ଅମ୍ଳଜାନ ସହିତ ପ୍ରତିକ୍ରିୟା କରି ସେଗୁଡ଼ିକୁ ଶେଷ କରିଦିଏ। ଏହି ପ୍ରତିକ୍ରିୟାରୁ ଉତ୍ପନ୍ନ ଶକ୍ତି ଯୋଗୁଁ ଉତ୍ତାପ ବୃଦ୍ଧି ପାଇ ନିଆଁ ଲାଗିଥାଏ। ଜଳରେ ଏହି ନିଆଁ ଲିଭେ ନାହିଁ। କାରଣ ଫସଫରସ ନିଜେ ଅମ୍ଳଜାନ ଉତ୍ପନ୍ନ କରିଥାଏ।

ବେସାମରିକ ଲୋକଙ୍କ ପ୍ରତି ଫସଫରସ ବୋମାର ବିପଦ ଯୋଗୁଁ ୧୯୭୭ ମସିହା ଜେନେଭା ଚୁକ୍ତିରେ ଏହାର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି। କିନ୍ତୁ ଏଥିରେ କିଛି ଗଳା ବାଟ ରହିଯାଇଥିବା ଆଇନଜୀବୀମାନେ କହିଥା'ନ୍ତି। କାରଣ ଧଳା ଫସଫରସ ମୁଖ୍ୟତଃ ଧୂମ-ପରଦା ଭାବରେ ବ୍ୟବହୃତ ହେଉଥିବାରୁ ଏବଂ ଲୋକଙ୍କୁ ମାରିବା ପାଇଁ ଏକ ଅସ୍ତ୍ର ଭାବେ ବ୍ୟବହୃତ ହେଉ ନ ଥିବା କହି ଇସ୍ରାଏଲ୍ ସମେତ କେତେକ ରାଷ୍ଟ୍ର ଏଥିରୁ ଖସି ଯାଉଛନ୍ତି। ଅବଶ୍ୟ ଇସ୍ରାଏଲ୍ ଜେନେଭା ଚୁକ୍ତିରେ ଦସ୍ତଖତ କରିନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ଭିଏତନାମ ଯୁଦ୍ଧରେ ପ୍ରୟୋଗ କରିଥିଲା। ଅବଶ୍ୟ ସେତେବେଳେ ଏହା ଉପରେ ପ୍ରତିବନ୍ଧକ ନଥିଲା। ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଉପରେ ପ୍ରତିବନ୍ଧକ ୧୯୭୭ ମସିହାରେ ଲଗାଯାଇଛି। କିନ୍ତୁ ଆମେରିକା ୨୦୦୪ ମସିହାରେ ଏହାକୁ ଇରାକ ବିରୁଦ୍ଧରେ ପ୍ରୟୋଗ କରିଥିବା କୁହାଯାଏ।

ଏବେ ଫସଫରସକୁ ବୋମା ଭାବେ ବ୍ୟବହାର କରାଯାଉଛି। ଏହାସହିତ ଏହାକୁ ହ୍ୟାଣ୍ଡଗ୍ରେନେଡ୍, ଛୋଟ ରକେଟ, ଗ୍ରେନେଡ ଲଞ୍ଚର ଆଦି ଦ୍ୱାରା ମଧ୍ୟ ନିକ୍ଷେପ କରାଯାଉଛି। ଅନ୍ତର୍ଜାତୀୟ ନିୟମ ଅନୁସାରେ ପ୍ରତିବନ୍ଧକ ଥିବା ଫସଫରସ ବୋମା ବ୍ୟବହାର କରିବା ଆଇନଗତ ଓ ନୈତିକତା ଦୃଷ୍ଟିରୁ ଅସମୀଚୀନ। କିନ୍ତୁ ଯୁଦ୍ଧ ସମୟରେ ଅନେକ ଦେଶ ନୀତିରୁ ବାହାରି ଯାଇଥାଆନ୍ତି। ଇରାନ ଯୁଦ୍ଧରେ ଦେଖାଯାଇଛି ଯେ ସ୍କୁଲ ଓ ଡାକ୍ତରଖାନା ଉପରେ କ୍ଷେପଣାସ୍ତ୍ର ନିକ୍ଷେପ ହୋଇ ଅନେକ ସ୍କୁଲ ଛାତ୍ରଛାତ୍ରୀ ଓ ରୋଗୀ ପ୍ରାଣ ହରାଇଛନ୍ତି। ଅନେକ ବେସାମରିକ କୋଠା ଧ୍ୱଂସ ହୋଇଛି। ଫସଫରସ ବୋମା ପ୍ରୟୋଗ ନିଶ୍ଚିତ ଭାବେ ଏକଯୁଦ୍ଧ ଅପରାଧ ଏବଂ ପ୍ରତ୍ୟେକ ଦେଶ ମାନବିକତା ଦୃଷ୍ଟିକୋଣରୁ ଏହାକୁ ପରିହାର କରିବା ଉଚିତ୍।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା



ସାରାଦୁନିଆରେ ଏବେ ବଦଳି ଚାଲିଛି ଖାଦ୍ୟାଭ୍ୟାସ। ପ୍ରାକୃତିକ ଖାଦ୍ୟ ଉପରୁ ଆମ ନିର୍ଭରଶୀଳତା ହ୍ରାସ ପାଇ ବଢ଼ିବାରେ ଲାଗିଛି କୃତ୍ରିମ ଭାବେ ପ୍ରସ୍ତୁତ ଖାଦ୍ୟଗୁଡ଼ିକ ଉପରେ। ଏହାମଧ୍ୟରେ ସର୍ବାଗ୍ରରେ ରହିଛି 'ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ' ବା 'ଅଲଟ୍ରା ପ୍ରସେସଡ୍ ଫୁଡ'। ସାଧାରଣତଃ ଏହା ପ୍ରାକୃତିକ ଖାଦ୍ୟମାନଙ୍କର ପ୍ରକ୍ରିୟାକରଣ ମାଧ୍ୟମରେ ପ୍ରସ୍ତୁତ କିମ୍ବା ଜୈବ ପଦାର୍ଥମାନଙ୍କରୁ ସଂଶ୍ଳେଷଣ ଜରିଆରେ କରାଯାଏ। ନଭେମ୍ବର ୨୦୨୫ ମସିହାରେ ସୁପ୍ରସିଦ୍ଧ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନ୍ସେଟ୍'ରେ ପ୍ରକାଶିତ ତିନୋଟି ନିବନ୍ଧରେ ପୃଥିବୀର ୪୦ ଜଣ ଜନସ୍ୱାସ୍ଥ୍ୟ ବିଶାରଦମାନେ ଏପ୍ରକାର ଖାଦ୍ୟ ଆଦୌ ନ ଖାଇବା କିମ୍ବା କମ୍ ଖାଇବା ପାଇଁ ଉପଦେଶ ଦେଇଛନ୍ତି। କାରଣ ଏଗୁଡ଼ିକରେ ମିଶିଥାଏ ଲିସିଥିନ୍, ପେକ୍ଟିନ୍ ଭଳି ଖାଦ୍ୟର ରୂପ ବଦଳାଉଥିବା 'ଏମୁଲସି ଫାୟରସ୍' ବିବିଧ କୃତ୍ରିମ ରଙ୍ଗ ଓ ସ୍ୱାଦକାରୀ ପଦାର୍ଥ, ସ୍ନେହସାର, ଲବଣ, ଶର୍କରା ଆଦି ପଦାର୍ଥ ଅଧିକମାତ୍ରାରେ।

ଏପ୍ରକାର ଖାଦ୍ୟ ବଜାରକୁ ଯଥେଷ୍ଟ ମାତ୍ରାରେ ଆସିବାକୁ ଆରମ୍ଭ କଲା ୧୯୮୦ ଦଶକରେ। ତପରେ ୨୦୦୯ ମସିହାରେ ବ୍ରାଜିଲ୍‌ର କିଛି ଗବେଷକ ଏହା ଉପରେ ଅଧ୍ୟୟନ ଆରମ୍ଭ କଲେ ଏବଂ ଏହାକୁ 'ଅଲଟ୍ରା ପ୍ରସେସଡ୍ ଫୁଡ' ରୂପେ ନାମିତ କଲେ। ଏହା ପରେ ମଧ୍ୟ ଏହାର ପ୍ରସାର ବଢ଼ି ବଢ଼ି ଚାଲିଲା। ୨୦୨୩ ମସିହା ବେଳକୁ ଆମେରିକୀୟମାନେ ୫୮ ଶତାଂଶ ଏବଂ ବ୍ରିଟିଶରମାନେ ୫୭ ଶତାଂଶ କ୍ୟାଲୋରୀ ଆହରଣ କରିବାର ଜଣାପଡ଼ିଲା ଏକ ସର୍ବେକ୍ଷଣରୁ। ତଦନୁଯାୟୀ ୟୁରୋପର ବିଭିନ୍ନ ଦେଶରେ ଏହା ଥିଲା ୨୫ ରୁ ୩୫ ଶତାଂଶ, ଯାହାକି ଆମ ଦେଶରେ ଏବେ ୧୦ ଶତାଂଶ ଛୁଇଁବାକୁ ଲାଗିଲାଣି।

ବର୍ତ୍ତମାନ ବଜାରରେ ଉପଲବ୍ଧ ଖାଦ୍ୟଗୁଡ଼ିକୁ ୪ଟି ଶ୍ରେଣୀରେ ବିଭକ୍ତ କରାଯାଉଛି। ସେଗୁଡ଼ିକ ହେଲା - ୧) ପ୍ରକ୍ରିୟାକରଣ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନ ସମୂହ, ଯେପରିକି ଚିନି, ଲୁଣ, ମହୁ, ବିବିଧ ସିରାଜାତୀୟ ପଦାର୍ଥ, ଭେଜିଟେବଲ୍ ତୈଳ, ଲହୁଣୀ, ଭିନେଗାର ଇତ୍ୟାଦି। ୨) ଆଦୌ ପ୍ରକ୍ରିୟାକରଣ ହୋଇ ନ ଥିବା କିମ୍ବା ଖୁବ୍ କମ ହୋଇଥିବା ଖାଦ୍ୟ, ଯଥା ଫଳମୂଳ, ପନିପରିବା, ସାଧା ଦହି, ଶିମ୍ବ, କୋଳି, ମଞ୍ଜି, ଅଣ୍ଡା, ମାଛ, କୁକୁଡ଼ା ମାଂସ ଇତ୍ୟାଦି। ୩) ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ଯଥା, ଲୁଣଯୁକ୍ତ ବାଦାମ ମଞ୍ଜି, ବଜାରରେ କ୍ୟାନ୍‌ରେ ବିକ୍ରି ହେଉଥିବା ଫଳମୂଳ, ପନିପରିବା, ମାଛ ଓ ଛେନା ଏବଂ ସଦ୍ୟ ପ୍ରସ୍ତୁତ ପାଉଁରୁଟି। ୪) ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲା ବିଭିନ୍ନ ପ୍ରକାର ଚିପସ୍, ମୃଦୁପାନୀୟ, ନୁଡୁଲସ୍, ପିଜା, ବିଭିନ୍ନ ପ୍ରକାର ରସ, ପାଉଁରୁଟି, ସୋୟାକ୍ଷୀର, କ୍ୟାନ୍‌ରେ ବିକ୍ରୟ ହେଉଥିବା ପ୍ରସ୍ତୁତ ମାଛ ମାଂସ ତରକାରୀ, ଚିନି ବା ଲୁଣ ଅଧିକ ଥିବା ଶସ୍ୟଜାତୀୟ ଖାଦ୍ୟ ଇତ୍ୟାଦି।

'ଲାନସେଟ୍'ରେ ପ୍ରକାଶିତ ଉପରୋକ୍ତ ନିବନ୍ଧମାନଙ୍କରେ ୧୦୪ଟି ଅଧ୍ୟୟନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୯୨ଟିରେ ଏକାଧିକ ଦୀର୍ଘସ୍ଥାୟୀ ରୋଗ ସହିତ ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ ବା 'ଅଲ୍ଟ୍ରା ପ୍ରସେସଡ ଫୁଡ' ମାନଙ୍କର ପ୍ରତ୍ୟକ୍ଷ ସଂପର୍କ ଥିବାର ଜଣାପଡ଼ିଛି। ଏହି ରୋଗ ମଧ୍ୟରୁ ମୁଖ୍ୟଗୁଡ଼ିକ ହେଲା ଟାଇପ୍ ୨ ମଧୁମେହ (୨୫ %), ମାନସିକ ଚାପ (୨୩ %), ଦୁଶ୍ଚିନ୍ତା (୨୨ %), ପୃଥୁଳତା (୨୧ %), ଉଚ୍ଚରକ୍ତଚାପ (୨୦%), ଅକାଳମୃତ୍ୟୁର ବିବିଧ କାରଣ (୧୮ %), ହୃଦ୍‌ରୋଗ(୧୮ %) ଏବଂ ନାନାପ୍ରକାର କର୍କଟ ରୋଗ (୧୫%)। ସେଥିପାଇଁ ଏପରି ଖାଦ୍ୟ ବର୍ଜନ କିମ୍ବା ସର୍ବନିମ୍ନ ବ୍ୟବହାର ପାଇଁ ଏଥିରେ ପରାମର୍ଶ ଦିଆଯାଇଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଘୂର୍ଣ୍ଣିଝଡ଼ରେ ଗାଁ ଛାରଖାର ଘଟଣା

# ୮ ଗାଁର ୨୧୮ ଘର କ୍ଷତିଗ୍ରସ୍ତ, ୨ ହଜାର ଲୋକ ପ୍ରଭାବିତ



ବାରିପଦା,୧୬।୩(ସମିସ): କରଞ୍ଜିଆ ଉପଖଣ୍ଡରେ ଗତକାଲି ଘଟିଥିବା ଘୂର୍ଣ୍ଣିଝଡ଼ ପ୍ରଭାବରେ ଶତାଧିକ ଘରର ଛପର ଉଡ଼ିଯାଇଥିବା ବେଳେ ୮ଟି ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ବିଭାଗର ଅଧିକାରୀ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

କରଞ୍ଜିଆ ବ୍ଲକ୍ ବଳା ଓ ତାଟୋ ଦୁଇଟି ପଞ୍ଚାୟତର କିଆ, ପାନପୋଷି, ଡୁଭୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡ଼ାକୁ ମିଶାଇ ମୋଟ ୮ଟି ଗ୍ରାମରେ ଘୂର୍ଣ୍ଣିଝଡର ତାଣ୍ଡବ ରଚିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ପ୍ରଭାବରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାରୁ ଗାଁଗୁଡ଼ିକ ଏବେ ମରୁଭୂମି ସଦୃଶ ହୋଇଛି। ସେହିପରି ୨୧୮ରୁ ଉର୍ଦ୍ଧ୍ୱ ଖପର ଘର ଉଡ଼ିଯାଇଛି। ବିଦ୍ୟୁତ ଖୁଣ୍ଟ ଓଲଟି ପଡିଛି। ସୋମବାର ସକାଳୁ ପ୍ରଶାସନ ପକ୍ଷରୁ ଡୁମୁରିଆ ଅଙ୍ଗନବାଡି, କିଆ ପାନପୋଷି ବଳା ସ୍କୁଲ ଓ ବାଟପଳସା ଠାରେ ୨ହଜାର ଲୋକଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି। ୩ ଶହ ପଲିଥିନ ବଣ୍ଟନ କରାଯାଇଥିବା ବେଳେ ଆବଶ୍ୟକ ଅନୁଯାୟୀ ପଲିଥିନ ପ୍ରଦାନ କରାଯାଉଛି। ଏହି ଘୂର୍ଣ୍ଣିଝଡ଼ରେ ୩୪ ଲୋକ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ୬ଜଣଙ୍କୁ କେନ୍ଦୁଝର ଧରଣୀଧର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଆହୁରି ୪ଦିନ ଧରି ମୟୂରଭଞ୍ଜକୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଫଳରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଏପରିକି ବର୍ଷା ହେଲେ ଲୋକମାନେ ନିରାପଦ ସ୍ଥାନକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ କରାଯାଉଛି। ସେମାନଙ୍କ ସୁରକ୍ଷା ପାଇଁ ୬ଟି ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୂଚାରୁ ବଳ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବିଭିନ୍ନ ତହସିଲର ତହସିଲଦାର, ୪ଟି ଅଗ୍ନିଶମ ବାହିନୀ, ଡାକ୍ତରୀ, କୃଷି, ଉଦ୍ୟାନକୃଷି, ପ୍ରାଣୀସମ୍ପଦ, ଜଳ ପରିମଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅଧିକାରୀ/କର୍ମଚାରୀ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଜାରି ରଖିଛନ୍ତି।

# ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ସନ୍ଧ୍ୟା ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ**

ଭୁବନେଶ୍ୱର, ୧୬।୩ (ସମିସ): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଏବଂ ଏଥିପାଇଁ ରୋଗୀମାନଙ୍କ ମୃତ୍ୟୁ ଘଟଣାରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିବା ସହ କେଉଁ କାରଣରୁ ଏଭଳି ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଘଟିଲା, ଏହି ଟିମ୍ ତାହାର ଅନୁସନ୍ଧାନ କରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କୁ ଏହି କମିଟିର ଅଧ୍ୟକ୍ଷ ନିଯୁକ୍ତି କରାଯାଇଛି। ଅଗ୍ନିଶମ ବିଭାଗର ଆଇଜି ଡଃ ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ଇନସ୍ପେକ୍ଟର ତଥା ଇଆଇସି ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଇଆଇସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ ଇଞ୍ଜିନିୟର ବିଲ୍ଡିଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହାର ସଦସ୍ୟ ରହିଛନ୍ତି। ଏହି କମିଟି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସନ୍ଧ୍ୟା ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଶୋଇଥିବା ଅବସ୍ଥାରେ ବନ୍ଧୁକୁ ନିର୍ମମ ହତ୍ୟା

ଔପଦା, ୧୬।୩ (ସମିସ) : ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅଧୀନ ଗଡ଼ସାହି ପଞ୍ଚାୟତ ନରସିଂହସିଲା ବସ୍ତିରେ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତି ନିଜ ବନ୍ଧୁକୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ବେତେଇ ରାଜସ୍ୱ ଗ୍ରାମର ଡମ୍ବୁରୁ ହୋ (୩୬)। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବନ୍ଧୁ ଗଣ୍ଡ ହୋ (୩୫)କୁ ଗିରଫ କରିଛି। ଡମ୍ବୁରୁ ଏବଂ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବ୍ରାହ୍ମଣିପାଳ ଗ୍ରାମର ଗଣ୍ଡ ହୋ'ଙ୍କ ମଧ୍ୟରେ ପ୍ରାୟ ବର୍ଷେ ପୂର୍ବରୁ କୌଣସି କାରଣକୁ ନେଇ ବିବାଦ ରହିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇ ବନ୍ଧୁତା ସ୍ଥାପନ ହୋଇଥିଲେ ହେଁ, ଗଣ୍ଡ ମନ ଭିତରେ ପ୍ରତିଶୋଧର ନିଆଁ ଜଳୁଥିଲା। ଗତକାଲି ବିଳମ୍ବିତ ରାତିରେ ଗଣ୍ଡ ଏକ ସୁଚିନ୍ତିତ ଯୋଜନା କରି ଡମ୍ବୁରୁଙ୍କ ଘରକୁ ନିଶାସକ୍ତ ଅବସ୍ଥାରେ ଆସିଥିଲା। ରାତି ଅଧିକ ହୋଇଯାଇଥିବାରୁ ସେ ନିଜ ଘରକୁ ଫେରିପାରିବ ନାହିଁ ବୋଲି କହି ଡମ୍ବୁରୁଙ୍କ ଘରେ ଆଶ୍ରୟ ମାଗିଥିଲା। ବନ୍ଧୁତା ଉପରେ ବିଶ୍ୱାସ କରି ଡମ୍ବୁରୁ ତାକୁ ନିଜ ଘରେ ଶୋଇବାକୁ ସ୍ଥାନ ଦେଇଥିଲେ। ମାତ୍ର ରାତିରେ ଡମ୍ବୁରୁ ଏବଂ ତାଙ୍କ ସ୍ତ୍ରୀ ତୁବେ ହୋ ଶୋଇଯିବା ପରେ ଗଣ୍ଡ ଏକ ଧାରୁଆ ଛୁରୀରେ ଶୋଇଥିବା ଅବସ୍ଥାରେ ଡମ୍ବୁରୁଙ୍କ କାନମୂଳକୁ ଆକ୍ରମଣ କରି ରକ୍ତାକ୍ତ କରି ପକାଇଥିଲା। ଡମ୍ବୁରୁଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ନିଦରୁ ଉଠି ଧାଇଁ ଆସିବା ବେଳକୁ ଅଭିଯୁକ୍ତ ତାଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଡମ୍ବୁରୁଙ୍କୁ ଅଟୋ ଯୋଗେ ଉଦଳା ଡାକ୍ତରଖାନା ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତନାଘନା ଚଳାଇଥିଲା। ପୁଲିସ ଅଭିଯୁକ୍ତ ଗଣ୍ଡକୁ ତା'ର ନିଜ ଗ୍ରାମ ବ୍ରାହ୍ମଣିପାଳରୁ ଗିରଫ କରିବାରେ ସକ୍ଷମ ହୋଇଛି। ବନ୍ଧୁତାର ଆଢୁଆଳରେ ଏଭଳି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଅବଶିଷ୍ଟାଂଶ

### ଶବ ସତ୍କାର ବେଳେ...

କରାଯାଇଥିଲା। ସେଠାରେ ମଧ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ୧୦ବର୍ଷ ପରେ ଘରକୁ ଏକ ନବଜାତ ଶିଶୁ ଆସିବ ବୋଲି ପରିବାରଲୋକେ ବହୁତ ଆଶା କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଅମିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଥିଲା। ପରେ ତାଙ୍କୁ ମୃତ ବୋଲି ଧାରଣା କରି ପରିବାରଲୋକେ ଭୁବନେଶ୍ୱରରୁ ଆମ୍ବୁଲାନ୍ସରେ ଗାଁକୁ ନେଇ ଆସିଥିଲେ। ଗାଁରେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷ ଦର୍ଶନ ପାଇଁ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ଘରେ ଭିଡ଼ ଜମାଇଥିଲେ। ଏପର୍ଯ୍ୟନ୍ତ ଅନ୍ତିମ ସତ୍କାର ପାଇଁ ନଦୀ ପଠାରେ କାଠ ସହ ସମସ୍ତ ବ୍ୟବସ୍ଥା ସରିଥିଲା ଓ କୋକେଇ ମଧ୍ୟ ବନ୍ଧାଯାଇଥିଲା। ଅମିତାଙ୍କୁ ଆମ୍ବୁଲାନ୍ସରୁ ଘରକୁ ଆଣିବା ପରେ ହଠାତ୍ ସେ ଆଖି ଖୋଲି ଦେବାରୁ ସେଠାରେ ଥିବା ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଡାକ୍ତର ଯାଞ୍ଚ କରି ସେ ଜୀବିତ ଥିବା କହିଥିଲେ।

ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ସେ ମୃତ ବୋଲି କୌଣସି ଡାକ୍ତର ନିଶ୍ଚିତ କରିଥିଲେ କି ନାହିଁ କିମ୍ବା କିପରି ପରିବାରଲୋକେ ତାଙ୍କୁ ମୃତ ବୋଲି ଭାବି ଘରକୁ ନେଇ ଆସିଥିଲେ, ତାହା ଜଣାପଡ଼ିନାହିଁ।

### ଏସ୍‌ସିବିରେ...

ପରେ ଶବଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଭଳି ଏକ ଅଘଟଣ ରାଜ୍ୟ ଇତିହାସରେ ପ୍ରଥମ ବୋଲି କୁହାଯାଉଥିବା ବେଳେ ପୂରା ଓଡ଼ିଶା ସ୍ତବ୍ଧ ହୋଇଯାଇଛି।

ସୂଚନାନୁସାରେ, ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ରୋଗୀମାନେ ଶୋଇଥିବା ବେଳେ ଭିତରେ କୌଣସି ସେବିକା କିମ୍ବା ମେଡିକାଲ କର୍ମଚାରୀ ନଥିଲେ। ଜଣେ ଆଇସିୟୁ କର୍ମଚାରୀ ଡ୍ୟୁଟି କରୁଥିଲେ। ରାତି ୨ଟା ୫୮ରେ ହଠାତ୍ ଏକ ଇଲେକ୍ଟ୍ରିକ୍ ବୋର୍ଡ ଜଳି ଉଠିଥିଲା। କିଛି ସମୟ ଭିତରେ ଏସି ୱେୟାରିଂ ଓ ସମସ୍ତ ବିଦ୍ୟୁତ୍ ତାର ଜଳିବାକୁ ଲାଗିଥିଲା। ମେଡିକାଲର ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦୌ କାମ ଦେଇନଥିଲା। ମାତ୍ର ୫ ମିନିଟ୍ ଭିତରେ ଟ୍ରମା ଆଇସିୟୁଟି ହୁତୁହୁତୁ ହୋଇ ଜଳି ଉଠିଥିଲା। ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଆଇସିୟୁରେ ଡ୍ୟୁଟି କରୁଥିବା କର୍ମଚାରୀ ତଳ ମହଲାକୁ ଦୌଡ଼ି ଅନ୍ୟ କର୍ମଚାରୀ ଓ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଏ ସଂପର୍କରେ ଜଣାଇଥିଲେ।

ଏସ୍‌ସିବି ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦିଆଯିବା ପରେ ସେଠାରୁ ଏକ ଦମକଳ ଗାଡ଼ି ଆଇସିୟୁ କୋଠା ବାହାରେ ପହଞ୍ଚିଥିଲା। କିଛି ସମୟ ପରେ ମର୍କତନଗର ଅଗ୍ନିଶମ ବାହିନୀ ଏବଂ ବକ୍ସିବଜାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ଟ୍ରମା ଆଇସିୟୁ ଅଧାରୁ ଅଧିକ ଜଳି ସାରିଥିଲା। ପ୍ରଥମେ ଫୋମ୍ ମାଡ଼ କରାଯାଇଥିଲେ ମଧ୍ୟ ନିଆଁ ଆୟତ୍ତକୁ ଆସି ନଥିଲା। ଅଗ୍ନିକମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ପାଣି ମାଡ଼ କରିଥିଲେ। ୪ଟି ଦମକଳ ଗାଡ଼ି ପ୍ରାୟ ଅଧ ଘଣ୍ଟା ପାଣି ମାଡ଼ କଲା ପରେ ନିଆଁ ଲିଭିଥିଲା। ଏତିକିବେଳେ ରେସ୍କ୍ୟୁ ଅପରେସନ୍ ଜୋରଦାର୍ କରାଯାଇଥିଲା। ଆଇସିୟୁ ଭିତରେ ଥିବା ୨୩ଜଣ ରୋଗୀଙ୍କ ମଧ୍ୟରୁ ସେତେବେଳକୁ ୧୦ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ୧୩ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

ଅନ୍ୟପଟେ ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେଡିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ଠିକ୍ ନଥିଲା। ଯେତେବେଳେ ଅଗ୍ନିକାଣ୍ଡ ଘଟିଲା, ପୂର୍ବରୁ ଲାଗିଥିବା ସ୍ପ୍ରିଙ୍କଲରରୁ ପାଣି ସ୍ପ୍ରେ' ହୋଇନଥିଲା। ଭିତରେ ଥିବା ଫାୟାର୍ ଏକ୍ସଟିଂଗୁଇସର୍ ଅକାମି ହୋଇ ପଡ଼ିରହିଥିଲା। ପରିସରରେ ଥିବା ଗୋଟିଏ ମାତ୍ର ଦମକଳ ଗାଡ଼ି ଠିକ୍ ସମୟରେ ପହଞ୍ଚିଥିବା ବେଳେ ତାହା ନିଆଁକୁ ଆୟତ୍ତ କରି ପାରିନଥିଲା। ଏସବୁ ଅବହେଳାକୁ କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ସ୍ୱୀକାର କରିବାକୁ ନାରାଜ। ଘଟଣା ସମ୍ପର୍କରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ କୌଣସି ଉତ୍ତର ରଖିବା ଆଦୌ ସମୀଚିନ ମନେ କରୁନାହିଁ କହି ଏସ୍‌ସିବିରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତୀୟ ବ୍ୟବସ୍ଥା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଏହାକୁ ଏଡ଼ାଇ ଦେଇଥିଲେ। ପୂର୍ବରୁ ରାଜ୍ୟର ସର୍ବପୁରାତନ ଡାକ୍ତରୀ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ରାଜ୍ୟ ସରକାର ଏ ବାବଦରେ ୩୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଇଲେକ୍ଟ୍ରିକ୍ ଚିପ୍ ଇଞ୍ଜିନିୟର୍ ଏବଂ ପିଡବ୍ଲ୍ୟୁଡି ଚିପ୍ ଇଞ୍ଜିନିୟର୍ ଘଟଣାସ୍ଥଳରେ ଯାଞ୍ଚ କରିଛନ୍ତି।

ଅପରପକ୍ଷେ, ନିଜ ସଂପର୍କୀୟଙ୍କ ମୃତ୍ୟୁରେ ପରିବାରଲୋକ ଭାଙ୍ଗି ପଡ଼ିଛନ୍ତି। ଉନ୍ନତମାନର ଚିକିତ୍ସା ପାଇଁ ସେମାନେ ନିଜ ରୋଗୀଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଇଥିଲେ। କିନ୍ତୁ ଏଭଳି ଅଗ୍ନିକାଣ୍ଡରେ ସେମାନଙ୍କ ଜୀବନ ଚାଲିଯିବ ବୋଲି କେବେ କଳ୍ପନା କରିଥିଲେ। ଆତ୍ମୀୟ ଓ ପରିଜନଙ୍କ କାନ୍ଦବୋବାଳିରେ ପୂରା ହସ୍ପିଟାଲ ପରିସର ଫାଟି ପଡ଼ିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ସାଂସଦ ଦିଲ୍ଲୀପ ରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ମେୟର୍ ସୁବାସ ସିଂହ, ଏସ୍‌ସିବି ଅଧୀକ୍ଷକ ଗୌତମ ଶତପଥୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସ୍ୱାସ୍ଥ୍ୟ ସଚିବ ପ୍ରମୁଖଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

### କିଏ ନେବ...

ଡାକ୍ତରଖାନାର ମାଲିକଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ମାତ୍ର ଏବେ ସମୟ ବଦଳିଛି ଓ ବିରୋଧୀ ଦଳରେ ଥିବା ବିଜେପି ଏବେ କ୍ଷମତାରେ ରହିଛି। ରାଜ୍ୟର ସବୁଠୁ ବଡ଼ ଓ ପ୍ରତିଷ୍ଠିତ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୧୦ଜଣ ଜୀବନ ସହ ସଂଘର୍ଷ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ଜିଇବା ଆଶା କମ୍। ତେଣୁ ଏହି ଘଟଣା ପାଇଁ କିଏ ନୈତିକତା ମୁଣ୍ଡାଇବ? ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଇସ୍ତଫା ଦେବେ ନାହିଁ? ଡାକ୍ତରଖାନା କର୍ତ୍ତୃପକ୍ଷ କାହିଁକି ଗିରଫ ହେବେ ନାହିଁ ବୋଲି ସାଧାରଣରେ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଯେଉଁ ନିୟମ ଘରୋଇ ଡାକ୍ତରଖାନା ଓ ଏହାର ମାଲିକଙ୍କ ପାଇଁ ପ୍ରଯୁଜ୍ୟ, ସେହି ନିୟମ କାହିଁକି ସରକାରୀ ଡାକ୍ତରଖାନା ଓ ସରକାରଙ୍କ ପାଇଁ ଲାଗୁ ହେବ ନାହିଁ ? ତତ୍କାଳୀନ ମୁଖ୍ୟମନ୍ତ୍ରୀ କଟକ ବଡ଼ ଡାକ୍ତରଖାନାକୁ ଏମ୍ସ ପ୍ଲସ୍‌ରେ ପରିଣତ କରିବା ପାଇଁ ୫ ହଜାର କୋଟିରୁ ଅଧିକ ଅର୍ଥରାଶି ବ୍ୟୟବରାଦ କରିଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ପଦ୍ମ ଘୁଞ୍ଚିଘୁଞ୍ଚି ଯିବା ପରି କଟକ ବଡ଼ ଡାକ୍ତରଖାନାର ରୂପାନ୍ତରଣ ଘୁଞ୍ଚି ଘୁଞ୍ଚି ଚାଲିଛି। ଏହି ସମୟରେ ଏତେ ବଡ଼ ଦୁର୍ଘଟଣା ଘଟିବା ସରକାରଙ୍କ ଅଦୂରଦର୍ଶିତା, ସ୍ୱାସ୍ଥ୍ୟ ବିଭାଗର ଅପରିଣାମଦର୍ଶିତାକୁ ପ୍ରଦର୍ଶିତ କରିଥିଲେ ହେଁ ସରକାରୀ ସ୍ତରରେ ରହସ୍ୟମୟ ନିରବତା ଅନେକଙ୍କୁ ବିସ୍ମିତ କରିଛି।

### ଏନଏଚ୍ଆର୍‌ସିଙ୍କ...

ଯେ ଏସ୍‌ସିବି ଟ୍ରମା କେୟାର୍ ସେଣ୍ଟର୍‌ର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଜଳଜଳ। ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ଅଘଟଣାରେ ୧୧ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟ ରୋଗୀ ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ଯୋଗୁଁ ଚିକିତ୍ସିତ ହେଉଛନ୍ତି। ଉଦ୍ଧାର କାର୍ଯ୍ୟ ସହ ନିଆଁ ଲିଭାଇବା ବେଳେ ସ୍ପ୍ରିଙ୍କଲର୍ ଠିକ୍ ସମୟରେ କାମ ନକରିବା ଯୋଗୁଁ ଅଗ୍ନି ନିର୍ବାପନ କାର୍ଯ୍ୟ ବିଳମ୍ବ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଆହତଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଶ୍ରୀ ଜେନା ପ୍ରାର୍ଥନା କରି ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ଆବେଦନ କରିଛନ୍ତି।

### ଗିରିଜା ବଳୀୟାରସିଂହଙ୍କୁ...

ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାରସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ର ଫଳକ ଓ ଶାଲ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଆ ଭାଷା ପାଇଁ ପୁରସ୍କାର ଚୟନ କମିଟିରେ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ୍, ଡକ୍ଟର ଜୟନ୍ତୀ ରଥ, ଶ୍ୟାମା ପ୍ରସାଦ ଚୌଧୁରୀ ଜୁରୀ ସଦସ୍ୟ ଥିଲେ। କବି ଶ୍ରୀ ବଳୀୟାରସିଂହ ସାଂପ୍ରତିକ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଷ୍ଠିତ କବି। ଏକାଧାରରେ ସେ ଜଣେ କବି, ସାମ୍ବାଦିକ, ସଂପାଦକ, ପ୍ରକାଶକ। ୧୯୫୪ ଡିସେମ୍ବର ୯ରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନାରଗୋଦାଠାରେ ଜନ୍ମିତ ଶ୍ରୀ ବଳୀୟାରସିଂହଙ୍କ ରଚିତ ଆଧୁନିକ କବିତା ହେଉକି ସନେଟ୍ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ କବିତା ରଚନା ଶୈଳୀ ନିଆରା। ମାନବୀୟ ଭାବାବେଗ, ପ୍ରେମ, ବିରହ, ପ୍ରକୃତିପ୍ରୀତିକୁ ନେଇ ତାଙ୍କ କବିତାଗୁଡ଼ିକ ଅଧିକ ମାର୍ମିକ ହୋଇଉଠିଛି। ଛାତ୍ର ଜୀବନରୁ ସେ କବିତା ରଚନାରେ ଆପଣାକୁ ଅଭିନିବିଷ୍ଟ କରିଥିଲେ। ୧୯୭୬ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'କାଲିର କଥା' ପ୍ରକାଶ ପାଇଥିଲା। ସେତେବେଳେ ସେ ସ୍ନାତକୋତ୍ତର କରୁଥିଲେ। ପରବର୍ତ୍ତୀ ସମୟରେ 'କ୍ରୌଞ୍ଚମିଥୁନ', 'ଡାଇରୀର ଶାଇରୀ', 'ତୃଷାତର୍ପଣ', 'ନୀଳନିର୍ବାଣ', 'ଭାରତବର୍ଷ', 'ଚତୁର୍ଦ୍ଦଶୀର ଚନ୍ଦ୍ର', 'ଉତ୍ତରମେଘ', 'ଚିତ୍ରପ୍ରତିମା', 'ଶୀତଶୀର୍ଷକ', 'ଚର୍ଯ୍ୟା ଚୟନ', 'ଚାରଣଚର୍ଯ୍ୟା', 'କାବ୍ୟ ପୁରୁଷ', 'ପାଦପୂରଣ', 'ସର୍ଗନିସର୍ଗ' ଆଦି ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ କବିତାଗୁଡ଼ିକ ଇଂରାଜୀ ଭାଷାରେ ଅନୂଦିତ ହୋଇ ରାଜ୍ୟ ବାହାରେ ବିପୁଳ ପାଠକୀୟ ପ୍ରଶଂସା ସାଉଁଟିଛି। ସାହିତ୍ୟ ସାଧନା ସହିତ 'କାହାଣୀ' ପ୍ରକାଶନ ସଂସ୍ଥା ମାଧ୍ୟମରେ ସେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରରେ ଆପଣାକୁ ନିୟୋଜିତ କରିଛନ୍ତି। ୨୦୦୬ ମସିହାରେ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଗୋ-କର୍ଣ୍ଣିକା ପୁରସ୍କାର, କାଦମ୍ବିନୀ କବିତା ପୁରସ୍କାର, ଝଙ୍କାର କବିତା ପୁରସ୍କାର, ରତ୍ନମଣି ସ୍ମୃତି ସମ୍ମାନ, ଗଙ୍ଗାଧର ମେହେର କବିତା ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ୨୦୨୫ ମସିହା ପାଇଁ ସାହିତ୍ୟ ଅକାଦେମି ପୁରସ୍କାର ପାଇଁ ମନୋନୀତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଶ୍ରୀଯୁକ୍ତ ବଳୀୟାରସିଂହଙ୍କୁ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

### ମମତାଙ୍କୁ...

ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ରାତିରେ ରାଜ୍ୟ ସରକାରଙ୍କୁ ପଠାଯାଇଥିବା ଏକ ଚିଠିରେ ନିର୍ବାଚନ କମିସନ ସଂଘମିତ୍ରା ଘୋଷଙ୍କୁ ଗୃହ ଏବଂ ପାର୍ବତ୍ୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପରେ ଏହି ଦୁଇ ଅଧିକାରୀଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କମିସନ କହିଛନ୍ତି। ଅନ୍ୟପଟେ ଏହି ଅଦଳବଦଳକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧ କରିଛନ୍ତି। ସେ ଏହାକୁ ପଶ୍ଚିମବଙ୍ଗ ଏବଂ ମହିଳା ବିରୋଧୀ ବୋଲି କହିଛନ୍ତି।

### ମନମୋହନ, ସୁଜିତ୍...

୨୯୪୧, ସଂତୃପ୍ତଙ୍କ ଭୋଟ ସଂଖ୍ୟା ୩୧୦୦, ଦତ୍ତେଶ୍ୱରଙ୍କର ୨୩୦୦ ଏବଂ ଦିଲ୍ଲୀପଙ୍କର ଭୋଟ ମୂଲ୍ୟ ୨୮୫୯ରେ ପହଞ୍ଚିଥିଲା। ଏହାସତ୍ତ୍ୱେ ଦିଲ୍ଲୀପ ବିଜୟୀ ପାଇଁ ଆବଶ୍ୟକୀୟ ମୂଲ୍ୟ ନ ମିଳିବାରୁ ତୃତୀୟ ପର୍ଯ୍ୟାୟରେ ମନମୋହନ ସାମଲଙ୍କ ବଳକା ଦ୍ୱିତୀୟ ପସନ୍ଦ ଭୋଟ ମଧ୍ୟ ଦିଲୀପ ରାୟଙ୍କ ଖାତାରେ ଯୋଡ଼ା ଯାଇଥିଲା। ସର୍ବଶେଷରେ ଉଭୟ ମନମୋହନ ଏବଂ ଦିଲ୍ଲୀପଙ୍କ ଭୋଟ ସଂଖ୍ୟା ୨୯୪୧ ରହିଥିବା ବେଳେ ସଂତୃପ୍ତଙ୍କ ଭୋଟ ୩୧୦୦ ରହିଥିଲା। ଦତ୍ତେଶ୍ୱରଙ୍କ ଭୋଟ ୨୩୦୦ରେ ସୀମିତ ରହିଥିବା ବେଳେ ମନମୋହନ ଓ ସୁଜିତଙ୍କ ବଳକା ଦ୍ୱିତୀୟ ପସନ୍ଦ ଭୋଟକୁ ମିଶାଇ ଦିଲ୍ଲୀପ ରାୟଙ୍କ ଭୋଟ ସଂଖ୍ୟା ୩୪୧୮ରେ ପହଞ୍ଚିଥିଲା। ଏହାପରେ ରିଟର୍ଣ୍ଣିଂ ଅଫିସର ଦିଲ୍ଲୀପଙ୍କୁ ଚତୁର୍ଥ ଆସନରେ ବିଜୟୀ ଘୋଷଣା କରିଛନ୍ତି।

**Notice (for Minor)**

By virtue of an affidavit sworn before the Notary Public, Dharamgarh, Dist-Kalahandi, dated 06/03/2026, I, Benudhar Meher, Vill/Po-Rahurahaldi, PS-Dharamgarh, Dist-Kalahandi, Odisha-766015, declare that I have changed the name of my daughter from Prunima Meher to Purnima Meher. Henceforth, she shall be known as **Purnima Meher** for all purposes.
(Benudhar Meher)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Affidavit No. 163, dated 16/03/2026, I **JHILIMA LIMMA,** D/o Late Edmohan Limma resident of Village At-Gaiba, Po- Gaiba, Ps- Gaiba, Dist-Gajapati, Odisha, Pin- 761208 declare that I have changed my name from **MUNI LIMMA** (Old Name) to **JHILIMA LIMMA** (New Name). Henceforth, I shall be known as **JHILIMA LIMMA,** D/o Late Edmohan Limma for all future purposes.
Sd- JHILIMA LIMMA

**AFFIDAVIT**

I, Debashis Nayak, S/o Late Khageswar Nayak, resident of Ward No. 09, Near Trinath Temple, Gurudwarapada, PO/PS–Hirakud, Dist–Sambalpur, Pin–768016, Odisha, declare by this Affidavit No. 1753, dated 13/03/2026 that from now onwards I shall be known as **Debasish Nayak** for all future purposes.

**AFFIDAVIT**

I, MD NAZIM KHAN, S/O NAIMUDDIN KHAN,RESIDENT OF JAYKAYPUR, MAJSID COMPLEX, NEAR MAJSID, PS - Chandili, DIST-RAYAGADA PIN-765017, ODISHA, DECLARE BY THIS AFFIDAVIT NO 2429 DATE - 16/03/2026 that now onwards I shall be known as **Md Nazim Khan S/o Naimuddin Khan** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 516, dated. 13.03.2026 I, KRUSHNA BHARDWAJ , D/o- Madusudan Nayak, Permanent Resident of - Maitri Bihar, Bhatisalguda, Nabarangpur, Po.- Nabarangpur , Ps.- Nabarangpur, Dist-Nabarangpur, Odisha,Pin - 764059, declare that I have changed my name from KRIUSHANA BHARADWAJ to KRUSHNA BHARDWAJ. Henceforth, I shall be known as **KRUSHNA BHARDWAJ** for all purposes.
Sd/- Krushna Bhardwaj

**AFFIDAVIT**

By virtue of an affidavit sworn before the Executive Magistrate Rasgovindpur on Dated 9th March 2026, I, Mrs. Bijuli Patra, Address At-Bankatisamil Jodapada, Po-Gobara, Ps-Rasgovindpur, Dist-Mayurbhanj, State-Odisha, Pin-757016, Odisha, have changed my name from "Bijuli Hati" to "Bujili Patra". Henceforth, I shall be known as **"Bijuli Patra"** for all purposes.
Bijuli Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 515, dated. 13.03.2026 I, CHANDRABATI BHATRA , W/o- Bisham Bhatra, Permanent Resident of Village - Dangra, Po.- Dangra, Ps.- Kodinga, Dist-Nabarangpur, Odisha,Pin - 764075, declare that I have changed my name from CHANDRA BHATRA to CHANDRABATI BHATRA. Henceforth, I shall be known as **CHANDRABATI BHATRA** for all purposes.
Sd/- Chandrabati Bhatra

**AFFIDAVIT**

I, Santanu Kanhar, formerly known as Santunu Kanhar, S/o Arjuna Kanhar, resident of At-Dindiragaon, P.O.- Phiringia, P.S.- Phiringia, Dist- Kandhamal-762011, do hereby declare that I have changed my name from Santunu Kanhar to Santanu Kanhar by virtue of an Affidavit **No. 513** before the **Executive Magistrate, Phulbani, Dist-Kandhamal, Odisha** on 16.03.2026. Henceforth, I shall be known as **Santanu Kanhar** for all purposes.
Sd/-Santanu Kanhar

**AFFIDAVIT**

By virtue of an affidavit no.1470 before the Executive Magistrate, Dhenkanal, dtd 13.03.2026, I, Sayed Imtiaz Hussain, At-Gudainali, Po/Dist-Dhenkanal, Odisha - 759001 hereby declare that my name has been mentioned in Educational certificate & Passport as **Sayed Imtiaz Hossain** but it has been mentioned as Sayed Imtiaz Hussain in my Aadhaar & PAN Card. That both **Sayed Imtiaz Hossain & Sayed Imtiaz Hussain** is one & same person i.e. myself. Henceforth, I shall be known as **Sayed Imtiaz Hussain** for all purposes.
Sd/- Sayed Imtiaz Hussain

**AFFIDAVIT**

I, Hamira Khatun, W/o- Mirza Ahad Baig, resident of At- Kaupada, PO- Baghilobabanpur, PS- Dirabish, Dist-Kendrapara, PIN-754208, Odisha declare by this affidavit No. 9140, dated- 09.03.2026 that now onwards I shall be known as **HAMIRA KHATOON** for all future purposes.

**PUBLIC NOTICE**

**NOTICE: CHANGE OF OFFICE ADDRESS**

By virtue of reconstituted deed of partnership between **Bikram Parida** and **Rabindra Pradhan** on dtd- 02/02/2026 the office address of the partnership firm **M/S EMPOWER SECURITY & CONSULTANCY SERVICES** has changed to new address **At: B-45, BDA HIG Duplex Colony, Baramnunda, Bhubaneswar, Dist- Khordha, PIN- 751003, Odisha** from old address **At: Plot No-N6/300, IRC Village, Jayadev Vihar, Po-RRL, Bhubaneswar, Dist- Khordha, State- Odisha, PIN-751013.**
Sd/- Sri Bikram Parida
Sri Rabindra Pradhan (Partners)

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd. 19.02.2026, I, Basanti Dash, W/o Late Chandra Ananda Dash, At-Dia, PO/PS-Nirakarpur, Dist- Khurda - 752019 declare that my correct name is Basanti Dash as per my Voter ID Card. But in my Aadhaar Card, my name has been wrongly mentioned as Sunita Dash. I hereby declare that **Basanti Dash and Sunita Dash** refer to one and the same person, i.e., myself.
Basanti Dash

କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି)
**COLLEGE OF AGRICULTURE, BHAWANIPATNA**
(Odisha University of Agriculture & Technology)
Arkabaahali Farm, Raipur Road, Bhawanipatna – 766001, Odisha
Email: deancab@ouat.ac.in
1001/60/2526

**CANCELLATION NOTICE**

The tender call notice No. 01/2025-26 for hiring of vehicle issued vide this office letter No. 2005/CAB, Dt. 28.11.2025 is hereby cancelled due to single bid.
OIPR-1001/1575/1/25-26/0001 Sd/- Dean

TPCODL TP CENTRAL ODISHA DISTRIBUTION LIMITED
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/19**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000008564 | Rate Contract for Meter Installation and Associated Services for 2 years at TPCODL |
| 2 | TPCODL/P&S/2025-26/1000008667 | Rate Contract for supply of 9 Mtr. & 10 Mtr. PSC Poles |
| 3 | TPCODL/CCG/2025-26/1000008698 | Rate Contract for Supply of Meter Seal at TP Odisha DISCOMs |
| 4 | TPCODL/CCG/2025-26/1000008709 | 2 Years Rate contract for Service Cables at TP Odisha DISCOMs |
| 5 | TPCODL/CCG/2025-26/1000008710 | 2 Years Rate Contract for SITC of FRTU |
| 6 | TPCODL/CCG/2025-26/1000008711 | 2 Years Rate Contacts for SITC of HT Jointing KIT |
| 7 | TPCODL/P&S/2025-26/1000008713 | 1 Year Rate contracts for Deployment of Technical support staff under ULA model across TPCODL |
| 8 | TPCODL/P&S/2025-26/1000008660 | Rate Contract for Hiring of Monthly Vehicles for a period of 3 years, at TPCODL |
| 9 | TPCODL/P&S/2025-26/1000008724 | Rate Contract for SITC of Air Conditioners across TPCODL for 1 year |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. Future communication / corrigendum to tender documents, if any, shall be available on TPCODL website.

ସକାଳ
THE SAKALA


### ବନ୍ୟା କ୍ଷତିଗ୍ରସ୍ତ ସହାୟତା ଦାବିରେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

# ଶତାଧିକ ଚାଷୀଙ୍କ ଆର୍‌ଆଇ ଅଫିସ ଘେରାଉ

ଆରଡ଼ି,୧୬।୩(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧୀନ ଆରଡ଼ି, ନାନ୍ଦପୁର, ଓଲଗ, ସୁନ୍ଦରପୁର ପଞ୍ଚାୟତରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥି ଛୋଟବଡ଼ ୬-୭ଟି ବନ୍ୟାରେ ଶହଶହ ଚାଷୀଙ୍କର ବିହନ ଓ ଧାନତଳି ଧୋଇ ନେଇଥିଲା। ବନ୍ୟା ଛାଡ଼ିବା ପରେ ଉଭୟ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିବା ସହିତ ସମସ୍ତ ସହାୟତା ୨ମାସ ମଧ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ଧାରକରଜ କରି ଧାନତଳି ଓ ବିହନ କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ଚାଷୀମାନଙ୍କୁ ବନ୍ୟାରେ କ୍ଷତିଗ୍ରସ୍ତ ସହାୟତା ମିଳିପାରିଲା ନାହିଁ। ଯାହାର ଦାବି କରି ବ୍ଲକ୍ ବିଜେଡି ପକ୍ଷରୁ ଚାରି ପଞ୍ଚାୟତର ଚାଷୀମାନଙ୍କୁ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡ଼ି ରାଜସ୍ୱ ନିରୀକ୍ଷକଙ୍କୁ ଦିଆଯାଇଛି। ଏହା ପୂର୍ବରୁ ଆରଡ଼ି ବସ୍‌ଷ୍ଟାଣ୍ଡଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆରଡ଼ି ବଜାର ଦେଇ ଆର୍‌ଆଇ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଜେଡିର ବରିଷ୍ଠ ନେତାଙ୍କ ସହ ଚାଷୀମାନେ ନାରାବାଜି ଦେଇଥିଲେ।

ସୂଚନା ଅନୁଯାୟୀ, ଚାନ୍ଦବାଲି ବ୍ଲକ୍ ତଳିଆ ଅଞ୍ଚଳ ଆରଡ଼ି, ଓଲଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ଗତ ବନ୍ୟାରେ ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା। ଏପରିକି କିଏ ବ୍ଲକ୍‌ରୁ ବିହନ ଧାନ ଆଣିଥିଲା ତ ଆଉ କିଏ ବଜାରରୁ ଆଣିଥିଲା। ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି। ଖବର ପାଇବା ପରେ ଜିଲ୍ଲାପାଳ ବନ୍ୟାଞ୍ଚଳ ବୁଲିବା ସହ ଧାନ କ୍ଷେତ ବୁଲି ଦେଖିଥିଲେ। ଏଥିସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ବ୍ଲକ୍ ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ। ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବ୍‌ଶୀଘ୍ର ଅର୍ଥାତ୍ ଅକ୍ଟୋବର ମାସରେ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଚାନ୍ଦବାଲି ତହସିଲ୍‌ଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଆରଡ଼ି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ଲଟ୍‌କା ଜାରି ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ୍ ଦେବା ପରେ ସହାୟତା ରାଶି ୨.୬୯କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏପରିକି ଏହି ଅଞ୍ଚଳ ଧୋୟାଞ୍ଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ବନ୍ୟାରେ ଚାଷଜମିରେ ୩୩ ପ୍ରତିଶତ କ୍ଷତି ହୋଇଥିବା ଜିଲ୍ଲା ପ୍ରଶାସନ ଘୋଷଣା କରିବା ସହ ସହାୟତା ରାଶି ନିମନ୍ତେ ଚାଷୀମାନଙ୍କର ପଞ୍ଜିକୃତ କରିଥିଲା। ହେଲେ ପୁଣି ଏବେ ୩୩ ପ୍ରତିଶତରୁ କମ୍ କ୍ଷତି ହୋଇଥିବା ଦର୍ଶାଇ ଚାଷୀଙ୍କ ପେଟକୁ ଲାତ ମାରିଛି ବିଜେପି ସରକାର ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତାମାନେ। ହେଲେ ସହାୟତା ବିଳମ୍ବକୁ ନେଇ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଯଦି ଆସନ୍ତା ୫ଦିନ ମଧ୍ୟର ସହାୟତା ରାଶି ନ ମିଳେ ଆନ୍ଦୋଳନକୁ ଜୋର୍‌ଦାର କରାଯିବା ସହ ଅଖଚକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛି ବିଜେଡି। ବିଜେଡିର ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ, ଚାଷ ପ୍ରାରମ୍ଭରୁ ବନ୍ୟାରେ ଗଜା ଓ ବିହନ ହୋଇଯିବା ପରେ ଚାଷୀ ୨ ଗୁଣାରେ ପଡ଼ୋଶୀ ଜିଲ୍ଲାରୁ ବିହନ ଓ ଧାନତଳି କିଣି ଚାଷ କରିବା ପରେ ଭଲ ଫସଲ ହୋଇଥିଲା। ହେଲେ ବିଜେପି ସରକାର ଚାଷୀମାନଙ୍କର ସହାୟତା ଟଙ୍କାକୁ ହଡ଼ପ କରିବା ସହ ଧୋୟା ସହାୟତା(ଇନ୍‌ପୁଟ) ନ ଦେଇ ଟଙ୍କା ଫେରାଇ ନେବାକୁ ବସିଛି।

## ସାରଣା ବାଦୀପାଲା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସାରଣା ଗ୍ରାମର 'ଗାୟକ ଅନିରୁଦ୍ଧ ପାଣିଗ୍ରାହୀ ପ୍ରାଚୀ ପାଲାପୀଠ'ର ବାର୍ଷିକ ପାଲା ପରିବେଷଣ ସୋମବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ସୁନାମଧନ୍ୟ ପାଲା ଗାୟକ ତତ୍ତ୍ୱ ବିଭୂଷଣ ଡ. ଲମ୍ବୋଦର ବେହେରା ଓ ସାଥି ଏବଂ ଗାୟକ ପୀୟୂଷ ସତ୍ୟନାରାୟଣ ଜେନା ଓ ସାଥି ଉଚ୍ଚକୋଟୀର ପାଲା ପରିବେଷଣ କରିଥିଲେ। ଗୁରୁବାର ଅଧିବାସ ପାଲା ଅନୁଷ୍ଠିତ ହୋଇ ରବିବାର ରାତି ପର୍ଯ୍ୟନ୍ତ ପାଲା ପରିବେଷଣ କରାଯାଇଥିଲା। ଉଭୟ ଗାୟକ 'ଭକ୍ତ ସାଲବେଗ', 'ସତୀ ସାବିତ୍ରୀ, 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ', 'ସୁଭଦ୍ରା ପରିଣୟ' ଓ 'ଇନ୍ଦ୍ରଦ୍ୟୁମ୍ନଙ୍କ ବଂଶନାଶ ବରଯାଚନା' ଆଦି ବିଷୟରେ ରାମାୟଣ, ମହାଭାରତ, ପୁରାଣ ଶାସ୍ତ୍ର, ଜଗନ୍ନାଥ ମାହାତ୍ମ୍ୟ ବର୍ଣ୍ଣନା ଆଦି ଆଲୋଚିତ ହୋଇଥିଲା। ଓଡ଼ିଶୀ, ଛାନ୍ଦ, ଚଉପଦୀ ଓ ବିଭିନ୍ନ ରଚନାରୁ ପଦ୍ୟାଂଶ ଆବୃତ୍ତି ସହ ତତ୍ତ୍ୱର ବ୍ୟାଖ୍ୟା ଓ ପ୍ରତିପକ୍ଷ ବ୍ୟାଖ୍ୟା ସହ ଗାୟକଙ୍କ ତାତ୍ତ୍ୱିକ ମତଭେଦ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ପାଲା କମିଟି ପକ୍ଷରୁ ହରିହର ପାଣିଗ୍ରାହୀ, ନୀଳମଣି ଦାସ, ଗୋପିନାଥ ବାରିକ, ବାବାଜୀ ବାରିକ, ନରହରି ବେହେରା, ଅର୍ଜ୍ଜୁନ ସେଠୀ, ହରିହର ସେଠୀ, ହରିହର ବେହେରା ପ୍ରମୁଖ ପାଲା ପରିଚାଳନା କରିଥିଲେ।

## ଦୁର୍ବଳ ଆଡ଼ିବନ୍ଧ ନିର୍ମାଣ; ବଢୁଛି ଚାଷୀ ଅସନ୍ତୋଷ



ଦୋଳସାହି,୧୬।୩(ସମିସ): ଭଦ୍ରକ ଓ ତିହିଡ଼ି ବ୍ଲକ୍‌ର ୪ ପଞ୍ଚାୟତର ଚାଷୀ ନିର୍ଭର କରୁଥିବା ଜଳିଆ ନଈରେ ଦୁର୍ବଳ ଆଡ଼ିବନ୍ଧ ନିର୍ମାଣ ପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏହି ଜଳିଆ ନଈ ଭଦ୍ରକ ବ୍ଲକ୍‌ର କେଦାରପୁର ପଞ୍ଚାୟତର ରସଲପୁର ଗ୍ରାମରୁ ତିହିଡ଼ି ବ୍ଲକ୍‌ର କୁବେରା ପଞ୍ଚାୟତର ଇଟାଗଡ଼ି ଗ୍ରାମ ପର୍ଯ୍ୟନ୍ତ ହୋଇଥିବା ଜଣାପଡ଼ିଥିଲା ବେଳେ ଏହି ନଈ ଉପରେ ଭଦ୍ରକ ବ୍ଲକ୍‌ର କେଦାରପୁର ପଞ୍ଚାୟତ, ବେନ୍ତାଳ ପଞ୍ଚାୟତ ଓ ତିହିଡ଼ି ବ୍ଲକ୍‌ର ଗୁଆମାଳ ଓ କୁବେରା ପଞ୍ଚାୟତର ଚାଷୀ ନିର୍ଭର କରୁଥିବା ଜଣାଯାଇଛି। ଏହି ନଈର ଜମାବନ୍ଦୀକୁ ଜମି ମାଲିକମାନେ ମାଡ଼ି ବସି ସଂକୁଚିତ ହେଉଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନଈ ଉପରେ ନିର୍ମାଣ ହେଉଥିବା ଆଡ଼ିବନ୍ଧ ଠିକାଦାର ଜଣକ ଦୁର୍ବଳ କରୁଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଦାବି ହେଉଛି।

## ମା' ଅନ୍ନପୂର୍ଣ୍ଣା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଅସୁରାଳି,୧୬।୩(ସମିସ): ଅନ୍ନପୂର୍ଣ୍ଣା ପୂଜା କମିଟି, ଅନ୍ନପୂର୍ଣ୍ଣା ନଗର, କୋଠାର ଆନୁକୂଲ୍ୟରେ ଚଳିତ ବର୍ଷର ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଆସନ୍ତା ୨୬ ତାରିଖଠାରୁ ଆରମ୍ଭ ହେବାକୁ ଥିବା ପୂଜାକୁ କେମିତି ଭବ୍ୟ ଓ ଦିବ୍ୟ ଭାବରେ ଆୟୋଜନ କରାଯିବ, ସେଥିପାଇଁ ଗ୍ରାମବାସୀମାନେ ନିଜର ମତାମତ ଦେଇଥିଲେ। କମିଟିର ମୁଖ୍ୟ ପୁରୋଧା ଲକ୍ଷ୍ମୀନାରାୟଣ ବେହେରା, ସତ୍ୟସୁନ୍ଦର ପାଢ଼ୀ, ଅନ୍ତର୍ଯ୍ୟାମୀ ନାଥ, ସୁରେନ୍ଦ୍ର ନାୟକ, ଭରତ ନାୟକ, ଅରୁଣ ବାରିକ, ଅଧ୍ୟାପକଶ୍ରୀଧରସାହୁପ୍ରମୁଖଉପସ୍ଥିତହୋଇଥିଲେ।ସମସ୍ତେନିଜନିଜରମତଉପସ୍ଥାପନ କରିଥିଲେ ଏବଂ ପୂଜାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଦେଇଥିଲେ। ବୈଠକରେ ପୂଜା ପାଇଁ ସଜାଣା, ଆଲୋକସଜ୍ଜା, ଭଜନକୀର୍ତ୍ତନ, ଭୋଜନ ବ୍ୟବସ୍ଥା ଓ ସାମୁଦାୟିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତଙ୍କର ସମ୍ମିଳିତ ପରମ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତଙ୍କର ସମ୍ମିଳିତ ପ୍ରୟାସରେ ଏହି ବର୍ଷର ପୂଜାକୁ ଅଧିକ ଭବ୍ୟତାରେ ଆୟୋଜନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା।

## ଆନ୍ଦୋଳନକୁ ଓହ୍ଲାଇବ ପାଚିକା ସଂଘ

ବାରିକପୁର,୧୬।୩(ସମିସ): ଦୀର୍ଘ ବର୍ଷ ହେବ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକାମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ସରକାର କୌଣସି କଥା ଶୁଣୁନାହାନ୍ତି। ତେଣୁ ବାଧ ହୋଇ ହଜାର ହଜାର ମହିଳା ପାଚିକା ଓ ସହାୟିକା କର୍ମଚାରୀମାନେ ଆସନ୍ତା ୧୮ ତାରିଖରୁ ମଧ୍ୟାହ୍ନଭୋଜନରେ ଅସହଯୋଗ କରିବେ। ଏହା ଛଡ଼ା ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା କରିବେ। ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ବ୍ଲକ୍ କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ନନ୍ଦିତା ଦାସ, ବେଣୁଧର ସାମଲ, ମିନତି ଦାସ, ସଂଯୁକ୍ତା ସ୍ୱାଇଁ, ଜୟନ୍ତୀ ମହାରଣା, ରୂପଶ୍ରୀ ନାୟକ, ଚମ୍ପକଲତା ଓଝା ପ୍ରମୁଖ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ ଛୁଟି ମଞ୍ଜୁର ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

## କଷଟି ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ



ଧାମନଗର,୧୬।୩(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଅଧୀନସ୍ଥ କଷଟି ଗ୍ରାମରେ ମା' ମଙ୍ଗଳାଙ୍କ ଶକ୍ତିପୀଠରେ ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ଚୈତ୍ର ମାସ ୧ ଦିନ ବା ଇଂରାଜୀ ୧୫ରୁ ୧୭ ପର୍ଯ୍ୟନ୍ତ ଏହା ପାଳିତ ହେବା ସୂଚନା ମିଳିଛି। ରବିବାର ସକାଳୁ ୧୦୮ କଳସ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି କଷଟି ଗ୍ରାମ ନିକଟରେ ଥିବା ପବିତ୍ର କପାଳୀ ନଦୀରେ ବୁଡ଼ା ହୋଇ ଯାତ୍ରା ଆରମ୍ଭ ହୋଇଥିବାବେଳେ ଘଣ୍ଟଘଣ୍ଟା, ଶଙ୍ଖ ନାଦରେ ପୁରୀ ଉଠିଥିଲା ମା'ଙ୍କ ପୀଠସ୍ଥଳ। ଏଥିରେ ବହୁ ସଂଖ୍ୟାରେ ମହିଳା ଓ ମାଆ ଭଉଣୀମାନେ ଭାଗ ନେଇଥିଲେ। ମଙ୍ଗଳବାର ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ସମାପନ ହୋଇଥିଲା। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଦିନ ୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନେ ମା' ମଙ୍ଗଳାଙ୍କ ଶକ୍ତିପୀଠରେ ବହୁ ଭକ୍ତ ତା'ର ମାନସିକ ପୂରଣ ପାଇଁ ଗୁଆ, ପଇସା ବସାଇ ମାନସିକ ପୂରଣ କରିଥା'ନ୍ତି। ଏହି ୩ ଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ବାରିକପୁର,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲି ପୋଖରୀ ପଞ୍ଚାୟତ କଇଁସିରା ଗ୍ରାମ୍ୟ ଜଙ୍ଗଲଠାରେ ୧୯୯୮ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅକ୍ଷୟ ମଲ୍ଲିକ, ବିବେକାନନ୍ଦ ରାୟ, କମଳାକାନ୍ତ ଲେଙ୍କା, ଧନେଶ୍ୱର ପ୍ରଧାନ, ବନମାଳୀ ସାହୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶୁକଦେବ ଜେନା ହାଇସ୍କୁଲଠାରେ ଅଧ୍ୟୟନ କରୁଥିବା ପୁରାତନ ବନ୍ଧୁମାନେ ଯୋଗଦେଇ ବିଦ୍ୟାଳୟ ଜୀବନର ଶିକ୍ଷାଦାନ, ଅନୁଶାସନ ସହିତ ସହପାଠୀ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଏହାଛଡ଼ା ଦୀର୍ଘ ବର୍ଷ ପରେ ସମସ୍ତ ଛାତ୍ରଛାତ୍ରୀ ଏକତିତ୍ର ହୋଇଥିବାରୁ ସେମାନଙ୍କ ବୃତ୍ତିଗତ ଜୀବନକୁ ନେଇ ମଧ୍ୟ ପରସ୍ପର ଆଲୋକପାତ କରିଥିଲେ। ଏଥିରେ ଦାମୋଦର ମଲ୍ଲିକ, କେଶବ ସାହୁ, ରଞ୍ଜିତା ସାହୁ, ନନ୍ଦ କିଶୋର ସାହୁ, ସ୍ମିତାରାଣୀ ତ୍ରିପାଠୀ, ଉର୍ମିଳା ରଣା, ସତ୍ୟବାନ୍ ରାଉଳ ପ୍ରମୁଖ ୪୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଜନୈକ ଛାତ୍ର ବନ୍ଧୁ କ୍ୟାନ୍‌ସରରେ ପୀଡ଼ିତ ଥିବାବେଳେ ତାଙ୍କୁ ସମସ୍ତ ସହପାଠୀ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଡାକ୍ତର ହରେକୃଷ୍ଣ ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭଦ୍ରକ,୧୬।୩(ସମିସ): ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ଚଳିତ ବର୍ଷ ପାଇଁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ସଭାପତି ଡାକ୍ତର ହରେକୃଷ୍ଣ ନାୟକଙ୍କୁ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନାର ସ୍ୱୀକୃତି ସ୍ୱରୂପ ଭଦ୍ରକ ନାଗରିକ ସମାଜ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯଶସ୍ୱୀ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳ୍ପନାଦେବୀ ବୃଦ୍ଧାଶ୍ରମ ଡା. ନାୟକଙ୍କ ଉତ୍ସର୍ଗୀକୃତ ସେବାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ଅଭିମତ ଦେଇଥିଲେ। ଯେଉଁ ସମୟରେ ବରିଷ୍ଠମାନେ ପରିବାରରେ ଅଲୋଡ଼ା ହୋଇ ଅସହାୟ ଓ ନିରାଶ୍ରୟ ମଣୁଛନ୍ତି, ସେହି କ୍ଷେତ୍ରରେ ଏହି ବୃଦ୍ଧାଶ୍ରମ ସେମାନଙ୍କ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ଆଶ୍ରୟସ୍ଥଳୀରେ ପରିଣତ ହୋଇଯାଉଛି। ସମ୍ମାନିତ ଅତିଥି ଭାବେ ଭଦ୍ରକର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରବୀନ୍ଦ୍ର କୁମାର ନାୟକ ଏବଂ ଯାଜପୁରର କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ହରେକୃଷ୍ଣ ନାୟକ ଜୀବନର ଆଦ୍ୟ ସୋପାନରେ ଭଦ୍ରକରେ ପ୍ରଥମ ନର୍ସିଂହୋମ୍ ଏବଂ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ପ୍ରତିଷ୍ଠା କରି କିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଲବ ସୃଷ୍ଟି କରିଥିଲେ, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ କ୍ୟାପ୍‌ଟେନ ସୁଦୀପ ସାହୁ ତାଙ୍କ କର୍ମକ୍ଷେତ୍ରରେ ଡାକ୍ତରମାନେ କିପରି ସମଗ୍ର କ୍ୟାମ୍ପ୍ ନିମନ୍ତେ ଜୀବନରେଖା ଭାବେ କାର୍ଯ୍ୟ କରନ୍ତି, ନିଜ ଅନୁଭୂତିରୁ ତାହାର ଦୃଷ୍ଟାନ୍ତ ଦେଇଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଡା. ହରେକୃଷ୍ଣ ନାୟକ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସାଧାରଣ ଜନତାଙ୍କର ସେବା କରିବା ପାଇଁ ସେ ଯେଉଁ ସଂକଳ୍ପ ନେଇଥିଲେ, ତାହା ବୃହତ୍ତର କ୍ଷେତ୍ରରେ ତାଙ୍କୁ ଅନୁଗୃହୀତ କରିଛି ବୋଲି ସ୍ୱୀକାର କରିଥିଲେ। ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ପଥରେ ଅଟଳ ରହିବେ ବୋଲି ସେ ଆଉଥରେ ସଂକଳ୍ପ ନେଇଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ରୋଟାରୀୟାନ ଅଭିଜିତ୍ ନାୟକ ମଞ୍ଚ ପରିଚାଳନା କରିଥିଲାବେଳେ ସମାଜସେବୀ ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ କରିଥିଲେ। ମେଡିସିନ ବିଭାଗର ଆସୋସିଏଟ୍ ପ୍ରଫେସର ଭାଗ୍ୟଶ୍ରୀ ପଣ୍ଡା ଡା. ନାୟକଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଭଦ୍ରକ ରୋଟାରୀ କ୍ଲବ୍, ଇନର୍ ହ୍ୱିଲ୍ କ୍ଲବ୍, ଲାୟନ୍ସ କ୍ଲବ୍ ଭଦ୍ରକାଳୀ,



ବୁଢ଼ା ଗଣେଶ ପୂଜା କମିଟି, ତେଜସ୍ୱିନୀ ମହିଳା ସଂଘ, ଭଦ୍ରକ ସାମ୍ବାଦିକ ସଂଘ, ଗାନ୍ଧୀ ବିଚାର ମଞ୍ଚ, ଭଦ୍ରକ ସାହିତ୍ୟ ପରିଷଦ, ଭାରତୀୟ ଚିକିତ୍ସକ ସଂଘ, କଟକ, ବରିଷ୍ଠ ନାଗରିକ ମହାସଂଘ ତରଫରୁ ଡା. ନାୟକଙ୍କୁ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ରାଜନେତା ଚନ୍ଦ୍ରଶେଖର ନାୟକ ଡା. ନାୟକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ସମାରୋହକୁ ସଫଳତାର ସହ ପରିଚାଳନା କରିଥିଲେ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଡା. ବିକାଶ ନନ୍ଦ, ଇଂ ବସନ୍ତ କୁମାର ପାଣିଗ୍ରାହୀ, ଅଞ୍ଜନା ମିଶ୍ର, ଜଗନ୍ନାଥ ରାଉତ, ତ୍ରୈଲୋଚନ ବେଉରିଆ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା। ସମାରୋହରେ ଭଦ୍ରକର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲାବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲ୍ଲୀପ କୁମାର ନାୟକ।

## ୩୨ତମ ହରିନାମ ସଙ୍କୀର୍ତ୍ତନ ଉତ୍ସବ



ବାରିକପୁର,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ତୁଳସୀପୁରଠାରେ ୩୨ତମ ହରିନାମ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ମହାଦେବ ପୋଖରୀରୁ ଘଟ ଉତ୍ତୋଳନ ପରେ ଏକ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପୂଜକ ଗଗନ ଦାଶ ବୈଦିକ ରୀତିନୀତି ଅନୁଯାୟୀ, ପଞ୍ଚସଖାଙ୍କୁ ପୂଜାର୍ଚ୍ଚନା କରି ନାମ ସଙ୍କୀର୍ତ୍ତନ ଶୁଭାରମ୍ଭ କରିଥିଲେ। ମୁଖ୍ୟ ସଂକଳ୍ପ କର୍ତ୍ତା ଭାବେ ହିମାଂଶୁ ସାମଲ ଓ ସହଯୋଗୀ ଭାବେ ଶଶିକାନ୍ତ ସାମଲ, ପ୍ରକାଶ ଚନ୍ଦ୍ର ବେହେରା, ଜଗଦିଶ ସାମଲ, ଆଦିତ୍ୟ ସାମଲ, ସୁରେଶ ସାମଲ, ପରେଶ ନାୟକ, ଦିଲ୍ଲୀପ ସାମଲ, ଗୌରାଙ୍ଗ ନାୟକ, ଖଗେଶ୍ୱର ସାମଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟ ତରାଗ ଓ ସାରୁଅ ସଙ୍କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ମଣ୍ଡପରେ ପହଞ୍ଚି ହରିନାମ ପରିବେଷଣ କରିଥିଲେ। ନଗର ଭ୍ରମଣ ସହିତ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଗ୍ରାମବାସୀମାନେ ଉତ୍ସବ ପରିଚାଳନା କରିଥିଲେ।

### ● ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## 'ଯୁବ ସମାଜ ଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ଉଚିତ୍'



ଭଦ୍ରକ,୧୬।୩(ସମିସ): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ସମାଜସେବୀ ଶୁଭ୍ରକାନ୍ତି ଦାଶ ଓ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। 'ଯୁବ ସମାଜ ଶାସ୍ତ୍ରାନୁରାଗି ନୁହଁନ୍ତି କାହିଁକି?' ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ଶିକ୍ଷାବିତ୍ ଅଜୟ କୁମାର କର, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫୁଲ୍ଲ କର, ସମ୍ମାନିତ ବକ୍ତା ବାବାମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ବିଶେଷ ଅତିଥି ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଇଂ ରବୀନ୍ଦ୍ର କୁମାର ଜେନା ଓ ନାଟ୍ୟକାର ଏବଂ ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଶିକ୍ଷାବିତ୍ ଜଗନ୍ନାଥ ନାୟକ ପ୍ରମୁଖ ଯୁବ ସମାଜ ଏକ ସୁସ୍ଥ ସମାଜ ପାଇଁ ଅସ୍ତ୍ରଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ନିହାତି ଆବଶ୍ୟକ। ଅଳସୁଆମୀ, ଅମାନିଆ ଭାବ, ବିଶୃଙ୍ଖଳ ଚିନ୍ତା ତ୍ୟାଗ କରି ଶୃଙ୍ଖଳିତ କଠିନ ପରିଶ୍ରମୀ ଓ ଜ୍ଞାନ ଭକ୍ତିରେ ଲୀନ ହୋଇ ରହିବା ନିହାତି ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା ଓ ସାବିତ୍ରୀ ବାନାର୍ଜୀଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଦୟାନିଧି ବେହେରା, ଉମେଶ ଚନ୍ଦ୍ର ମହାପାତ୍ର, ହରିଶ ଚନ୍ଦ୍ର ଦାସ, ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ, ସରୋଜିନୀ ନାୟକ, ଅଧୀବକ୍ତା ବୀଣାପାଣି ତ୍ରିପାଠୀ, ସାବିତ୍ରୀ ସେଠୀ, ସମାଜସେବୀ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ନାଟ୍ୟକାର କାଳନ୍ଦୀ ମଲ୍ଲିକ, ଅରୂପାନନ୍ଦ ନାୟକ, ମହେଶ୍ୱର ସାହୁ, ଅଧ୍ୟକ୍ଷ ଡ. ଅବନୀ କୁମାର ପ୍ରଧାନ, ଶଶାଙ୍କ ଶେଖର ପଣ୍ଡା, ଶିଶୁ କବି ଅଂଶୁମାନ ସ୍ୱାଇଁ, ବସନ୍ତ ମହାନ୍ତି, ସନ୍ତୋଷ ମିଶ୍ର, ସୁରେଶ ସାହୁ, କୈଳାସ ଦାସ, ନିରଞ୍ଜନ ନାୟକ, ଶ୍ରେୟାଂଶୁ ସାହୁ, ଲୀଳାବତି ସାହୁ, ଜ୍ୟୋତିପ୍ରଭା ସାହୁ, ଅଧୀବକ୍ତା ମନୋରଞ୍ଜନ ଦାସ, ହେମନ୍ତ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡ. ଅନିଲ ଦାଶ ସମ୍ପାଦକୀୟ ପାଠ ଓ ଭଜନ ପରିବେଷଣ, ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ, ସହ ସମ୍ପାଦିକା ମମତାରାଣୀ ଦାଶମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷାବିତ୍ ସତ୍ୟପ୍ରକାଶ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟାଞ୍ଚଳରେ ନିମ୍ନମାନର ରାସ୍ତା କାମ; ପ୍ରଶାସନ ନିରବ

# କୋଟି କୋଟି ଟଙ୍କା ପାଣିରେ ପଡ଼ିବା ଆଶଙ୍କା

ଦୋବଲ,୧୬।୩(ସମିସ)



ଧାମନଗର ବ୍ଲକ୍‌ର ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତବାସୀଙ୍କ ପାଇଁ ଜୀବନରେଖା ସଦୃଶ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଧାମନଗର-କ୍ଷେଣ୍ଟପୁର ପୂର୍ତ୍ତ ବିଭାଗ ରାସ୍ତାର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ଭାୟା ଦକ୍ଷିଣକୁରୁଆ ରାସ୍ତାର ଏହି ପ୍ରଶସ୍ତୀକରଣ କାର୍ଯ୍ୟରେ ବୈଷୟିକ ନିୟମକୁ ଜଳାଞ୍ଜଳି ଦିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁସାରେ, ଯେକୌଣସି ସରକାରୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନାଫଳକ ଲଗାଯିବା କଥା। ମାତ୍ର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟସ୍ଥଳରେ କୌଣସି ସୂଚନାଫଳକ ନାହିଁ। କିଏ ଏହି କାମ କରୁଛି ଏବଂ କେଉଁ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି, ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ। ଜଣେ ଠିକାଦାରଙ୍କ କହିବା ଅନୁସାରେ ଏହା ୩ କୋଟି ଟଙ୍କାର ପ୍ରକଳ୍ପ, କିନ୍ତୁ ସରକାରୀସ୍ତରରେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବୈତରଣୀ ନଦୀର ବନ୍ୟା ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ। ମାତ୍ର ୪୦୦ ମିଟର ଦୂରରେ ଆନନ୍ଦପୁର ପଞ୍ଚାୟତର ଉତେଇପୁରରେ ବୈତରଣୀର ମଲ୍ଲିମାହାରା ଏସ୍‌କେପ୍ ରହିଛି। ବନ୍ୟା ସମୟରେ ଏହି ଏସ୍‌କେପ୍ ଦେଇ ଆସୁଥିବା ହଜାର ହଜାର ଘନଫୁଟ୍‌ର ପାଣି ସିଧାସଳଖ ଏହି ରାସ୍ତା ଉପରେ ପିଟି ହୋଇଥାଏ। ୨୦୨୨ ଅଗଷ୍ଟ ବନ୍ୟାରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା ଏବଂ କଂକ୍ରିଟ୍ ସ୍ଲାବ୍‌ଗୁଡ଼ିକ ଧୋଇ ହୋଇଯାଇଥିଲା। ତଥାପି ବୈଷୟିକ ଆକଳନ ଅନୁସାରେ ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ କାନ୍ଥ ନିର୍ମାଣ କରାଯାଉନାହିଁ।

ଅଭିଯୋଗ ଅନୁଯାୟୀ, ରାସ୍ତାଟି ଗ-୩୦ ଗ୍ରେଡ୍‌ର ସିମେଣ୍ଟ ମିକ୍ସରେ ହେବା କଥା, କିନ୍ତୁ ଏଠାରେ ବାଲି, ସିମେଣ୍ଟ ଓ ଚିପ୍ସର ଭାଗ ଅତ୍ୟନ୍ତ ନିମ୍ନମାନର ରହୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପାଣିର ପ୍ରଖର ସ୍ରୋତ ସହିବା ଭଳି ଏହି ରାସ୍ତାରେ ଲୁହାରଡ୍ ବ୍ୟବହାର କରାଯାଉ ନାହିଁ। ଏହି କାରଣରୁ ଆଗାମୀ ବନ୍ୟାରେ ରାସ୍ତାଟି ପୁଣି ଧୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ସମସ୍ୟା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରୂପକ ମୁଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଉ ନାହାନ୍ତି। ଅନ୍ୟପଟେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗର କାମ ହୋଇଥିବାରୁ ବ୍ଲକ୍ ପ୍ରଶାସନର ଏଥିରେ କୌଣସି ହସ୍ତକ୍ଷେପ ନାହିଁ। ଖଡ଼ିପଦା ପଞ୍ଚାୟତର ବୈକୁଣ୍ଠି, ମୁଥାନଗର, ଆନନ୍ଦପୁର ପଞ୍ଚାୟତର ଶତପଥୀ ସାହି, ନଡ଼ିଆବାଗ, ଉତେଇପୁର, ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ ଅଞ୍ଚଳରେ ରହୁଥିବା ହଜାର ହଜାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏପରି ନିମ୍ନମାନର କାର୍ଯ୍ୟ ସାଧାରଣ ଜନତାଙ୍କ ଅର୍ଥକୁ ପାଣିରେ ପକାଇବା ସଦୃଶ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଦାବି ହେଉଛି।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡ୍‌ରେ ନିଃଶୁଳ୍କ ସିଟି ସ୍କାନ୍

# ୪ ବର୍ଷରେ ୫୮ ହଜାର ୭୬୮ ରୋଗୀଙ୍କ ସିଟି ସ୍କାନ୍ ହୋଇଛି

ଭଦ୍ରକ,୧୬।୩(ସମିସ)

ପୂର୍ବ ସରକାର ଅମଳରେ ଅର୍ଥାତ୍ ୨୦୨୨ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିପିପି(ପବ୍ଲିକ୍-ପ୍ରାଇଭେଟ୍-ପାର୍ଟନରସିପ୍)ରେ ନିଃଶୁଳ୍କ ଅର୍ଥାତ୍ ମାଗଣାରେ ସିଟି ସ୍କାନ୍ ସେବା ଶୁଭାରମ୍ଭ ହୋଇଥିଲା। ପୂର୍ବରୁ ଭଦ୍ରକ ଜିଲ୍ଲାରେ ଏହି ସିଟି ସ୍କାନ୍ ସେବା ନ ଥିବାରୁ ରୋଗୀମାନଙ୍କ କଟକ ଯିବାକୁ ପଡୁଥିଲା। ତେଣୁ ସ୍ୱନ୍ଦନ ଡାଇଗ୍ନୋଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲୋକଙ୍କୁ ନିଃଶୁଳ୍କ ସିଟି ସ୍କାନ୍ ସେବା ଯୋଗାଇବାକୁ ତତ୍କାଳୀନ ରାଜ୍ୟ ସରକାର ଏମ୍ଓୟୁ କରିଥିଲେ। ଏହି ସଂସ୍ଥା ପକ୍ଷରୁ ବିଗତ ୪ବର୍ଷ ମଧ୍ୟରେ ୫୮ହଜାର ୭୬୮ଜଣ ରୋଗୀଙ୍କ ସିଟି ସ୍କାନ୍ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ୨୦୨୨-୨୩ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ୍ ୪୯୭୭ଜଣ ରୋଗୀଙ୍କ ମାଗଣାରେ ସିଟି ସ୍କାନ୍ କରାଯାଇଥିବା ଜଣାଯାଇଛି। ଏହି ରୋଗୀଙ୍କ ମଧ୍ୟରୁ ୨୬୮୭ ଜଣ ପୁରୁଷ, ୨୨୩୮ ଜଣ ମହିଳା ରୋଗୀଙ୍କ ସହ ୧୭୪ ଜଣ ଶିଶୁ(୦ରୁ ୧୨ ବର୍ଷ) ଥିବା ଜଣାଯାଇଛି। ସେହିଭଳି ୨୦୨୩-୨୪ରେ ୧୫ହଜାର ୮୩୯ଜଣ ରୋଗୀଙ୍କ ସିଟି ସ୍କାନ୍ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ୮୧୩୩ ଜଣ ପୁରୁଷ, ୭୬୯୫ ଜଣ ମହିଳା ଓ ୪୪୩ ଜଣ ଶିଶୁ ରୋଗୀ ଥିବା ଜଣାଯାଇଛି। ଅନୁରୂପଭାବେ ୨୦୨୪-୨୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୯ ହଜାର ୯୮୦ଜଣ ରୋଗୀଙ୍କ ସିଟି ସ୍କାନ୍ ହୋଇଥିବା ଜଣାଯାଇଛି। ଏମାନଙ୍କ ମଧ୍ୟରେ ୧୦ ହଜାର ୨୧୪ ଜଣ ପୁରୁଷ, ୯୭୫୫ ଜଣ ମହିଳା ଓ ୫୬୩ ଶିଶୁ ରୋଗୀ ଥିବା ଜଣାଯାଇଛି। ୨୦୨୫-୨୬ ଜାନୁଆରୀ ମାସ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ହଜାର ୬୭୨ଜଣ ପୁରୁଷ, ୯୨୩୯ ମହିଳା ଓ ୫୧୦ ଶିଶୁରୋଗୀଙ୍କ ସିଟି ସ୍କାନ୍ ହୋଇଥିବା ଜଣାଯାଇଛି। ପିପିପି ମୋଡ୍‌ରେ ସିଟି ସ୍କାନ୍ ଚାଲିଥିବା ସ୍ୱନ୍ଦନ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପ୍ରାଇଭେଟ୍ ଲିମିଟେଡ୍ କର୍ତ୍ତୃପକ୍ଷ ଏ ବାବଦକୁ ୨୦୨୨-୨୩ରେ ୨୯ଲକ୍ଷ ୬୭ ହଜାର ୨୧୨ ଟଙ୍କା ନେଇଥିବାବେଳେ ୨୦୨୩-୨୪ରେ ୧ କୋଟି ୧୬ ଲକ୍ଷ ୧୦ ହଜାର ୧୦୨ ଟଙ୍କା, ୨୦୨୪-୨୫ରେ ୧ କୋଟି ୩୯ ଲକ୍ଷ ୫୫ ହଜାର ୨୨୪ ଟଙ୍କା ଓ ୨୦୨୫-୨୬ରେ ୯୭ ଲକ୍ଷ ୩୭ ହଜାର ୮୮୮ ଟଙ୍କାକୁ ମିଶାଇ ମୋଟ୍ ୪ କୋଟି ୮୦ ଲକ୍ଷ ୭୦ ହଜାର ୪୨୬ ଟଙ୍କା ସରକାରଙ୍କଠାରୁ ନେଇଥିବା ଉକ୍ତ ସଂସ୍ଥା ପକ୍ଷରୁ ଯୋଗାଯାଇଥିବା ସୂଚନାରୁ ଜଣାଯାଇଛି। ପୂର୍ବ ସରକାର ଭଦ୍ରକ ଜିଲ୍ଲାର ରୋଗୀଙ୍କୁ ମାଗଣାରେ ସିଟି ସ୍କାନ୍ ସେବା ଯୋଗାଇବାକୁ ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବାରୁ ବହୁ ବୁଦ୍ଧିଜୀବୀ ଉଚ୍ଚ ପ୍ରଶଂସା କରିଛନ୍ତି। ତେବେ ସିଟି ସ୍କାନ୍ ହେବାର ଦୀର୍ଘ ୮ରୁ ୧୦ ଘଣ୍ଟା ପରେ ରୋଗୀଙ୍କୁ ରିପୋର୍ଟ ଆସିବା ପ୍ରଥା ଯୋଗୁଁ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ମିଳିପାରୁ ନ ଥିବା ଜଣାଯାଇଛି।

**ସିଟି ସ୍କାନ୍ ପାଇଁ ସଂସ୍ଥା ନେଇଛି ୪ କୋଟି ୮୦ ଲକ୍ଷ ୭୦ ହଜାର ୪୨୬ ଟଙ୍କା**

## ଗହଣା ଚୋରି ଘଟଣାରେ ୫ ଗିରଫ

ସୋର, ୧୬।୩ (ସମିସ): ସୋର ଥାନା ଅନ୍ତର୍ଗତ ୱାଦା ଗ୍ରାମରେ ଜଣଙ୍କ ଘରୁ ଚୋରି ଘଟଣାରେ ଚୋରି ଗହଣା ଏବଂ ନଗଦ ଟଙ୍କା ସୋର ପୁଲିସ ଜବତ କରିବା ସହିତ ଏଥିରେ ସଂପୃକ୍ତ ୩ ନାବାଳକ ସମେତ ୫ ଜଣଙ୍କୁ ଗିରଫ କରିଛି। ଗତ ୧୩ ତାରିଖ ମଧ୍ୟାହ୍ନରେ ଏହି ଗ୍ରାମର କୁଳମଣି ମନ୍ତ୍ରିଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଚୋର ମାନେ ତାଙ୍କ ଘରେ ପଶି ନଗଦ ଟଙ୍କା ଏବଂ ସୁନା ରୁପା ଗହଣା ଚୋରି କରିନେଇଥିଲେ। ଏ ବାବଦରେ କୁଳମଣି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ୩ ଜଣ ନାବାଳକ ସମେତ ଖଇରା ଥାନା ବଗଡ଼ିଆର ରାଜେଶ କୁମାର ସାହୁ (୨୬) ଓ ଡାଲଙ୍ଗ ଗ୍ରାମର ଦେବେନ୍ଦ୍ର ମଳିକ (୨୧) ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୧୨୦୦ ଟଙ୍କା ଏବଂ ଗୋଟିଏ ସୁନା ଚେନ, ଗୋଟିଏ ରୁପା ଚେନ, ୭ ହଳ କାନଫୁଲ, ତିନୋଟି ସୁନା ମୁଦି,୭ଟି ସୁନା ଲକେଟ, ଏକ ହଳ ବାହୁଟି ଏବଂ ଚାରି ଗୋଟି ରୁପା ମୁଦି ଜବତ କରାଯାଇଥିବା ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ସୂଚନା ଦେଇଛନ୍ତି। ଆଜି ଅପରାହ୍ଣରେ ରାଜେଶ ଏବଂ ଦେବେନ୍ଦ୍ରର ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆସନ୍ତାକାଲି ୩ ଜଣ ନାବାଳକଙ୍କୁ ବାଲେଶ୍ୱର ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ସୋର ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



ସୋର, ୧୬।୩ (ସମିସ): ସୋର ବ୍ଲକ ପରିସରରେ ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଏସ୍ପି ପ୍ରତ୍ୟୁଷ ଦିବାକର, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ଏହି ସମୟରେ ରାସ୍ତା, ସ୍କୁଲ, ଭତ୍ତା, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ସରକାରୀ ଜମି ଜବର ଦଖଲ ଆଦି ୧୧୨ଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଏହି ଅଭିଯୋଗ ଗୁଡିକୁ ଗ୍ରହଣ କରି ସାତ ଦିନ ମଧ୍ୟରେ ଅଭିଯୋଗର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ବିଡିଓ ସତ୍ୟନାଥ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ଏହି ସମୟରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## 'ବସୁଧା' ପାଣିରୁ ବଞ୍ଚିତ କାନପୁର ଗ୍ରାମବାସୀ

ଜଳେଶ୍ୱର, ୧୬।୩ (ସମିସ) : ଖରାଦିନ ଆସିଲେ ରାଇବଣିଆ ଗ୍ରାମବାସୀ ଦୁଃଖ କହିଲେ ନ ସରେ। ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳଟି ପାହାଡିଆ ହୋଇଥିବା ବେଳେ ଗଡିଆ ପୋଖରୀ ମଧ୍ୟ ଶୁଖିଯାଏ। ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ବସାଯାଇଥିଲେ ମଧ୍ୟ ଲୋକଙ୍କ ପାଖରେ ପହଂଚିପାରେ ନାହିଁ ପାଣି। ତେଣୁ ହନ୍ତସନ୍ତରେ ଦିନ କଟନ୍ତି ଲୋକମାନେ। ଶ୍ୟାମନଗର ପଂଚାୟତର କାନପୁର ଠାରେ ଏକ ବସୁଧା ପାଣି ପ୍ରକଳ୍ପ ରହିଛି। ହେଲେ ସେଥିରୁ ଆସୁଥିବା ପାଣି ପଂଚାୟତର ୨ନଂ ୱାର୍ଡ ରାଡୁ ସାହି, ୬ନଂ ୱାର୍ଡ ବାହାରଗଡିଆ, କେନ୍ଦୁବଣୀ, ମହୁଲବଣୀ, ଲୁଖିଲା ସାହି ଅଂଚଳକୁ ଆଦୌ ପାଣି ଯାଉନାହିଁ। ଲୋକେ ପାଣି ନ ପାଇ ପୋଖରୀ ପାଣି ଉପରେ ନିର୍ଭର କରିଥାନ୍ତି। ଏବେ ଖରଦିନ ହୋଇଥିବାରୁ ସେ ଗୁଡିକ ମଧ୍ୟ ଶୁଖିଗଲାଣି। ତେଣୁ ଲୋକମାନେ ଟିୱେଲ ଉପରେ ଭରସା ରଖିଥିବା ବେଳେ ସେ ଗୁଡିକ ମଧ୍ୟ ଅଚଳ। ଉପରୋକ୍ତ ସାହିର ୱାର୍ଡ ସଭ୍ୟ ଦୁଲା ମୁର୍ମୁ, କଶୁ ମୁର୍ମୁ, ଡମାନ ହାଁସଦାଙ୍କ ନେତୃତ୍ୱରେ ବହୁ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସି ତୁରନ୍ତ ପାଣି ଯୋଗାଇ ଦେବା ଲାଗି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



## ଚୁକ୍ତି ପାଇଁ ମା' ଜଗତ ଜନନୀ ଏସ୍‌ଏଚ୍‌ଜିକୁ ୨ ଲକ୍ଷ ଟଙ୍କା ମାଗିବା ଅଭିଯୋଗ

ବାଲେଶ୍ୱର,୧୬।୩(ସମିସ): ରେମୁଣା ବିଜ୍ଞାପିତ ପରିଷଦ ଅଞ୍ଚଳ ଅର୍ନ୍ତଗତ ନରହରିପୁର ସମ୍ପଦ କେନ୍ଦ୍ରରେ କାର୍ଯ୍ୟ କରୁଥିବା ମା' ଜଗତ ଜନନୀ ଏସଏଚଜି ଗ୍ରୁପକୁ ଚୁକ୍ତି କରିବା ପାଇଁ ରେମୁଣା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଇଲକ୍ଷ ଟଙ୍କା ମାଗିଥିଲେ। ହେଲେ ଉକ୍ତ ଏସଏସଜି ଗ୍ରୁପ ଏହି ଟଙ୍କା ତାଙ୍କୁ ଦେଇ ନପାରିବାରୁ ଶେଷରେ ରେମୁଣା ଏନଏସି ପକ୍ଷରୁ ସେଠାରେ କାର୍ଯ୍ୟ କରୁଥିବା ଏହି ଗ୍ରୁପକୁ କାଢ଼ିଦେବା ଅନ୍ୟ ଏକ ଏସଏସଜି ଗ୍ରୁପକୁ କାର୍ଯ୍ୟ କରିବା ପାଇର୍ ଅନୁମତି ଦିଆଯାଇଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଏହି ଗ୍ରୁପର କାର୍ଯ୍ୟ କରୁଥିବା ମହିଳାମାନେ। ଅନ୍ୟପଟେ ମହିଳାମାନେ ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦେବାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ସେମାନଙ୍କ ସପକ୍ଷରେ ମତ ଦେବା ପରେ ମହିଳାମାନେ ଆଜି ଜିଲ୍ଲାପାଳଙ୍କୁ ଉକ୍ତ ଅର୍ଡର ଦେବା ପାଇଁ ଆସି ଏଭଳି ଅଭିଯୋଗ କରିଛନ୍ତି। ଅନ୍ୟପଟେ ରେମୁଣା ଏନଏସି ଏହାକୁ ଖଣ୍ଡନ କରାଯାଇଥିବା ବେଳେ ରେମୁଣା ଏନଏସି ଅଧକ୍ଷା ଏ ସମ୍ପର୍କରେ କିଛି ଜାଣିନଥିବା କହିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରୁପର ସଦସ୍ୟା ଉର୍ମିଳା ମିଶ୍ର, ରଶ୍ମିତା ଦାସ, ସରସ୍ୱତୀ ମହାଳିକ,ସୁକାନ୍ତୀ ମଣି ମହାଳିକ, ପ୍ରଭାସିନି ମହାଳିକ, ପ୍ରଭାତୀ ପାତ୍ର, ସୀତା ମହାଳିକ, ପ୍ରମିଳା ମହାଳିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ରେମୁଣା ଏନଏସି ଚେୟାରମେନ ତନୁଜା ଗିରି ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଧାମନଗରରେ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

## ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ



ଦୋବଲ,୧୬।୩(ସମିସ): ଦୋବଲ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଏକ ଦିବସୀୟ 'ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା' ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କୃଷକମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ମହିଳାମାନେ କୃଷି କ୍ଷେତ୍ରରେ ନୂତନ ସୁଯୋଗର ଉପଯୋଗ କରିପାରିବେ, ସେ ଦିଗରେ ଏହି କର୍ମଶାଳାରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ କୁମାର ପୁହାଣ ଯୋଗ ଦେଇଥିବାବେଳେ, ଦୋବଲ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପଣ୍ଡା, ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ମହେନ୍ଦ୍ର ସ୍ୱାଇଁ, ମୃତ୍ତିକା ସଂରକ୍ଷଣ କର୍ମୀ ମୌସୁମୀ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାଷୀ, ଯୁବ ଚାଷୀ ଓ ମହିଳାମାନଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବା ସହ ସରକାରଙ୍କ ବିଭିନ୍ନ ରିଆତି ଯୋଜନା ବିଷୟରେ ଅବଗତ କରାଇଥିଲେ। ବ୍ଲକ୍ ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଦିଲ୍ଲୀପ କୁମାର ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ମନୋଜ କୁମାର ନନ୍ଦୀ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରିଶେଷରେ ଗ୍ରାମ୍ୟ କୃଷି କର୍ମଚାରୀ ତୃଣତି ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨୦୦ରୁ ଅଧିକ ପୁରୁଷ ଓ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ।

### ● ଡାହାଣିଗଡ଼ିଆ ଜଳ ନିଷ୍କାସନ ପଥରେ ମାଟି ପକାଇ ପୋତିବା ଘଟଣା

## ତହସିଲ୍‌ଦାରଙ୍କ କ୍ଷେତ୍ର ପରିଦର୍ଶନ ଓ ତଦନ୍ତ



ଭଦ୍ରକ,୧୬।୩(ସମିସ): ଭଦ୍ରକ ତହସିଲ୍ ଅଞ୍ଚଳରେ ଏବେ ବେଆଇନ ମାଟି ମାଫିଆମାନେ ଉପଦ୍ରପ କରୁଛନ୍ତି। ଗତ କିଛିଦିନ ହେବ ଭଦ୍ରକ ସହର ଡାହାଣିଗଡ଼ିଆ ଠାରେ ଥିବା ପୋଲ ନିକଟରେ ଜଳ ନିଷ୍କାସନ ପଥକୁ ଅବରୋଧ କରି କେହି ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ମାଟି ପକାଇ ଅବରୋଧ କରୁଥିଲେ। ଏହି ଖବର ପାଇ ସୋମବାର ଭଦ୍ରକ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ସଦର ଆର୍‌ଆଇ ଶରତ ମହାନ୍ତି ଓ ସର୍ଭେୟର ସୁବାସ ପଲାଇ ପ୍ରମୁଖ ଘଟଣାସ୍ଥଳକୁ ଯାଇ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ତେବେ ଉକ୍ତ ପ୍ଲଟ୍‌ଟି କାହାର ଓ କିଏ ଏହି ମାଟି ପକାଉଛି ଏହାର ତଦନ୍ତ ସଦର ଆର୍‌ଆଇ କରିବାକୁ ତହସିଲ୍‌ଦାର ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ମାଟିପକା ଘଟଣାକୁ ଜିଲ୍ଲା ଖଣି ବିଭାଗକୁ ଅବଗତ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଜଳ ନିଷ୍କାସନ ପଥ ଅବରୋଧ ହେଲେ ଭଦ୍ରକ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ବହୁ ଘରଦ୍ୱାର ବୁଡ଼ିବା ନିଶ୍ଚିତ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



ଯାଜପୁର,୧୬।୩(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜୁନିଅର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଡେପୁଟି କଲେକ୍ଟର ଶୈଳଶାବା ମୁଦୁଲି, ଆନ୍ତର୍ଜାତିକ ଖେଳାଳି ଶୁଭାଶିଷ ସାହୁ ପ୍ରମୁଖ ଯୋଗ ଦେଇ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତା ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ପୁରୁଷ ଦଳ ଏବଂ ୪ଟି ମହିଳା ଦଳ ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ। ଜୁନିୟର ମହିଳା ବିଭାଗରେ କଟକର ସୁପ୍ରିମ କ୍ଲବ୍ ଭୁବନେଶ୍ୱର ଦଳକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ଜୁନିୟର ପୁରୁଷ ବିଭାଗରେ କଟକର ଓଡିଶା ଷ୍ଟୁଡେଣ୍ଟ କ୍ଲବ ସୁପ୍ରିମ୍ କ୍ଲବକୁ ହରାଇ ଚମ୍ପିଅନ ଆଖ୍ୟା ଗ୍ରହଣ କରିଥିଲା।

## ମୋବାଇଲ୍‌କୁ ନେଇ ଛୁରାମାଡ଼; ଅଭିଯୁକ୍ତ ଅଟକ

ଅସୁରାଳି,୧୬।୩(ସମିସ): ଧୂଷୁରୀ ଥାନା ଅଧୀନ ଚତାରପୁର (ସୂର୍ଯ୍ୟପୁର) ଗ୍ରାମରେ ଗତ ୧୨ ତାରିଖ ରାତି ୧୦ଟାରେ ଏକ ଅଘଟଣ ଘଟିଛି। ଗ୍ରାମର ୬୨ ବର୍ଷୀୟା ଶାନ୍ତିଲତା ଜେନାଙ୍କ ପୁଅ ଅଧର ଜେନାଙ୍କୁ ସିଲୁ ଜେନା ନାମକ ଯୁବକ ଧାରୁଆ ଛୁରିରେ ପେଟକୁ ଆକ୍ରମଣ କରିଥିଲେ। ଘଟଣା ସମୟରେ ଅଧର ଜେନା ଘରେ ଶୋଇଥିବାବେଳେ ଅଭିଯୁକ୍ତ ଆକ୍ରମଣ କରିଥିବା କୁହାଯାଉଛି। ମୋବାଇଲ୍ ଫୋନ୍‌କୁ ନେଇ ବିବାଦରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଥ୍ୟ ପୁଲିସ ପକ୍ଷରୁ ମିଳିଛି। ଘଟଣା ପରେ ଧୂଷୁରୀ ଥାନାରେ ୧୨୩/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସିଲୁ ଜେନା ଘଟଣା ଘଟାଇବା ପରେ ଉକ୍ତ ଦିନଠାରୁ ଫେରାର୍ ଥିଲା। ସୋମବାର ଅଭିଯୁକ୍ତକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହି ଘଟଣା ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି। ପୁଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

## କେନାଲ ରାସ୍ତା ସୁରକ୍ଷା ପାଇଁ ଦାବି

ବାରିକପୁର,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦାଠାରୁ ଭଦ୍ରକ ଡଗମୁଣ୍ଡ ଯାଏଁ ରହିଛି ୩ ନମ୍ବର ହାଇଲେବୁଲ କେନାଲ ରାସ୍ତା। ଏହି ରାସ୍ତାରେ ଦୈନିକ ହଜାର ହଜାର ଜନସାଧାରଣ ଯାତାୟାତ କରିଥା'ନ୍ତି। ବିଶେଷ କରି ବୈତରଣୀ ଆନିକଟଠାରୁ ଭଣ୍ଡାରିପୋଖରୀ ଯାଏଁ ପଥଟି ସର୍ବଦା ଚଳଚଞ୍ଚଳ ରହିଥାଏ। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ସୀମାକୁ ପିଚୁ ନିର୍ମାଣ କରାଯାଇଛି। ପରିତାପର ବିଷୟ ପ୍ରତ୍ୟେକ ଦିନ ଏହି ରାସ୍ତାରେ ବେଆଇନ ଭାବେ ମାଲ୍‌ବାହୀ ଯାନବାହନ ଯାତାୟାତ କରୁଛି। ବିଶେଷ କରି ଛତାବରଠାରେ ଥିବା ଟୋଲ୍ ଫି'କୁ ଫାଙ୍କିବା ପାଇଁ ଶହଶହ ଗାଡ଼ି ଏହି ବାଟରେ ଯାଉଛନ୍ତି। ପରିସ୍ଥିତି ଏଭଳି ହେଲାଣି ଯେ, କେନାଲ ରାସ୍ତା ଏବେ ଦୁର୍ବଳ ହେବାକୁ ବସିଛି। ଅନୁରୂପ ଭାବେ ଯଶୋଟିକିରିଠାରୁ ବନସ୍ତା ଯାଏଁ ବନ୍ଧ ରାସ୍ତା ମଧ୍ୟ ସମାନ ଅବସ୍ଥା ହୋଇଛି। ତେଣୁ କେନାଲ ରାସ୍ତା ସୁରକ୍ଷା ପାଇଁ ତନଖି ଫାଟକ ନିର୍ମାଣ ସକାଶେ ସ୍ଥାନୀୟ ସରପଞ୍ଚ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାଣ ବିସ୍ଫୋରଣରେ ଯୁବକ ଗୁରୁତର

ସୁକିନ୍ଦା/ହାତୀବାରି,୧୬।୩(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ଗ୍ରାମରେ ବାଣ ବିସ୍ଫୋରଣ ଘଟି ହାତୀବାରି ଗ୍ରାମ ରଞ୍ଜିତ ପାତ୍ରଙ୍କ ପୁଅ ସୁଜିତ୍ ପାତ୍ର(୨୪) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ହାତୀବାରି ଗ୍ରାମ ଠାରୁ କିଛି ଦୂରରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ପଡ଼ିଥିବା ଏକ ଅଫୁଟା ବାଣ ସୁଜିତ୍ ଧରିଥିବା ସମୟରେ ହଠାତ୍ ବିସ୍ଫୋରଣ ଘଟି ସୁଜିତ୍ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସୁଜିତକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ମହୁଲି ମଦ ଜବତ

ଟମକା/ଦାନଗଦି,୧୬।୩(ସମିସ): ଟମକା ଥାନା ଅନ୍ତର୍ଗତ କିଆଝର ଗ୍ରାମର କ୍ଷୀରୋଦ ମହାନ୍ତର ପୁଅ ଅର୍ଜୁନ ମହାନ୍ତ(୪୪)କୁ ଚୋରାମହୁଲି ତାଙ୍କ ଘରେ ଗଚ୍ଛିତ ରଖି ବିକ୍ରି କରିବା କୁ ନେଇ ସ୍ଥାନୀୟ ମହିଳାଙ୍କ ଅଭିଯୋଗକ୍ରମେ ଥାନାର ଏସ୍ ଆଇ ଅମିତା ପଣ୍ଡା ଘଟଣା ସ୍ଥାନରେ ପହଞ୍ଚି ୧୭ଟି ପ୍ଲାଷ୍ଟିକ୍ ବୋତଲରେ ଥିବା ମହୁଲିକୁ ଜବତ କରିଥିଲେ। ଟମକା ଥାନା କେସ୍ ନଂ ୩୩ ଅବକାରୀ ଆଇନ୍ ଧାରା ଅନୁସାରେ ଅର୍ଜୁନ ମହାନ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଥାନାର କନେଷ୍ଟବଳ ଶରତଚନ୍ଦ୍ର ଦ୍ୱିବେଦୀ ଓ ରାଜୁ ବଳ ସହଯୋଗ କରିଥିଲେ।

## ମହୁମାଛି ଆକ୍ରମଣରେ ଶିକ୍ଷକ ଓ ୨ କର୍ମଚାରୀ ଆହତ

କବାଟବନ୍ଧ,୧୬।୩(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଅଧୀନ ପଞ୍ଚାୟତ ହାଇସ୍କୁଲ ବିଛାଖଣ୍ଡିରେ ମହୁମାଛି ଆକ୍ରମଣରେ ତିନି ଜଣଙ୍କୁ ଗୁରୁତର ଆହତ ହୋଇଛନ୍ତି। ଆହତ ୩ ଜଣ ସ୍କୁଲ ଶିକ୍ଷକ ଏବଂ କର୍ମଚାରୀ ହୋଇଥିବା ବେଳେ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହାଇସ୍କୁଲ ବିଛାଖଣ୍ଡିର ସ୍କୁଲ ପରିସରରେ ଏକ ଦେବଦାରୁ ଗଛରେ ମହୁମାଛି ବସା ହୋଇଛି। ଶନିବାର ସ୍କୁଲର ମଧ୍ୟାହ୍ନ ଭୋଜନ ପାଇଁ କାଠ ଚୁଲି ଏବଂ ଜାଳେଣି ବ୍ୟବହାର କରାଯାଇଥିଲା। ନିଆଁ ତାତି ଏବଂ ଧୂଆଁରେ ମହୁମାଛି ମାନେ ପ୍ରଭାବିତ ହୋଇଥିଲେ। ସୋମବାର ରୋଷେଇ ସ୍ଥାନ ପରିବର୍ତ୍ତନ କରି ମହୁମାଛି ରହୁଥିବା ସ୍ଥାନ ଠାରୁ ଦୂରରେ ରୋଷେଇ କରାଯାଇଥିଲା। ମାତ୍ର ଧୂଆଁ ଏବଂ ନିଆଁ ତାତିରେ ମହୁମାଛି ମାନେ ଉଡ଼ିବା ସହିତ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍କୁଲର ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ବାବୁଧର ଦାଶ, ନାଇଟ ୱାଚମ୍ୟାନ ବିଦ୍ୟାଧର ଦାଶ ପ୍ରମୁଖ ମହୁମାଛି ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ଭୟରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀ ଗୃହରେ ରହିବା ସହିତ କବାଟ ଦିଆଯାଇଥିଲା। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କବାଟବନ୍ଧ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରଶାସନ ତଥା ଜଙ୍ଗଲ ବିଭାଗ ପକ୍ଷରୁ ଉକ୍ତ ସ୍କୁଲ ପରିସରରେ ରହିଥିବା ମହୁମାଛି ବସାକୁ ଘଉଡାଇବା ପାଇଁ ବ୍ୟବସ୍ଥା କରାଗଲେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ସୁରକ୍ଷିତ ଭାବେ ରହିବା ସହିତ ପାଠପଢା ସ୍ୱାଭାବିକ ହୋଇପାରିବ।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା,୧୬।୩(ସମିସ): ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ରାମକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ପାଇଁ ଡ. ଗୌତମ ଜେନା ସଭାପତି, ସୁନାକାର ସାହୁ କାର୍ଯ୍ୟକାରୀ ସଭାପତି, ବିବେକାନନ୍ଦ ରାୟ ଉପସଭାପତି, ଡ. ରବୀନ୍ଦ୍ର ବିହାରୀ ସାଧାରଣ ସମ୍ପାଦକ, ପ୍ରହ୍ଲାଦ ପଣ୍ଡା ଓ ପ୍ରତାପରୁଦ୍ର ପଣ୍ଡା ଯୁଗ୍ମ ସମ୍ପାଦକ ଏବଂ ପଣ୍ଡିତ ନାରାୟଣ ଶତପଥୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ପୁରୁଷୋତ୍ତମ ବିଶ୍ୱାଳ ଉପଦେଷ୍ଟା ଭାବେ ମନୋନୀତ ହୋଇ ସାହିତ୍ୟ ସମାଜର ଭୂମିକା ଓ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ପାଦକ ଡ. ଇନ୍ଦୁପ୍ରଭା ସାମଲ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ଆୟ ବ୍ୟୟର ହିସାବ ରଖିଥିଲେ। କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ବଟକୃଷ୍ଣ ପରିଡା, ସଂଗ୍ରାମ କେଶରୀ ଜେନା, ବ୍ରଜକିଶୋର ଦାଶଙ୍କୁ ମନୋନୀତ କରାଯାଇଥିଲା। ଡ. ରୁଦ୍ରନାରାୟଣ ପୃଷ୍ଟି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିବା ବେଳେ ହୃଷୀକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ନୀଳାଚଳ ଇସ୍ପାତ ସମ୍ପ୍ରସାରଣକୁ ମିଳିଲା ପରିବେଶ ମଞ୍ଜୁରୀ

# ୪.୮ ନିୟୁତ ଟନ୍‌କୁ ବଢ଼ିବ ଉତ୍ପାଦନ କ୍ଷମତା

ଦାନଗଦି,୧୬।୩(ସମିସ)



ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ଏମ୍‌ଟିପିଏ (ମିଲିୟନ ଟନ୍)ରୁ ୪.୮ ଏମ୍‌ଟିପିଏକୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି। ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ୍ ଦ୍ୱାରା ଅଧିଗ୍ରହଣ ହେବା ପରଠାରୁ, ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରିପାରିଛି। ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ। ଏଥିରେ କୋକ୍ ଓଭନ୍ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ୍, ରିବାର୍ ମିଲ୍, କଏଲ୍ ମିଲ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ୍ ମିଲ୍ ଅନ୍ତର୍ଭୁକ୍ତ ରହିଛି। ଏହା ବ୍ୟତୀତ ଡିସଲଫ୍ୟୁରାଇଜେସନ୍ ୟୁନିଟ୍, ଲାଇମ୍ କ୍ୟାଲସିନେସନ୍ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ। ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ, ସାଇକ୍ଲୋନ୍ ସେପାରେଟର୍ସ, ଡ୍ରାଏ-ଫଗ୍ ସିଷ୍ଟମ୍, ବ୍ୟାଗ୍ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ। ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରୀକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ଦ୍ୱାରା ଆନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମ୍‌ଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ।

# ସଲାସୁତରାରେ ମଣ୍ଡିରୁ ଉଠୁଛି ଧାନ

ବାଲିଆପାଳ, ୧୬।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସମବାୟ ସମିତିରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ଦେଇପାରୁ ନ ଥିବା ବେଳେ ବଡ଼ବଡ଼ ଜମିମାଲିକଙ୍କ ନାଁରେ ଦଲାଲ ଧାନଦେଇ ସୋସାଇଟି, ଜମି ମାଲିକ ଓ ଦଲାଲ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତବର୍ଷ ବନ୍ୟାରେ ଧାନଚାଷ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଥିବା ବେଳେ ଏ ବାବଦରେ ସରକାର ଲକ୍ଷାଧିକ ଟଙ୍କା କ୍ଷତିପୂରଣ ଆକାରରେ ଚାଷୀଙ୍କୁ ଦେଇଛନ୍ତି କିନ୍ତୁ ମଣ୍ଡିରେ ଶହଶହ କୁଇଣ୍ଟାଲ ଧାନ ମିଲରକୁ ଦେବାକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି। ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକରେ ୧୬ଟି ସମବାୟ ସମିତିରୁ ମିଲରମାନେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ସରକାରଙ୍କ ତରଫରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଦୁଃଖର କଥା ସମିତିର ସମ୍ପାଦକ ଛୋଟ ଓ ମଧ୍ୟମ ଧରଣର ଚାଷୀଙ୍କ ରେସନକାର୍ଡ କଟିଯିବାର ଆଳ ଦେଖାଇ ସେମାନଙ୍କଠାରୁ ଧାନ ନେଉ ନ ଥିବା ବେଳେ ଅନେକ ବଡ଼ବଡ଼ ଜମିମାଲିକଙ୍କ ନାଁରେ ଦଲାଲଙ୍କଠାରୁ ସୋସାଇଟ ଜରିଆରେ ମିଲରମାନେ ଧାନ ନେଉଛନ୍ତି । ଏ ବାବଦରେ କୁଇଣ୍ଟାଲ ପିଛା ୮/୯ କେଜି କଟନି ଛଟନି ହେଉଛି। ପ୍ରକୃତ ଛୋଟ ଭାଗଚାଷୀମାନେ ମଣ୍ଡିରେ ଧାନଦେଇ ନ ପାରି ଲୋକଙ୍କ ଧାରକରଜ ଟଙ୍କା ସୁଝିବା ପାଇଁ ଶେଷରେ ଦଲାଲଙ୍କୁ କୁଇଣ୍ଟାଲ ପିଛା ୧୭୦୦/୧୮୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ସେହିପରି ୩/୪ ଏକରରୁ ଅଧିକ ସମ୍ପତ୍ତି ଥିବା ଜମିମାଲିକ ଏକର ପିଛା ୬/୭ ହଜାର ଟଙ୍କା ପ୍ରତ୍ୟେକ ଫସଲ ଉପରୁ ନେଇ ଭାଗଚାଷୀଙ୍କୁ ଜମି ଖଜଣା ଆକାରରେ ଦେଉଛନ୍ତି। ଧାନର ସହାୟକ ମୂଲ୍ୟ ସରକାର ୩୧୦୬ ଟଙ୍କା ଧାର୍ଯ୍ୟ କରିଥିବାରୁ ଦଲାଲମାନେ ଚାରିଆଡ଼େ ଘୁରି ବୁଲି ଶହ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରି ଜମିମାଲିକ ନାଁରେ ମଣ୍ଡିରେ ଦେଉଛନ୍ତି। ସପ୍ତାହେ ପରେ ଜମିମାଲିକ ଆକାଉଣ୍ଟକୁ ଟଙ୍କା ଆସିବା ପରେ ହଜାରେ ଟଙ୍କାରେ ଶହେ ଟଙ୍କା ହିସାବରେ ଜମିମାଲିକ କାଟି ବାକି ତକ ଟଙ୍କା ଉଠାଇ ଦଲାଲଙ୍କୁ ଦେଉଛନ୍ତି। ଏହି ହିସାବରେ ଜମି ମାଲିକ ଜମି ଖଜଣା ଆକାରରେ ଦେଇ ଭାଗଚାଷୀଙ୍କଠାରୁ ଅର୍ଥ ପାଇବା ସହିତ ମଣ୍ଡିରେ ଦଲାଲଙ୍କଠାରୁ ଭଲ ଆକାରରେ ଅର୍ଥ ଘରେ ବସି ପାଉଛନ୍ତି। ଗତବର୍ଷ ସୁବର୍ଣ୍ଣରେଖା

**ସମ୍ପାଦକ ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଧାନ ମଣ୍ଡି**

ନଦୀରେ ୭/୮ ଥର ବନ୍ୟାଆସିବା ଫଳରେ ବାଲିଆପାଳ ବ୍ଲକର ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ନିଖିରା, କୁମ୍ଭାରି, ଶ୍ରୀରାମପୁର, ଘଣ୍ଟୁଆ , ଅସ୍ତି, ଜାମକୁଣ୍ଡା ଓ ପ୍ରତାପପୁର ପଞ୍ଚାୟତ ସମେତ ଅନେକ ପଞ୍ଚାୟତରେ ଧାନ, ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସି ଥିବା ବେଳେ ପ୍ରଶାସନ ତରଫରୁ ତଦନ୍ତ ହୋଇ କୃଷିବିଭାଗ ଅଫିସ ତରଫରୁ ୧୯୮୦ ଜଣ ଧାନ ଚାଷୀଙ୍କୁ ୫୫ ଲକ୍ଷ ୪୮ ହଜାର ୧୨୭ ଟଙ୍କା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୬୯୦ ଜଣ ପନିପରିବା ଚାଷୀଙ୍କୁ ୭ଲକ୍ଷ ୮୭ ହଜାର ୮୦୦ ଟଙ୍କା ଚଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଦିଆଯାଇଛି। ତାଛଡା ଅନେକ ଜମି ମାଲିକ ସରକାରୀ ଚାକିରିଆ, ପେନସନଧାରୀ ଓ ମାନ ସମ୍ମାନକୁ ଜଗି ସୋସାଇଟିରେ ଲାଗିଥିବା ସିସି କ୍ୟାମେରା ସାମ୍ନାରେ ଚଦନ୍ତ ଅଧିକାରୀଙ୍କ ଆଗରେ କାଳେ ଧରାପଡି ଯିବେ, ସେଥିପାଇଁ ମଣ୍ଡିରେ ଧାନ ଦେବାକୁ ଆସନ୍ତି ନାହିଁ। ପ୍ରତ୍ୟେକ ସୋସାଇଟିର ସମ୍ପାଦକ ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ଏଭଳି କାରନାମା ହେଉଥିବାରୁ ଜମିମାଲିକଙ୍କୁ ସର୍ବ ସମ୍ମୁଖକୁ ଆସିବାକୁ ପଡୁନାହିଁ। ଏହାବାଦ ପ୍ରତ୍ୟେକ ସୋସାଇଟି ଅଧୀନରେ ଥିବା ମଣ୍ଡିରେ କେଉଁ ଚାଷୀମାନେ ଧାନ ଦେଉଛନ୍ତି ତାହା ଜାଣିବା ପାଇଁ ଡିଆରସି ଏସକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ଜିଲ୍ଲା ବିଭାଗୀୟ ଅଧିକାରୀ ଏହା ସୂଚନା ଆଇନରେ ଯାଉ ନାହିଁ କହି କଥାକୁ ଏଡାଇ ଯାଉଛନ୍ତି। ଯାହା ଫଳରେ ସୋସାଇଟିର ସମ୍ପାଦକଙ୍କୁ ହାତକରି ମଣ୍ଡିରେ ଦଲାଲମାନେ ଜମିମାଲିକ ନାଁରେ ଧାନ ଦେଇ ସୋସାଇଟି, ଜମିମାଲିକ ଓ ଦଲାଲ ମାଲେମାଲ ହେଉଛନ୍ତି। ରବି ଓ ଖରିଫ ଋତୁରେ ଜମିରେ ଧାନଚାଷ ହୋଇଛି କି ନାହିଁ ସାଟେଲାଇଟ ଦ୍ୱାରା ଯେଉଁ ତଦନ୍ତ ହେଉଛି ତାହା କେବଳ ପ୍ରହସନ ଛଡ଼ା କିଛି ନୁହଁ। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସ, ଯୋଗାଣ ଅଧିକାରୀ ଦିଷ୍ଣୁପ୍ରସାଦ ମହାରଣା ଓ ଆରଏମସି ଅଧିକାରୀଙ୍କ ଦ୍ୱାରା ତଦନ୍ତ ଠିକ୍ ଭାବରେ ହେଉ ନ ଥିବାରୁ ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ବଢୁଥିବା ଦେଖିବାକୁ ମିଳୁଛି। ଏଠାରେ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଯେ, ଜଣେ ସୋସାଇଟି ସମ୍ପାଦକ ମାସକୁ ଦରମା ପାଉଥିବା ବେଳେ ଆଜି ତାଙ୍କ ପାଖରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ବିଶାଳ କୋଠାଘର ଓ ମୂଲ୍ୟବାନ ସମ୍ପତ୍ତି କିଣିବାକୁ ଅର୍ଥ କିପରି ଆସୁଛି, ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟିଦେବା ସହିତ ତଦନ୍ତରେ ସଚ୍ଛତା ଆଣିବା ପାଇଁ ସୋସାଇଟି ସମ୍ପାଦକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ମଣ୍ଡିରେ ଧାନକିଣାରେ ହେଉଥିବା କଳାବଜାରୀ ସମ୍ପୂର୍ଣ୍ଣ ରୋକାଯାଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ପରିତ୍ୟକ୍ତ ପଥର ଖାଦାନ ପାଣିରେ ବୁଡ଼ି ନାବାଳକ ମୃତ

ନୀଳଗିରି, ୧୬।୩ (ସମିସ): ମାଟ୍ରିକ୍ ପରୀକ୍ଷା ଶେଷ ହେବା ପରେ ୪ଜଣ ସାଙ୍ଗ ବାଇକରେ ବୁଲିବା ପାଇଁ ନୀଳଗିରି ଏନ୍ଏସିର ୪ନମ୍ବର ୱାର୍ଡର ମିରିଗିଣୀ ଖଣ୍ଡିଆ ହୁଡ଼ି ପାହାଡକୁ ବୁଲିବାକୁ ଯାଇଥିଲେ। ଚାରି ଜଣ ସାଙ୍ଗ ବୁଲାବୁଲି କରିବା ପରେ ସେଠାରେ ଥିବା ଏକ ପୁରାତନ ପରିତ୍ୟକ୍ତ ପଥର ଖାଦାନରେ ଜଳ କ୍ରୀଡା କରୁଥିବା ବେଳେ ଖନ୍ତାପଡା ଥାନା ଅନ୍ତର୍ଗତ ଶେରଗଡ଼ ଗ୍ରାମର ସରୋଜ କୁମାର ଦାସଙ୍କ ଏକ ମାତ୍ର ନାବାଳକ ପୁତ୍ର ଜ୍ୟୋତିପ୍ରକାଶ ଓରଫ ମଣ୍ଟି ଗଭୀର ପାଣି ଭିତରେ ନିଖୋଜ ହୋଇ ଯାଇଥିଲା। ଅନ୍ୟ ତିନିଜଣ ସାଙ୍ଗ ଅବାକ୍ ହୋଇ ପଡ଼ିଥିଲେ। ପରେ କିଛି ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ ପିଲାଟିକୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବାର ଜଣାପଡିଛି।୧୫/୨୦ବର୍ଷ ପୂର୍ବରୁ ବହୁଦେଶୀୟ କମ୍ପାନୀ ଏଠାରେ ପଥର ଖାଦାନ କରି ଶହ ଶହ ଫୁଟ୍ ଗଭୀର କରି ଦେଇଥିଲା। ଫଳରେ ଏହି ପଥର ଖାଦାନରେ ପୂର୍ବରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ତୁରନ୍ତ ଉକ୍ତ ସ୍ଥାନରେ ବ୍ୟାରିକେଡ ତିଆରି ପାଇଁ ଅଞ୍ଚଳବାସି ଦାବି କରିଛନ୍ତି। ନୀଳଗିରି ମେଡିକାଲ ପରିସରରେ ଏକ ପ୍ରକାର ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ଅନନ୍ତ ଦାସ ମେମୋରିଆଲ କ୍ରିକେଟ ଲିଗ

ବାଲେଶ୍ୱର,୧୬ ।୩(ସମିସ): ୟୁଏଣ୍ଡମି କ୍ଲବ ପକ୍ଷରୁ ଆରମ୍ଭ ହୋଇଛି ଅନନ୍ତଦାସ ମେମୋରିଆଲ କ୍ରିକେଟ ଲିଗ। ଏହା ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କ୍ଲବ ୟୁ ଏଣ୍ଡ ମି, ସମ୍ରାଟ କ୍ଲବ, ଭୋଗରାଇ କ୍ରିକେଟ ଏକାଡେମି, ମର୍ଣ୍ଣିଙ୍ଗ ଷ୍ଟାର, ସୋର ୟୁନାଇଟେଡ କ୍ଲବ,ରକି କ୍ଲବ ଭଳି ୬ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ଏହି ଅବସରରେ ସହରର ପରମିଟ ପଡ଼ିଆରେ ସାତ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଟୁର୍ଣ୍ଣାମେଂଟକୁ ଭୋଗରାଇର ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ସହଧର୍ମିଣୀ ବାସନ୍ତୀ ଦାସ ଓ ବୋହୂ ମଧୁସ୍ମିତା ଦାସ ଉଦଘାଟନ କରିଥିଲେ। କ୍ଲବର ସମ୍ପାଦକ ବିଶ୍ୱଜିତ ଦାସ, ସଭାପତି ସତ୍ୟପଦ କର, ଯୁଗ୍ମ ସମ୍ପାଦକ ଆଶିଷ ପଟ୍ଟନାୟକ, ଉପସଭାପତି ଅଜୟ କର ଓ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ୟୁ ଏଣ୍ଡ ମି ଏବଂ ସୋର ୟୁନାଇଟେଡ କ୍ଲବ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାଜୀବ ପାତ୍ର ଓ ସେକ ଅମଜିତ ପ୍ରମୁଖ ଅମ୍ପାୟାର ଭାବେ ପ୍ରଥମ ଦିନର ମ୍ୟାଚ ପରିଚାଳନା କରିଥିଲେ।

# ଗୀତା ପାଠଶାଳା ଶୁଭାରମ୍ଭ

ବାଲେଶ୍ୱର,୧୬।୩(ସମିସ): ମହାବୀର ନଗର ସ୍ଥିତ ବ୍ରହ୍ମାକୁମାରୀଜ୍ ସେବା କେନ୍ଦ୍ରରେ ନୂତନ ଗୀତା ପାଠଶାଳା ଶୁଭାରମ୍ଭ ଅବସରରେ ଧ୍ୱଜାରୋହଣ ଓ ଆଧ୍ୟାତ୍ମିକ ସଚେତନତା ରାଲି ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମକୁ କେନ୍ଦ୍ର ପ୍ରଭାରୀ ବିକେ ପ୍ରମିଳାଙ୍କ ନିର୍ଦ୍ଦେଶନାରେ ସଂଚାଳିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜଯୋଗ ଧ୍ୟାନ କରାଯାଇ ଗୀତା ପାଠଶାଳା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ସଚେତନତା ପ୍ରସାର କରିବାକୁ ସଙ୍କଳ୍ପ ଗ୍ରହଣ କରାଯାଇଥିଲା।

# ବିଏସ୍‌ପି ପକ୍ଷରୁ କାଂଶୀରାମଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, ୧୬ ।୩ (ସମିସ): ବହୁଜନ ସମାଜପାର୍ଟି ପକ୍ଷରୁ ବାଲେଶ୍ୱରସ୍ଥିତ ଆମ୍ବେଦକର ଭବନ ଠାରେ ବହୁଜନ ସାମଜବାଦୀ ପାର୍ଟିର ପ୍ରତିଷ୍ଠାତା ବୈଜ୍ଞାନିକ କାଂଶୀରାମଙ୍କ ଜୟନ୍ତୀ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଏସପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ପାତ୍ର, ପ୍ରହଲ୍ଲାଦ ଦାସ, ଗୋବିନ୍ଦ ମାଝୀ, ଭୋଳାନାଥ ବେହେରା, ନିରୁପମା ପାତ୍ର, ମିନତୀ ଜେନା, କୁଞ୍ଜଲତା ଜେନା, ବେଦସ୍ମିତା ଦାସ, କୈଳାସ ଦାସ, ଦିଲ୍ଲୀପ ମାଝୀ, ଉପେନ୍ଦ୍ର ଦାସ, ଅନନ୍ତ ମଣ୍ଡଳ, ନିରଞ୍ଜନ ମହାଳିକ, ମନୋରଞ୍ଜନ ମହାଳିକ, ଅଜୟ ଦାସ, ବିଶ୍ୱକର୍ମା ଦାସ ପ୍ରମୁଖ ଯୋଗଦେଇଥିଲେ। ନେତ୍ରୀ ଆରତୀ ମାଝୀ ଧନ୍ୟବାଦ ଦେଇଥିଲେ।

# ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର,୧୬ ।୩(ସମିସ): ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ରାମେଶ୍ୱର ମନ୍ଦିର ନିକଟରେ କ୍ୟାମେରା ଭଡା ଟଙ୍କା ମାଗିବାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରାଯାଇଛି। ରେମୁଣା ହାତିଆଗଣ୍ଡ ଅଂଚଳର ବିଜୟ କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ,୧୪ତାରିଖ ରାତି ପ୍ରାୟ ୧୦ଟା ସମୟରେ ତାଙ୍କର ସାନ ଭାଇଙ୍କ ବ୍ୟବସାୟିକ ସାଙ୍ଗ ହିମାଂଶୁ ଦାସଙ୍କ ପରିଚୟ ରହିଛି। ସେମାନେ ମିଶି ସହରର ବିଭିନ୍ନ ସ୍ଥାନରେ ବାହାଘର କାର୍ଯ୍ୟକ୍ରମରେ ଫଟୋ ଉତ୍ତୋଳନ କରନ୍ତି। ତେବେ ତାଙ୍କଠାରୁ ତାଙ୍କ ଭାଇ ୧ଲକ୍ଷ ଟଙ୍କା ପାଇବାକୁ ଥିଲା। ତେବେ ହିମାଂଶୁ ସେଥିରୁ କିଛି ଦେବ କହି ତାଙ୍କୁ ରାମେଶ୍ୱର ମନ୍ଦିର ନିକଟକୁ ଡାକିଥିଲା। ତାଙ୍କ ସାନଭାଇ କ୍ୟାମେରା କାମ ସାରି ରାତିରେ ସେଠାକୁ ଯାଇଥିଲା। ହେଲେ ପୂର୍ବ ଯୋଜନା ଅନୁସାରେ ହିମାଂଶୁଙ୍କ ସହ ୪ରୁ ୫ଜଣ ଗୁଣ୍ଡା ଶ୍ରେଣୀର ଯୁବକ ମିଶି ତାଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ରାସ୍ତାରେ ପଡିଯାଇଥିଲେ। ତେବେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ସେଠାରେ ତାଙ୍କ ସାନ ଭାଇଙ୍କ ଚେତା ଫେରିବା ପରେ ଜାଣିବାକୁ ପାଇଥିଲେ ଯେ ତାଙ୍କର ୧୫ଗ୍ରାମର ସୁନାହାର ସହ ନଗଦ ୧୮ ହଜାର୫ଶହ ଟଙ୍କା ମଧ୍ୟ ନେଇଯିବା ସହ ମୋବାଇଲକୁ ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ କରାଯାଇଛି। ଏନେଇ ସହଦେବଖୁଂଟା ପୁଲିସ ତଦନ୍ତ ଜାରି ରଖିଛି।

## ଦୀର୍ଘ ଦିନର ଦାବି ହେଲା ପୂରଣ

# ଆଜି ବସ୍ତା ଷ୍ଟେସନରେ ଅଟକିବ ଇଷ୍ଟକୋଷ୍ଟ ଏକ୍ସପ୍ରେସ

ବସ୍ତା ବ୍ଲକ, ୧୬।୩ (ସମିସ): ମଙ୍ଗଳବାର ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ଦୀର୍ଘ ବର୍ଷ ଧରି ବସ୍ତା ଷ୍ଟେସନରେ ରହଣି କରୁଥିବା ଇଷ୍ଟ କୋଷ୍ଟ ଏକ୍ସପ୍ରେସ କରୋନା ସମୟରେ ପ୍ରାୟତଃ ଅନେକ ଏକ୍ସପ୍ରେସ ଟ୍ରେନ ବାତିଲ ହୋଇଥିଲା। କରୋନା କଟକଣା ହଟିବା ପରେ ଧୀରେ ଧୀରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେବା ପରେ ବସ୍ତାରେ ପୂର୍ବରୁ ରହୁଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଓ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହଣି ବାତିଲ ହୋଇ ଯାଇଥିଲା। ଯାହାକୁ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଦୁଇଟି ଏକ୍ସପ୍ରେସକୁ ବସ୍ତା ଷ୍ଟେସନ ପୁନଃ ରହଣି ପାଇଁ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନ କରିଥିବା ବେଳେ ବସ୍ତା ବିଜେପି ପକ୍ଷରୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅବଗତ କରାଯାଇଥିଲା। କିଛି ମାସ ଶ୍ରୀ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ପ୍ରଥମେ ପୁରୀ - ଯୋଗ ନଗରୀ କଳିଙ୍ଗ ଏକ୍ସପ୍ରେସ ବସ୍ତା ରେ ପୁଣ ରହଣି ଅପ୍ ଓ ଡାଉନ୍ ରେ ରହିଥିଲା। ମାତ୍ର ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହଣି ଦାବି ଜୋର ଧରିଥିଲା। ଖୁବ୍ ଶୀଘ୍ର ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହିବା ନେଇ ବସ୍ତା ବିଜେପି ପକ୍ଷରୁ ସୂଚନା ଦିଆ ଯାଇଥିଲା। ଗତ ୧୮ ଫେବୃଆରୀରେ ହାଓଡ଼ାଠାରେ ରେଲୱେ ବୋର୍ଡ ବୈଠକରେ ସାଂସଦ ବସ୍ତାର ରେଳବାଇ ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ବୋଲି ଦଳ ପକ୍ଷରୁ କୁହା ଯାଇଥିଲା। ଏହି କ୍ରମରେ ଚିଠି ନ. ଟି ଆର୍ - ୧୪- ଏସ ଟି - ୨୬ ମୂଳେ ମଙ୍ଗଳବାର ବାଲେଶ୍ୱର ପଟ୍ଟୁ ଶାଳିମାର ଆସୁଥିବା ଡାଉନ୍ ଏକ୍ସପ୍ରେସ ସକାଳ ୯ଟା ୩୬ରେ ବସ୍ତା ସମୟ ଥିବା ବେଳେ ବୁଧବାର ଶାଳିମାର ରୁ ଆସୁଥିବା ଅପ୍ ବସ୍ତା ରେ ଅପରାହ୍ନ ୨ ଟା ୩୬ ସମୟ ରହିଛି। ସକାଳ ଶାଳିମାର ଯାଉଥିବା ବେଳେ ବସ୍ତା ରେ ରହିବ ବୋଲି ଦକ୍ଷିଣ ପୂର୍ବ ରେଳବାଇ ଖଡ଼ଗପୁର ଡିଭିଜନରୁ ସୂଚନା ଦିଆ ଯାଇଛି। ନିଜର ହକ୍ ଅନୁସାରେ ଦୀର୍ଘ ବର୍ଷ ର ଆଶା ପୂରଣ ହେବାକୁ ଯାଉଥିବା ବେଳେ ଯାତ୍ରୀ ବସ୍ତା ବାସୀଙ୍କ ମନରେ ଆନନ୍ଦର ଖେଳାଇ ଦେଇଛି।

# ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର




ରାଜଘାଟ, ୧୬।୩ (ସମିସ): ବସ୍ତା ବ୍ଲକ ଭେଲୋରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗଠନ ର ସଭାପତି ଅଜୟ କୁମାର ଜେନାଙ୍କ ପୌରାହିତ୍ୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାନସ ଦେଓ, ସମ୍ମାନିତ ଅତିଥି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଇନ୍ଦୁମାଧବ ମହାନ୍ତି, ଅନ୍ୟତମ ଅତିଥି ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା, ହେଲ୍ଥ ଫର ୟୁ ଫାଉଣ୍ଡେସନ ସଭାପତି ମାନସ ଧଳ, ଜିଲ୍ଲା ରକ୍ତଦାତା ସଙ୍ଘ ସଭାପତି କୋମଳ ଚକ୍ରବର୍ତ୍ତୀ, ଶିକ୍ଷକ ଭବଶଙ୍କର ମଜୁମଦାର, ଉକ୍ତ ବିଦ୍ୟାଳୟ ର ଅଧ୍ୟକ୍ଷ ସତ୍ୟଜିତ ଉପାଧ୍ୟାୟ, ଗୌରୀଶଙ୍କର ଜେନା, ସଂଯୁକ୍ତା ପ୍ରଧାନ, ଗଙ୍ଗାନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଆୟୋଜିତ ଶିବିରରୁ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ୧୬ ଜଣ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିଲେ। ସଂଗଠନ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ପ୍ରତିଶୃତିବଦ୍ଧ ବୋଲି ସଂଗଠନ ର ଉପଦେଷ୍ଟା ସୁବାସ ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ରବୀନ୍ଦ୍ର କୁମାର ଭଞ୍ଜ କରିଥିବାବେଳେ ସଂଗଠନର ସମ୍ପାଦିକା ରଞ୍ଜିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ବାଲେଶ୍ୱର,୧୬ ।୩(ସମିସ): ଶାସଙ୍ଗସ୍ଥିତ ଜଗନ୍ନାଥପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶତବାର୍ଷିକୀ ଜୟନ୍ତୀ କମିଟିର ସଭାପତି ଡ. ପର୍ଶୁରାମ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶାସଙ୍ଗ ସରପଞ୍ଚ ପ୍ରଫୁଲ୍ଲ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ହରପ୍ରସାଦ ପାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଳାସପୁର କ୍ଲଷ୍ଟର ସିଆରସିସି ସ୍ନିଗ୍ଧାରାଣୀ ପଣ୍ଡା, ଶାସଙ୍ଗ ସମିତି ସଭ୍ୟା ମୁନି ସୋରେନ, ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବାଇଧର ବେହେରା, କମିଟିର ସମ୍ପାଦକ ହରିଶଚନ୍ଦ୍ର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୁର୍ଗାମଣୀ ସୋରେନ ଏବଂ ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶତବାର୍ଷିକୀ ଜୟନ୍ତୀ କମିଟିର ସଭାପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ରେମୁଣା ଏନଏସି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, କମିଟିର ସମ୍ପାଦକ ହରିଶଚନ୍ଦ୍ର ଦାସ,ଶିକ୍ଷାବିତ ସତ୍ୟ ନାରାୟଣ ସେଠୀ, ଶଶିକାନ୍ତ ପରିଡା, ସରୋଜ ଦାସ, ଜିଲ୍ଲାପରିଷଦ ସଭ୍ୟା ବନଲତା ସେଠୀ, ଧୀରେନ୍ଦ୍ର ନାରାୟଣ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ସୋରେନ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅଜିତ ମହାନ୍ତି ଓ କଳିଙ୍ଗ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୦ମାସ ଭତ୍ତା ପାଇବାରୁ ବଞ୍ଚିତ ୧୪ ହିତାଧିକାରୀଙ୍କ ମୁହଁରେ ଫୁଟିଲା ହସ



ଜଳେଶ୍ୱର, ୧୬।୩ (ସମିସ) : ଏକବର୍ଷ ପୂର୍ବେ ନାମ୍ପୋ ପଞ୍ଚାୟତରେ ଭତ୍ତା ପାଇବାକୁ ବୟସରେ ଜାଲିଆତି ହୋଇଥିବା ଦର୍ଶାଇ ସେହି ଗ୍ରାମର ସମାଜସେବୀ ଗୋପାଳଚନ୍ଦ୍ର ଜେନା ତଦନ୍ତଲାଗି ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ହେବାପରେ ୨୦ଜଣ ଭତ୍ତା ଧାରୀଙ୍କ ମଧ୍ୟରୁ ଜଣକୁ ଛାଡି ଅନ୍ୟମାନଙ୍କ ଭତ୍ତା ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତଲାଗି ଏକ କମିଟି ଗଠନ କରାଯାଇ ସବିଶେଷ ରିପୋର୍ଟ ପ୍ରଦାନ କରାଯାଇଥିଲା। ତଦନ୍ତ ସମୟରେ ୫ଜଣ ଭତ୍ତା ଧାରୀ ଉପସ୍ଥିତ ହୋଇ ନ ଥିବା ବେଳେ ଅନ୍ୟମାନେ ସେମାନଙ୍କ ଆବଶ୍ୟକ କାଗଜପତ୍ର ଦର୍ଶାଇଥିଲେ। ଗତ ଫେବୃଆରୀ ୨୬ତାରିଖରେ ଉପଜିଲାପାଳ ୧୪ଜଣଙ୍କ ଭତ୍ତା ସହିତ ବକେୟା ଅର୍ଥ ପ୍ରଦାନ କରିବା ସହିତ ୪ଜଣଙ୍କ ସାନି ତଦନ୍ତ ଲାଗି ନିର୍ଦ୍ଦେଶ ହେଇଥିଲେ। ଆଜି ୧୪ଜଣ ଭତ୍ତାଧାରୀ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ବ୍ଲକ ଫାଇନାନ୍ସ ଅଧିକାରୀ ଜୀବନ ପରିଡାଙ୍କୁ ଭେଟି ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ଖୁବ୍‌ଶୀଘ୍ର ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ଶ୍ରୀ ପରିଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଭଟ୍ଟପୁରରେ ଆଦ୍ୱିକା କିଶୋରୀ ମେଳା



ଚନ୍ଦନେଶ୍ୱର, ୧୬।୩ (ସମିସ): ପ୍ରତ୍ୟେକ ଝିଅ ଅନନ୍ୟ। ସେମାନେ ଆମର ଅମୂଲ୍ୟ ସମ୍ପଦ। ସେମାନଙ୍କ ସୁରକ୍ଷା ଏବଂ ଭବିଷ୍ୟତ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସୋମବାର ଭୋଗରାଇର ସାହାବାଜିପୁର ପଂଚାୟତ ଅଧୀନ ଭଟ୍ଟପୁର ଗାଁରେ ଆୟୋଜିତ ଆଦ୍ୱିକା କିଶୋରୀ ମେଳାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ରଶ୍ମିତା ସାହୁ ଯୋଗଦେଇ ପ୍ରକାଶ କରିଛନ୍ତି। ଭଟ୍ଟପୁର ଗାଁ କଲ୍ୟାଣ ସମିତିର ସହଯୋଗରେ ଆୟୋଜିତ ଏହି ମେଳାରେ ଗାଁର ୨୪ଜଣ କିଶୋରୀଙ୍କୁ ସଚେତନ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ପାତ୍ର ଯୋଗଦେଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଅଙ୍ଗନବାଡି କର୍ମୀ ସରସ୍ୱତୀ କର, ଆଶାକର୍ମୀ ସନ୍ଧ୍ୟାରାଣୀ ପାତ୍ର, ସାହାବାଜିପୁର ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ୱାର୍ଡସଭ୍ୟ ସଞ୍ଜୟ ସେନାପତି, ଗାଁ କଲ୍ୟାଣ ସମିତିର ସଦସ୍ୟ ରାଧାକାନ୍ତ ସେନାପତି, ହରିଶ୍ଚନ୍ଦ୍ର ପରିଡା, ଅନନ୍ତ ବେଜ, ଲକ୍ଷ୍ମୀକାନ୍ତ ଧଡା, ତ୍ରିଲୋଚନ ପରିଡା, ରାଧାଶ୍ୟାମ ପରିଡା, ଚନ୍ଦ୍ରକାନ୍ତ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ବସ୍ତାରେ ଇଟା ମାଫିଆଙ୍କ କାୟା ବିସ୍ତାର

# କାଗଜକଲମରେ ଭାଟି ବନ୍ଦ କରିଦେଇଛି ପ୍ରଶାସନ

ବାଲେଶ୍ୱର ସଦର,୧୬।୩ (ସମିସ)

ବସ୍ତାରେ ଦିନକୁ ଦିନ ଇଟା ମାଫିଆମାନେ ନିଜର କାୟା ବିସ୍ତାର କରି ଚାଲିଥିଲାବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା ତ ଦୂରର କଥା ଓଲଟା ସେମାନଙ୍କୁ ସହଯୋଗ କରୁଥିବାର ପ୍ରମାଣ ଦେଖା ଦେଇଛି। ବସ୍ତାରେ ଏବେ ୩୦ରୁ ଅଧିକ ବେଆଇନ ଇଟା ଭାଟି ରହିଥିବା ବେଳେ ଜଣେ ବ୍ୟକ୍ତିଙ୍କର ରହିଛି ୪ଟି। ଏହି ଭାଟି ମାନେ ଇଟା ପୋଡ଼ିବା ପାଇଁ ହଜାର ହଜାର ଟନ କୋଇଲା ଜାଳୁ ଥିବାରୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏଥିସହିତ ଚାଷ ଜମିରୁ ମାଟି ଓ ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରି ବଢ଼ିବାରେ ଲାଗିଛି। ଏମିତିକି ଅନାବାଦୀ ଓ ଗୋଚର ଜମି ସବୁକୁ ବି ବାଦ୍ ଦେଉନାହାନ୍ତି। ଏଭଳି ଘଟଣାର ଅଭିଯୋଗ ପରେ ବାଲେଶ୍ୱର ଉପ ଜିଲ୍ଲାପାଳ କିଛି ଇଟା ଭାଟିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଯାଇଥିଲେ। ମାତ୍ର ଏହି ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଶାସନ ଏହି ବେଆଇନ ଭାଟି ଉପରେ କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରିବା ପରିବର୍ତ୍ତେ ଏହି ଭାଟି ମାଲିକମାନଙ୍କୁ ସହଯୋଗ କରୁଥିବା ପ୍ରମାଣ ମିଳିଛି। କୌଣସି ଗୋଟିଏ ଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ କାଗଜ କଲମରେ ଏହିସବୁ ଭାଟି ଗୁଡ଼ିକୁ ବନ୍ଦ କରିଦିଆଯାଇଥିବା ଦର୍ଶା ଯାଇଛି। ଜିଲ୍ଲାପାଳଙ୍କୁ ବସ୍ତା ତହସିଲଦାର କରିଥିବା ଚିଠି ନ. ୧୦୮୪ ତା୨୬/୨/୨୬ ଅନୁଯାୟୀ ବାସ୍ତା ତହସିଲ ଅନ୍ତର୍ଗତ ମୋଟ ୨୮ ଟି ଇଟାଭାଟି ଚାଲୁ ରହିଛି। ଏହି ଭାଟିକୁ ବନ୍ଦ କରିବା ପାଇଁ ନୋଟିସ ଜାରି କରା ଯାଇଛି ଏବଂ ସେମାନଙ୍କୁ ୦୭.୦୧.୨୦୨୬ ତାରିଖ ଅନ୍ତର୍ଗତ ଭାଟି ବନ୍ଦ କରିବାକୁ କୁହା ଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଆଦେଶ ନଂ ୨୩/ଜୁଡିଶିଆଲ ଦିନାଙ୍କ ୦୫.୦୨.୨୦୨୬ ଅନୁସାରେ ସମସ୍ତ ଆରଆଇମାନଙ୍କୁ ଏହି ତହସିଲ ଅନ୍ତର୍ଗତ ଇଟା ଭାଟି ଚାଲୁ କରିବାକୁ ମନା କରିବା ପାଇଁ ଏହି କାର୍ଯ୍ୟାଳୟ ପକ୍ଷରୁ ନଂ ୧୭୭ ଦିନାଙ୍କ ୦୮/୦୧/୨୬ରେ ଆଦେଶ ଦିଆ ଯାଇଛି। ଉପଜିଲ୍ଲାପାଳଙ୍କ ଆଦେଶ ଅନୁସାରେ ସେକ୍ସନ ୧୬୩ ଜାରି କରା ଯାଇଛି ଏବଂ ଆଇଆଇସି ବସ୍ତା ଓ ସିଂଲାଙ୍କୁ ଏହି ସଂକ୍ରାନ୍ତ ରେ ସୂଚନା ଦିଆ ଯାଇଥିବା ଉଲ୍ଲେଖ କରିଛନ୍ତି। ମାତ୍ର ଏତେ ସବୁ ଘଟଣା ପରେ ଭାଟି ସବୁ କେମିତି ଚାଲିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



ସକାଳ THE SAKALA
www.sakalaepaper.com



## ବିଶ୍ୱର ସବୁଠାରୁ ସଠିକ୍ ଘଣ୍ଟା ନିର୍ମାଣ କଲା ଚୀନ୍

ବେଜିଂ, ୧୬।୩ (ଏଜେନ୍ସି): ବିଶ୍ୱର ସବୁଠାରୁ ସୂକ୍ଷ୍ମ ଅପ୍ଟିକାଲ୍ ଘଣ୍ଟା ମଧ୍ୟରୁ ଗୋଟିଏ ବିକଶିତ କରିଛନ୍ତି ଚୀନ୍ ବୈଜ୍ଞାନିକ। ଏହି ଘଣ୍ଟା ଏତେ ସଠିକ୍ ଯେ ପ୍ରାୟ ୩୦ ଅରବ (୩୦୦୦ କୋଟି) ବର୍ଷରେ ଏହା ମାତ୍ର ୧ ସେକେଣ୍ଡର ତ୍ରୁଟି ଦେଖାଯିବ। ବୈଜ୍ଞାନିକଙ୍କ ମତରେ, ଏହି ସୂକ୍ଷ୍ମ ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ସବୁଠାରୁ ଛୋଟ ଏକକ 'ସେକେଣ୍ଡ'ର ନୂଆ ସଂଜ୍ଞା ସ୍ଥିର କରିବାରେ ସାହାଯ୍ୟ କରିପାରେ। ଏହି ଘଣ୍ଟା ପରମାଣୁରେ ଥିବା ଇଲେକ୍ଟ୍ରୋନର ଶକ୍ତି ସ୍ତର ପରିବର୍ତ୍ତନ ସମୟରେ ନିର୍ଗତ ହେଉଥିବା ଆଲୋକର ଫ୍ରିକ୍ୱେନ୍ସି ମାପି ସମୟ ସ୍ଥିର କରିଥାଏ। ଅପ୍ଟିକାଲ୍ ଘଣ୍ଟାକୁ ବର୍ତ୍ତମାନ ବିଶ୍ୱର ସବୁଠାରୁ ସଠିକ୍ ସମୟ ମାପିବା ପ୍ରଯୁକ୍ତିବିଦ୍ୟା ଭାବେ ବିବେଚନା କରାଯାଉଛି। ଏଭଳି ସୂକ୍ଷ୍ମ ଘଣ୍ଟା ସାହାଯ୍ୟରେ ସାଟେଲାଇଟ୍ ନେଭିଗେସନ୍, ଟେଲିକମ୍ ଏବଂ ବୈଜ୍ଞାନିକ ମାପରେ ବଡ଼ ସହାୟତା ମିଳିପାରିବ। ଏହା ବ୍ୟତୀତ ମାଧ୍ୟାକର୍ଷଣ ଶକ୍ତିରେ ସାମାନ୍ୟ ପରିବର୍ତ୍ତନ, ପୃଥିବୀ ପୃଷ୍ଠରେ ହେଉଥିବା ପରିବର୍ତ୍ତନ ଏବଂ ଆଗ୍ନେୟଗିରିର ଗତିବିଧିକୁ ମଧ୍ୟ ପୂର୍ବାପେକ୍ଷା ଅଧିକ ସଠିକ୍ ଭାବରେ ବୁଝିହେବ। ଯଦି ବିଶ୍ୱର ବିଭିନ୍ନ ପ୍ରତିଷ୍ଠାନରେ ଏହିପରି ଅତିକମରେ ତିନୋଟି ଘଣ୍ଟା ସମାନ ସଠିକତା ସହିତ କାମ କରେ, ତେବେ ଭବିଷ୍ୟତରେ 'ସେକେଣ୍ଡ'ର ସଂଜ୍ଞାକୁ ପୁନର୍ବାର ନିର୍ଦ୍ଧାରଣ କରାଯାଇପାରିବ ବୋଲି ବୈଜ୍ଞାନିକ କହିଛନ୍ତି।

## ଛୁଟି ନ ଦେବାରୁ ମ୍ୟାନେଜରଙ୍କୁ ହତ୍ୟା

ଗାଜିଆବାଦ, ୧୬।୩ (ଏଜେନ୍ସି): ଉତ୍ତର ପ୍ରଦେଶ ଗାଜିଆବାଦର ବଲରାମ ନଗର ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ମ୍ୟାନେଜର ଅଭିଷେକ ଶର୍ମାଙ୍କୁ (୩୪) ଜଣେ ଗାର୍ଡ ଗୁଳି କରି ହତ୍ୟା କରିଛନ୍ତି। ଏହି ଗାର୍ଡ ବିହାରର ବାସିନ୍ଦା ଥିଲେ। ସେ ଅନେକ ଦିନ ହେବ ମ୍ୟାନେଜର ଅଭିଷେକଙ୍କୁ ଛୁଟି ମାଗୁଥିଲା। ସୋମବାର ଅପରାହ୍ନ ପ୍ରାୟ ୧:୪୫ ରେ ସେ ମ୍ୟାନେଜରଙ୍କ ପାଖକୁ ଯାଇଥିଲା। ମାତ୍ର ସେଠାରେ ଛୁଟିକୁ ନେଇ ଅଭିଷେକଙ୍କ ସହ ତାର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ରବୀନ୍ଦ୍ର ବନ୍ଧୁକ ବାହାର କରି ତାଙ୍କ ଛାତିକୁ ଗୁଳି କରିଥିଲା। ଅଭିଷେକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ବ୍ୟାଙ୍କରେ ହଠାତ୍ ଗୁଳିକାଣ୍ଡ ହେବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏହି ସମୟରେ ଅଭିଯୁକ୍ତ ଗାର୍ଡ ନିଜର ଅନ୍ୟ ଜଣେ ସହଯୋଗୀ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବ୍ୟାଙ୍କ କର୍ମଚାରୀମାନେ ମ୍ୟାନେଜରଙ୍କୁ ବାଇକ୍ ଯୋଗେ ଦିଲ୍ଲୀର ଗୁରୁ ତେଗ ବାହାଦୁର ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ମାର୍ଗରେ ତାଙ୍କର ମୃତ୍ୟୁ ଘଟିଥିଲା।ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି, ଯେଉଁଥିରେ ଗାର୍ଡ ନିଜ ସହଯୋଗୀ ସହ ଦେଖାଯାଉଛି। ସେ ଫେରାର ହେବାର କିଛି ମିନିଟ୍ ପରେ ଲୋକମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ଟେକି ନେଉଥିବା ଦେଖିବାକୁ ମିଳିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତ ଗାର୍ଡ ବାଗପତର ବାସିନ୍ଦା। ଦୀର୍ଘ ଦିନ ଧରି ଛୁଟିକୁ ନେଇ ମ୍ୟାନେଜର ଅଭିଷେକ ଶର୍ମାଙ୍କ ସହ ତାର ବିବାଦ ଲାଗି ରହିଥିଲା। ଏହି କାରଣରୁ ସେ ଏହି କାଣ୍ଡ ଭିଆଇଛି।

## ପରସ୍ପର ଉପରେ ଆକ୍ରମଣ କରୁଛନ୍ତି ପାକିସ୍ତାନ-ଆଫଗାନ

କାବୁଲ, ୧୬।୩ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ବନ୍ଦ ହେବାର ନା ଧରୁନି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ପାକିସ୍ତାନ ରବିବାର ରାତିସାରା ଆଫଗାନିସ୍ତାନର କାନ୍ଦାହାର ପ୍ରଦେଶରେ ଏୟାର ଷ୍ଟ୍ରାଇକ୍ କରି ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରିଛି। ପାକିସ୍ତାନ 'ଅପରେସନ୍ ଗଜବ-ଲିଲ୍-ହକ' ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହାର ଜବାବରେ ତାଲିବାନ ସରକାର ପାକିସ୍ତାନର ସାମରିକ କ୍ୟାମ୍ପ ଉପରେ ଆକ୍ରମଣ କରିଛନ୍ତି। ପାକ୍ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାରଙ୍କ ଅନୁଯାୟୀ, ଏହି ଆକ୍ରମଣରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ଠିକଣାକୁ ଧ୍ୱଂସ କରାଯାଇଛି। ଏହି ସବୁ ଠିକଣାରୁ ଟିଟିପି ସୀମା ଆରପଟେ ଆକ୍ରମଣ କରୁଥିଲା। ଅନ୍ୟପଟେ ଆଫଗାନିସ୍ତାନର ତାଲିବାନ ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖପାତ୍ର ଜବିହୁଲ୍ଲା ମୁଜାହିଦ କହିଛନ୍ତି ଯେ, କୌଣସି ଆତଙ୍କବାଦୀ ଆଡ୍ଡା ନୁହେଁ, ବରଂ କାନ୍ଦାହାରର ଏକ ନିଶା ନିବାରଣ କେନ୍ଦ୍ର ଏବଂ ଖାଲି କଣ୍ଟେନରଗୁଡ଼ିକ ନିଶାଣ କରାଯାଇଛି।

## କେନିଆରେ ପ୍ରବଳ ବର୍ଷା; ୬୬ ମୃତ

ନାଇରୋବି, ୧୬।୩ (ଏଜେନ୍ସି): ଆଫ୍ରିକୀୟ ଦେଶ କେନିଆରେ ପ୍ରବଳ ବର୍ଷା ପରେ ପ୍ରଳୟଙ୍କରୀ ବନ୍ୟା ଆସିଛି। ଏଥିଯୋଗୁଁ ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଗତ ସପ୍ତାହ ମଧ୍ୟରେ ଏହି ବନ୍ୟା ୬୬ ଜଣଙ୍କ ଜୀବନ ନେଲାଣି। କ୍ରମାଗତ ବର୍ଷା ଯୋଗୁଁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଅନେକ ଘରେ ପାଣି ପଶିଯାଇଛି। ରାସ୍ତାଘାଟ, ବିଦ୍ୟୁତ୍ ତଥା ଜଳ ଯୋଗାଣ ପ୍ରଭାବିତ ହୋଇଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ପୋଲ ଭାଙ୍ଗିଯିବା କାରଣରୁ ଅନେକ ରାସ୍ତା ବନ୍ଦ କରିବାକୁ ପଡ଼ିଛି। ଅନେକ ସ୍କୁଲ ଭିତରେ ମଧ୍ୟ ପାଣି ପଶିଯାଇଛି। ସରକାର ଚେତାବନୀ ଦେଇଛନ୍ତି ଯେ ଅନେକ ଅଞ୍ଚଳରେ ଏବେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି। ଏପର୍ଯ୍ୟନ୍ତ ୨୦୦୦ ରୁ ଅଧିକ ଲୋକ ନିଜ ଘର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ପୋଲିସ ଏବଂ ରିଲିଫ୍ ଟିମ୍ ପକ୍ଷରୁ ଲଗାତାର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରାଷ୍ଟ୍ରପତି ୱିଲିୟମ୍ ରୁଟୋ କହିଛନ୍ତି ଯେ ପ୍ରଭାବିତ ଲୋକଙ୍କ ପାଖରେ ଖାଦ୍ୟ ଏବଂ ଚିକିତ୍ସା ସହାୟତା ପହଞ୍ଚାଯାଉଛି।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ମୁକୁଳିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ

## ଆମେରିକାର ହାତ ଛାଡୁଛନ୍ତି ମିତ୍ର ରାଷ୍ଟ୍ର

- ନାଟୋକୁ ଚେତାବନୀ ଦେଲେ ଟ୍ରମ୍ପ
- ସହଯୋଗ ନ ମିଳିଲେ ଭବିଷ୍ୟତ ଖରାପ ହେବ
- ଯୁଦ୍ଧ ଜାହାଜ ପଠାଇବାକୁ ମନାକଲେ ବ୍ରିଟେନ, ଜର୍ମାନୀ

ୱାଶିଂଟନ, ୧୬।୩ (ଏଜେନ୍ସି): ଇରାନ ଉପରେ ଆକ୍ରମଣ କରି ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫସି ଯାଇଛନ୍ତି। ଇରାନ ଜବାବୀ ଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ, ବିଶେଷ କରି ମୁସଲିମ ଦେଶ ଟ୍ରମ୍ପଙ୍କ ଉପରେ ଚାପ ପକାଇପାରେ ଲାଗିଛନ୍ତି। ଏହି ଯୁଦ୍ଧ ପାଇଁ ହର୍ମୁଜ ଷ୍ଟ୍ରେଟ ବନ୍ଦ ହୋଇଥିବାରୁ ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ଟ୍ରମ୍ପ କ'ଣ କରିବେ ଜାଣିପାରୁ ନାହାନ୍ତି। ତେଣୁ ସେ ଯୁଦ୍ଧରେ ସାମିଲ ହେବା ପାଇଁ ନାଟୋ ଦେଶ ଏବଂ ଅନ୍ୟ ସହଯୋଗୀ ଦେଶଗୁଡ଼ିକ ଉପରେ ଚାପ ପକାଉଛନ୍ତି। କିନ୍ତୁ ଟ୍ରମ୍ପ କଥା କେହି ଶୁଣିବାକୁ ରାଜି ନାହାନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ଖୋଲା ଧମକ ଦେଇଛନ୍ତି। ଇରାନ ମାମଲାରେ ସହଯୋଗ ନ ମିଳିଲେ ନାଟୋର ଭବିଷ୍ୟତ ଖରାପ ହେବାର ସେ ଭୟ ଦେଖାଇଛନ୍ତି। ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ ଯଦି ସହଯୋଗୀ ଦେଶମାନେ ହର୍ମୁଜ ଷ୍ଟ୍ରେଟକୁ ମୁକ୍ତ ରଖିବାରେ ସାହାଯ୍ୟ ନ କରନ୍ତି, ତେବେ ମେଣ୍ଟର ସ୍ଥିତି ଦୁର୍ବଳ ହୋଇପାରେ। ଏହାକୁ ନେଇ ଟ୍ରମ୍ପ ୟୁକ୍ରେନର ଉଦାହରଣ ମଧ୍ୟ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକାଠାରୁ ହଜାର ହଜାର ମାଇଲ୍ ଦୂରରେ ଥିଲେ ବି ଆମେ ୟୁକ୍ରେନକୁ ସାହାଯ୍ୟ କରୁଛୁ। ଏବେ ସହଯୋଗୀ ଦେଶମାନେ ଆମେରିକାକୁ କି ସାହାଯ୍ୟ କରୁଛନ୍ତି ତାହା ଦେଖିବା ବାକି ରହିଲା। ଅନ୍ୟପଟେ ଜର୍ମାନୀ ଟ୍ରମ୍ପଙ୍କୁ ବଡ଼ ଝଟକା ଦେଇଛି। ଏହି ଦେଶ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଇରାନ ସହ ଜଡ଼ିତ କୌଣସି ଯୁଦ୍ଧରେ ଦେଶ ସାମିଲ ହେବ ନାହିଁ। ସାମରିକ ବଳ ପ୍ରୟୋଗ କରି ହର୍ମୁଜ ଷ୍ଟ୍ରେଟ୍‌କୁ ଖୋଲା ରଖିବା ପାଇଁ କୌଣସି ଅଭିଯାନରେ ଜର୍ମାନୀ ଅଂଶଗ୍ରହଣ କରିବ ନାହିଁ। ସେହିପରି ଗ୍ରୀସର ସରକାରୀ ମୁଖପାତ୍ର ପାଭଲୋସ୍ ମାରିନାକିସ୍ କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍‌ରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶ ସାମିଲ ହେବ ନାହିଁ। ବ୍ରିଟେନ ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ରମ୍ପଙ୍କ କଟା ଘାରେ ଚୂନ ମାରିଛନ୍ତି। କିର ଷ୍ଟାର୍ମର କହିଛନ୍ତି ଯେ ମଧ୍ୟ-ପ୍ରାଚ୍ୟର ଯୁଦ୍ଧରେ ବ୍ରିଟେନ ସାମିଲ ହେବ ନାହିଁ। ସେହି ଅଞ୍ଚଳରେ ଥିବା ନିଜ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍ ସହ ଜଡ଼ିତ ସଙ୍କଟର ସମାଧାନ କୂଟନୀତି ଜରିଆରେ ହେବା ଉଚିତ। ଏଠାରେ କୂଟନୀତିକୁ ହିଁ ପ୍ରାଧାନ୍ୟ ଦିଆଯିବା ଉଚିତ।

ଏହାରି ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍ ଦେଶର ଶତ୍ରୁମାନଙ୍କ ପାଇଁ ବନ୍ଦ ରହିଛି। ଯୁଦ୍ଧର ୧୫ ଦିନ ପରେ ମଧ୍ୟ ଇରାନର ବିରୋଧୀ ଦେଶମାନେ ଏବେ ଅନ୍ୟ ଦେଶଙ୍କୁ ଏହି ଷ୍ଟ୍ରେଟ୍‌ର ସୁରକ୍ଷା ନିଶ୍ଚିତ କରିବା ପାଇଁ ସାହାଯ୍ୟ ମାଗୁଛନ୍ତି। ସେମାନେ ସେହି ଦେଶମାନଙ୍କଠାରୁ ସାହାଯ୍ୟ ମାଗୁଛନ୍ତି ଯେଉଁମାନଙ୍କୁ ଗତକାଲି ପର୍ଯ୍ୟନ୍ତ ନିଜର ଶତ୍ରୁ ବୋଲି କହୁଥିଲେ। ଇରାନ ଦୃଷ୍ଟିରୁ ଏହି ଷ୍ଟ୍ରେଟ୍ ଖୋଲା ଅଛି, କିନ୍ତୁ ଇରାନ ବିରୋଧରେ ଆକ୍ରମଣ କରିଥିବା ଦେଶ ଏବଂ ତାର ସହଯୋଗୀଙ୍କ ପାଇଁ ଏହି ଷ୍ଟ୍ରେଟ ବନ୍ଦ ରହିଛି।

## ଭାରତ ବି ମନାକଲା

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ହର୍ମୁଜ ଷ୍ଟ୍ରେଟରେ ଯୁଦ୍ଧ ଜାହାଜ ମୁତୟନ ନେଇ ଆମେରିକା ରାଷ୍ଟ୍ରପତି ସବୁ ଦେଶକୁ ଆହ୍ୱାନ ଦେଇଛନ୍ତି। ମାତ୍ର ଏ ନେଇ ଆମେରିକା ସହ କୌଣସି ଆଲୋଚନା ହୋଇନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲଙ୍କୁ ପଚରା ଯାଇଥିଲା ଯେ ଏହି ଅଞ୍ଚଳକୁ ନିଜର ଯୁଦ୍ଧ ଜାହାଜ ପଠାଇବା ପାଇଁ ଭାରତ ସହ ଆମେରିକା ଯୋଗାଯୋଗ କରିଛି କି? ଏହି ପ୍ରସଙ୍ଗରେ ନୂଆଦିଲ୍ଲୀର ଆଭିମୁଖ୍ୟ କ'ଣ? ଉତ୍ତରରେ ସେ କହିଥିଲେ ଯେ ଅନେକ ଦେଶ ମଧ୍ୟରେ ଏ ବିଷୟରେ ଆଲୋଚନା ହେଉଥିବା ଜଣାପଡ଼ିଛି। ମାତ୍ର ଏ ପ୍ରସଙ୍ଗରେ ଦ୍ୱିପାକ୍ଷିକ ସ୍ତରରେ ଆଲୋଚନା ହୋଇନାହିଁ। ଭାରତ ଏହି ବିଷୟରେ ଅଂଶୀଦାରଙ୍କ ସହ ଆଲୋଚନା ଜାରି ରଖିବ। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଭାରତୀୟ ପତାକାଧାରୀ ଜାହାଜ ଚଳାଚଳ ପାଇଁ ଇରାନ ସହିତ କୌଣସି ସାଧାରଣ ବ୍ୟବସ୍ଥା ନାହିଁ। ମାତ୍ର ଭାରତୀୟ ଜାହାଜଗୁଡ଼ିକର ସୁରକ୍ଷିତ ଯାତ୍ରା ପାଇଁ ତେହେରାନ ସହିତ ଆଲୋଚନା ଜାରି ରହିଛି। ଏହାର ଫଳାଫଳ ମଧ୍ୟ ମିଳୁଛି। ଅନ୍ୟପଟେ ହର୍ମୁଜରେ ଯୁଦ୍ଧ ଜାହାଜ ମୁତୟନ ନେଇ ଟ୍ରମ୍ପ ଦେଇଥିବା ପ୍ରସ୍ତାବ ଉପରେ ଚୀନ୍ କୌଣସି ପ୍ରତିକ୍ରିୟା ଦେଇନାହିଁ। ଏହି କମ୍ୟୁନିଷ୍ଟ ଦେଶ ଯୁଦ୍ଧ ବନ୍ଦ ପାଇଁ ଆମେରିକା ନିକଟରେ ଦାବି କରିଛି। ଚୀନ୍ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ଲିନ ଜିଆନ କହିଛନ୍ତି ଯେ ସଂଘର୍ଷ ଶୀଘ୍ର ବନ୍ଦ ହେଉ ବୋଲି ଦେଶ ଚାହୁଁଛନ୍ତି। ଏହା ଦ୍ୱାରା ପଡୁଥିବା ଆର୍ଥିକ ପ୍ରଭାବର ମଧ୍ୟ ସେ ଆଲୋକପାତ କରିଛନ୍ତି।

## ହରିଶ ରାଣାଙ୍କୁ ଅଶ୍ରୁଳ ବିଦାୟ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ସୁପ୍ରିମକୋର୍ଟ ଇଚ୍ଛାମୃତ ପ୍ରଦାନ କରିଥିବା ହରିଶ ରାଣାଙ୍କ ଏକ ଭାବପୂର୍ଣ୍ଣ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ପଞ୍ଜାବ ୟୁନିଭର୍ସିଟିର ପୂର୍ବତନ ଛାତ୍ର ତଥା ୩୨ ବର୍ଷୀୟ ହରିଶ ଆସନ୍ତା କିଛି ସପ୍ତାହ ମଧ୍ୟରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ମୃତ୍ୟୁବରଣ କରିବେ। ଭିଡିଓରେ ଦେଖିବାକୁ ମିଳୁଛି ଯେ ଦିଲ୍ଲୀ ଏମ୍ସର ପାଲିଏଟିଭ୍ କେୟାର ୟୁନିଟକୁ ହରିଶଙ୍କୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ପରିବାର ଲୋକେ ତାଙ୍କୁ ଶେଷ ବିଦାୟ ଜଣାଉଛନ୍ତି। ବାପା, ମା ଏବଂ ପରିବାର ସଦସ୍ୟ ତାଙ୍କୁ ବେଡ୍ ଚାରିପଟେ ଘେରି ରହିଛନ୍ତି। ଭିଡିଓରେ ହରିଶ କେବଳ ଆଖି ଧପ ଧପ ଏବଂ କିଛି ଢୋକୁଥିବା ପରି ଦେଖାଯାଉଛି। ଗତ ୧୩ ବର୍ଷ ଧରି ହରିଶ ଏଭଳି ଭାବେ ପଡ଼ି ରହିଛନ୍ତି। ଏକ ଦୁର୍ଘଟଣାରେ ପଡ଼ିଯିବା ପରେ ତାଙ୍କ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିଲା। ଏହା ଆଉ ଠିକ ହୋଇ ନ ଥିଲା। ଭିଡିଓରେ ଜଣେ ବ୍ରହ୍ମାକୁମାରୀ ଭଉଣୀ ହରିଶଙ୍କ କପାଳକୁ ଆଉଁସି ଦେଇ ହସୁଥିବା ବେଳେ ମାଆ ପଛରେ ରହି ନୀରବରେ ଚାହିଁ ରହିଥିବା ଦେଖାଯାଉଛି। ବ୍ରହ୍ମାକୁମାରୀ ଲଭଲୀ କହୁଛନ୍ତି ଯେ ସମସ୍ତଙ୍କୁ କ୍ଷମା କରିଦେଇ ଏବଂ ସମସ୍ତଙ୍କଠାରୁ କ୍ଷମା ମାଗି, ତୁମେ ଶାନ୍ତିରେ ଚାଲିଯାଅ।

ରାଣା ପରିବାର ଦୀର୍ଘ ଦିନ ଧରି ବ୍ରହ୍ମାକୁମାରୀ ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ବ୍ରହ୍ମକୁମାରୀ କହିଛନ୍ତି ଯେ ହରିଶଙ୍କ ପରିବାର ପାଇଁ ଏହା ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ମୁହୂର୍ତ୍ତ। କେହି ଶରୀର ତ୍ୟାଗ କଲେ ପରିବାର ସଦସ୍ୟଙ୍କ ପାଇଁ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ସୁପ୍ରିମକୋର୍ଟ ହରିଶ ରାଣାଙ୍କୁ ସମ୍ମାନର ସହ ମୃତ୍ୟୁବରଣ କରିବାକୁ ଅନୁମତି ଦେବାର କିଛି ଦିନ ପରେ ଏହି ଭିଡିଓ ସାମ୍ନାକୁ ଆସିଛି। ଦିଲ୍ଲୀ ଏମ୍ସର ଡାକ୍ତର ଧିରେ ଧିରେ ହରିଶଙ୍କ 'ଲାଇଫ ସପୋର୍ଟ ସିଷ୍ଟମ' କାଢ଼ିବାରେ ଲାଗିଛନ୍ତି।

## ଇରାନରେ ଭାରତୀୟଙ୍କ ପାଇଁ ମାର୍ଗଦର୍ଶିକା: ବିନା ସୂଚନାରେ ସୀମା ପାର୍ ହୁଅନ୍ତୁ ନାହିଁ

ଇରାନରେ ରହୁଥିବା ଭାରତୀୟମାନଙ୍କ ପାଇଁ ତେହେରାନ ସ୍ଥିତ ଭାରତୀୟ ଦୂତାବାସ ସୋମବାର ନୂଆ ପରାମର୍ଶ ଜାରି କରିଛି। ଏଥିରେ ଭାରତୀୟ ନାଗରିକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଦୂତାବାସକୁ ସୂଚନା ନ ଦେଇ ଇରାନ ସୀମା ପାର୍ କରିବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି କୁହାଯାଇଛି। ଏହି ପରାମର୍ଶରେ କୁହାଯାଇଛି, ଭାରତୀୟ ସମୁଦାୟର ଲୋକଙ୍କ ସହ ଦୂତାବାସ ନିରନ୍ତର ଯୋଗାଯୋଗରେ ଅଛି। ଆବଶ୍ୟକ ସ୍ଥଳେ ମିଳିତ ଭାବେ ଜରୁରୀକାଳୀନ ବ୍ୟବସ୍ଥା କରାଯାଉଛି। ବିନା ସୂଚନାରେ ସୀମା ଆଡ଼କୁ ଅଗ୍ରସର ହେବା ସମ୍ପୂର୍ଣ୍ଣ ମନା। ଯେଉଁ ଭାରତୀୟ ନାଗରିକମାନେ ଦୂତାବାସକୁ ସୂଚନା ନ ଦେଇ ସ୍ଥଳପଥରେ ଇରାନ ଛାଡ଼ିବାକୁ ଚେଷ୍ଟା କରିବେ, ସେମାନଙ୍କୁ ଗୁରୁତର ସମସ୍ୟା ଏବଂ ଇମିଗ୍ରେସନ ସମ୍ବନ୍ଧୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯଦି କୌଣସି ବ୍ୟକ୍ତି ବିନା ସୂଚନାରେ ଇରାନ ସୀମା ପାର୍ କରି ବାହାରକୁ ଚାଲିଯାଆନ୍ତି, ତେବେ ସେଭଳି ପରିସ୍ଥିତିରେ ଦୂତାବାସ ତାଙ୍କୁ କୌଣସି ସାହାଯ୍ୟ କରିପାରିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

## ନେତନ୍ୟାହୁଙ୍କୁ ନେଇ ସସ୍‌ପେନ୍ସ

- କଫି ସପ୍ ଭିଡିଓ ନକଲି!
- ଏଆଇ ଦ୍ୱାରା ହୋଇଛି ପ୍ରସ୍ତୁତ

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ମୃତ୍ୟୁ ଖବର ଭାଇରାଲ ହେବା ପରେ କଫି ସପ୍‌ରେ ସେ କଫି ପିଉଥିବା ଭିଡିଓ ସାମାନାକୁ ଆସିଛି। ମାତ୍ର ଏହି ଭିଡିଓ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ ଅଧିକ ସଂଶୟ ସୃଷ୍ଟି କରିଛି। ଏହି ନୂଆ ଭିଡିଓ ସେୟାର କରି ନେତନ୍ୟାହୁ ନିଜର ମୃତ୍ୟୁ ଗୁଜବକୁ ଖଣ୍ଡନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏଆଇ ଟୁଲ୍ 'ଗ୍ରୋକ୍' ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ଭିଡିଓଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ଗ୍ରୋକ୍ ଦାବି କରିଛି। ଫଳରେ ଏହାକୁ ନେଇ ଇଣ୍ଟରନେଟରେ ଚର୍ଚ୍ଚା ଧରିଛି। ପ୍ରଥମେ ଇରାନ ଆକ୍ରମଣରେ ନେତନ୍ୟାହୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରସାର ହୋଇଥିଲା। ମାତ୍ର ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ଖଣ୍ଡନ କରିଦେଇଥିଲା। ପରେ ନେତନ୍ୟାହୁ ଏହି ଭିଡିଓଟି ସେୟାର କରିଥିଲେ। ଏହି ଭିଡିଓରେ ନେତାନ୍ୟାହୁ ନିଜ ମୃତ୍ୟୁ ଖବରକୁ ପରିହାସ କରି କହିଥିଲେ ଯେ ମୁଁ କଫି ପାଇଁ ପାଗଳ। ତେବେ ଗ୍ରୋକ୍ ଦାବି କରିଛି ଯେ ଏହି ଭିଡିଓଟି ସତ୍ୟ ନୁହେଁ। ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଡିପ୍‌ଫେକ କ୍ଲିପ୍। ଏହି ଦାବି ନେତନ୍ୟାହୁଙ୍କ ଅବସ୍ଥିତି ଏବଂ ସ୍ୱାସ୍ଥ୍ୟବସ୍ଥାକୁ ନେଇ ସନ୍ଦେହକୁ ଆହୁରି ବଢ଼ାଇ ଦେଇଛି। ଗ୍ରୋକ୍ ଏହାକୁ ବ୍ୟଙ୍ଗାତ୍ମକ ଭିଡିଓ ବୋଲି କହିଛି। ଏହି ଏଆଇ ଭିଡିଓକୁ ନକଲି ବୋଲି ଦର୍ଶାଇବା ପାଇଁ କିଛି ଉଦାହରଣ ମଧ୍ୟ ଦେଇଛି। କଫିର ସ୍ତର ସ୍ଥିର ରହିବା ଏବଂ ଓଠର ହଲଚଲ ଜଣାପଡୁନାହିଁ ବୋଲି କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟବହାରକାରୀ ମଧ୍ୟ ଏହି ଭିଡିଓକୁ ଡିପ୍‌ଫେକ୍ ଦାବି କରିଛନ୍ତି। ଇସ୍ରାଏଲ୍ ବିରୋଧୀ ଖବର ପାଇଁ ଜଣାଶୁଣା ଜ୍ୟାକସନ୍ ହିଙ୍କଲ୍ ମଧ୍ୟ ଭିଡିଓରେ ନେତନ୍ୟାହୁଙ୍କ ପକେଟ୍‌ର ଅସ୍ୱାଭାବିକ ହଲଚଲ ହେଉଥିବା ଦର୍ଶାଇଛନ୍ତି। ଏହାର ଜବାବରେ ଅନ୍ୟ ଜଣେ ବ୍ୟବହାରକାରୀ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ନେତାନ୍ୟାହୁ ନିଜ ବାମ ହାତକୁ ପକେଟ୍ ଭିତରେ ରଖୁଥିବା ଦେଖାଯାଉଛି। ଆଉ କିଛି ଲୋକେ ନେତନ୍ୟାହୁଙ୍କ କଫି ମାଧ୍ୟାକର୍ଷଣ ଶକ୍ତିକୁ ମାନୁନାହିଁ ବୋଲି ଲେଖିଛନ୍ତି।



## ୨୪ ଲେଖକଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର

ନୂଆଦିଲ୍ଲୀ,୧୬।୩ (ଏଜେନ୍ସି): ସାହିତ୍ୟ ଏକାଡେମୀ ସୋମବାର ୨୪ଟି ଭାରତୀୟ ଭାଷା ପାଇଁ ୨୦୨୫ ନିମନ୍ତେ ବାର୍ଷିକ ପୁରସ୍କାର ଘୋଷଣା କରିଛି। ଏହା ସହିତ ଗତ ଡିସେମ୍ବରରୁ ସାହିତ୍ୟ ଜଗତରେ ସୃଷ୍ଟି ହୋଇଥିବା ପ୍ରାୟ ତିନି ମାସର ଅନିଶ୍ଚିତତା ବା ସଂସ୍ଥାଗତ ଅଚଳାବସ୍ଥାର ଅନ୍ତ ଘଟିଛି। ଏହି ପୁରସ୍କାର ପାଇଁ ମୋଟ ୨୪ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହା ମଧ୍ୟରେ ୮ଟି କବିତା ବହି, ୪ଟି ଉପନ୍ୟାସ, ୬ଟି କ୍ଷୁଦ୍ର ଗଳ୍ପ ସଂକଳନ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା, ଗୋଟିଏ ଆତ୍ମଜୀବନୀ ଏବଂ ୨ଟି ସ୍ମୃତିକଥା ରହିଛି। ଆସନ୍ତା ୩୧ରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଜେତାଙ୍କୁ ସମ୍ମାନିତ କରାଯିବ। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ତାମ୍ର ଫଳକ, ଏକ ଶାଲ୍ ଏବଂ ୧,୦୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଇଂରାଜୀ ଭାଷାର ଉପନ୍ୟାସ ପାଇଁ ପୂର୍ବତନ କୂଟନୀତିଜ୍ଞ ନବତେଜ ସର୍ଣ୍ଣାଙ୍କୁ ତାଙ୍କ ପୁସ୍ତକ 'କ୍ରିମସନ୍ ସ୍ପ୍ରିଙ୍ଗ୍' ପାଇଁ ଏହି ପୁରସ୍କାର ମିଳିଛି। ଏହି ଉପନ୍ୟାସଟି ୧୯୧୯ ଏପ୍ରିଲର ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡ ଉପରେ ଆଧାରିତ। ୬୮ ବର୍ଷୀୟ ସର୍ଣ୍ଣା ଭାରତୀୟ ବୈଦେଶିକ ସେବାରେ (ଆଇଏଫଏସ) ଚାରି ଦଶନ୍ଧି କାର୍ଯ୍ୟ କରିଛନ୍ତି। ସେ ଆମେରିକାରେ ଭାରତର ରାଷ୍ଟ୍ରଦୂତ, ବ୍ରିଟେନରେ ହାଇ କମିଶନର ଏବଂ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ବୈଦେଶିକ ମନ୍ତ୍ରଣାଳୟର ସବୁଠାରୁ ଦୀର୍ଘ ସମୟ ଧରି ମୁଖପାତ୍ର ଭାବରେ କାର୍ଯ୍ୟ କରିଛନ୍ତି। ସେ ୨୦୧୮ ରେ ଅବସର ନେଇ ସମ୍ପୂର୍ଣ୍ଣ ସମୟ ଲେଖାଲେଖିରେ ମନୋନିବେଶ କରିଥିଲେ। ସେହିପରି ୮୫ ବର୍ଷୀୟା ମମତା କାଲିଆଙ୍କୁ 'ଜିତେ ଜୀ ଇଲାହାବାଦ' ପାଇଁ ଚୟନ କରାଯାଇଛି। ପ୍ରୟାଗରାଜ ସହରକୁ ନେଇ ସେ ଏହି ସ୍ମୃତି କଥା ଲେଖିଛନ୍ତି। ୨୦୧୭ ମସିହାରେ ସେ ବ୍ୟାସ ସମ୍ମାନ ଜିତିଥିଲେ।

## ମମତାଙ୍କୁ ଟକ୍କର ଦେବେ ଶୁଭେନ୍ଦୁ

- ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି
- ଭାବନିପୁର-ନନ୍ଦିଗ୍ରାମରୁ ଶୁଭେନ୍ଦୁଙ୍କୁ ଟିକଟ
- କେରଳ ପାଇଁ ବି ବିଜେପି ଘୋଷଣା କଲା ପ୍ରଥମ ତାଲିକା



କୋଲକାତା, ୧୬।୩ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଘୋଷଣା ହେବାର ଦିନକ ପରେ ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିଛି। ଏହି ତାଲିକାରେ ୧୪୪ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗୀ ଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ଏଥର ତାଙ୍କ ବିରୋଧରେ ବିଜେପି ଲଢ଼ାଇଛି। ଶୁଭେନ୍ଦୁଙ୍କୁ ଉଭୟ ନନ୍ଦିଗ୍ରାମ ଏବଂ ଭବାନିପୁର ଆସନରୁ ପ୍ରାର୍ଥୀ କରାଯାଇଛି। ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ଶୁଭେନ୍ଦୁ ୨୦୨୧ରେ ମମତାଙ୍କୁ ନନ୍ଦୀଗ୍ରାମ ଆସନରୁ ହରାଇଥିଲେ। ନନ୍ଦୀଗ୍ରାମରେ ପରାଜୟ ପରେ ମମତା ଭବାନୀପୁରରୁ ଉପ-ନିର୍ବାଚନ ଜିତିଥିଲେ। ଭବାନୀପୁର ଆସନ ଟିଏମସିର ଏକ ଶକ୍ତ ଦୁର୍ଗ ଭାବେ ବିବେଚନା କରାଯାଏ। ମମତା ୨୦୧୧ ରୁ ୨୦୨୧ ପର୍ଯ୍ୟନ୍ତ ଏଠାରୁ କ୍ରମାଗତ ଭାବରେ ବିଧାୟିକା ରହି ଆସିଛନ୍ତି।

ବିଜେପି ଡାଇମଣ୍ଡ ହାର୍ବରରୁ ଦୀପକ କୁମାର ହାଲଦାରଙ୍କୁ ଟିକେଟ୍ ଦେଇଛି। ଏହି ଅଞ୍ଚଳ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ବର୍ତ୍ତମାନ ଏଠାରୁ ଟିଏମସିର ପନ୍ନାଲାଲ ହାଲଦାର ବିଧାୟକ ଅଛନ୍ତି। ରାଜ୍ୟ ବିଜେପିର ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଖଡ଼ଗପୁର ସଦରରୁ ଟିକେଟ୍ ଦେଇଛି। ଏହା ପୂର୍ବରୁ ବିଜେପି କେରଳ ପାଇଁ ମଧ୍ୟ ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିଛି। ପ୍ରଥମେ ୧୪୦ ରୁ ୪୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ମୁଖିଆ ରାଜୀବ ଚନ୍ଦ୍ରଶେଖରଙ୍କୁ ନେମୋମ ଆସନରୁ ମୈଦାନକୁ ଓହ୍ଲା ଯାଇଛି। ସେ ୨୦୨୪ ଲୋକସଭା ନିର୍ବାଚନରେ ତିରୁଅନନ୍ତପୁରମରୁ କଂଗ୍ରେସ ସାଂସଦ ଶଶି ଥରୁରଙ୍କଠାରୁ ପରାଜିତ ହୋଇଥିଲେ।

ପଶ୍ଚିମବଙ୍ଗରେ ୧୪ ବର୍ଷ ହେଲା ବିଜେପି ମମତାଙ୍କ ପାଇଁ ଆହ୍ୱାନ ପାଲଟି ଯାଇଛି। ଚଳିତ ନିର୍ବାଚନରେ ଟିଏମସି ଜିତିଲେ ମମତା କ୍ରମାଗତ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ସେ ଏପରି କରିବାରେ ଦେଶର ପ୍ରଥମ ମହିଳା ହେବେ। ଜୟଲଳିତାଙ୍କ ନାମରେ ୫ ଥର ତାମିଲନାଡୁର ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ ରହିଛି। ତେବେ ସେ ୧୯୯୧ ରୁ ୨୦୧୬ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକାଳରେ ମୁଖ୍ୟମନ୍ତ୍ରୀ ପଦରେ ରହିଥିଲେ।

## ରାଜ୍ୟସଭାରେ ଏଲ୍‌ପିଜି ସଙ୍କଟକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଦେଶରେ ସୃଷ୍ଟି ହୋଇଥିବା ଏଲ୍‌ପିଜି ସଙ୍କଟକୁ ନେଇ ସୋମବାର ରାଜ୍ୟସଭାରେ ହଙ୍ଗାମା ହୋଇଛି। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସଙ୍କଟ ଜାଣି ବି ସରକାର କାହିଁକି ବ୍ୟବସ୍ଥା କଲେନି ବୋଲି ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଗ୍ୟାସ ସଙ୍କଟକୁ ନେଇ ସରକାରଙ୍କୁ ଘେରି ଥିଲେ। ଖଡଗେ କହିଥିଲେ ଯେ ଏଲ୍‌ପିଜିରେ କୌଣସି ସମସ୍ୟା ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଲୋକସଭାରେ ଦାବି କରିଥିଲେ। ମାତ୍ର ତୃଣମୂଳସ୍ତରର ସ୍ଥିତି ମନ୍ତ୍ରୀଙ୍କ ଦାବିକୁ ମିଥ୍ୟା ସାବ୍ୟସ୍ତ କରିଦେଇଛି। ଯଦି ସରକାର ସମୟ ପୂର୍ବରୁ ବ୍ୟବସ୍ଥା କରି ଦେଇଥାନ୍ତେ, ତେବେ ସ୍ଥିତି ଏତେ ଖରାପ ହୋଇ ନ ଥାଆନ୍ତା। ଏହାକୁ ନେଇ ଖଡ଼ଗେଙ୍କୁ ବିଜେପି ସାଂସଦ ଜେ.ପି. ନଡ୍ଡା ଅଟକାଇଥିଲେ। ନଡ୍ଡା କହିଥିଲେ ଯେ କଂଗ୍ରେସ ବିପତ୍ତି ସମୟରେ ମଧ୍ୟ ରାଜନୀତି କରୁଛି। ଏହା ସତ୍ତ୍ୱେ ଖଡ଼ଗେ କହିବା ଜାରି ରଖିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଥିଲେ ଯେ କଂଗ୍ରେସ ନେତାମାନେ ଉତ୍ତର ଶୁଣନ୍ତି ନାହିଁ। ସେହିପରି ଟିଏମସି ସଦସ୍ୟ ରାଜ୍ୟସଭାରୁ କକ୍ଷତ୍ୟାଗ କରିଥିଲେ। ପଶ୍ଚିମବଙ୍ଗର ଅଧିକାରୀଙ୍କୁ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ବିରୋଧ କରି ଟିଏମସି ସଦସ୍ୟ ଏହି ପଦକ୍ଷେପ ନେଇଛନ୍ତି। ଏହା ବ୍ୟତୀତ ଏଲପିଜି ସଙ୍କଟ ପାଇଁ ସରକାର ଦାୟୀ ବୋଲି ଆପ୍ ସଦସ୍ୟ ସଞ୍ଜୟ ସିଂହ କହିଥିଲେ। ହର୍ମୁଜ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ପାଖରେ ପୂର୍ବରୁ ସୂଚନା ଥିଲା। ଏହା ସତ୍ତ୍ୱେ ସରକାର ଇରାନ ସହିତ ନିଜର ସମ୍ପର୍କକୁ ସୁଦୃଢ଼ ରଖିଲେ ନାହିଁ, ଯେଉଁ କାରଣରୁ ଏବେ ଦେଶରେ ଏଲପିଜି ସିଲିଣ୍ଡରର ଅଭାବ ସୃଷ୍ଟି ହୋଇଛି।

ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ଆଜି ପ୍ରଥମ ଥର ପାଇଁ ଲୋକସଭାରେ ପ୍ରଶ୍ନକାଳ ବିନା ହଙ୍ଗାମାରେ ଶେଷ ହୋଇଛି। ବାଚସ୍ପତି ନିଜ ଚ୍ୟାମ୍ବରରେ ସର୍ବଦଳୀୟ ବୈଠକ ମଧ୍ୟ କରିଛନ୍ତି। ଆଜି ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କିଛି ବିରୋଧୀ ସାଂସଦ ନିଜର ପ୍ରସଙ୍ଗଗୁଡ଼ିକୁ ତୁରନ୍ତ ଉଠାଇବା ପାଇଁ ଦାବି କରିଥିଲେ। ଏହା ଉପରେ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ମଧ୍ୟାହ୍ନ ୧୨ଟାରେ ପ୍ରଶ୍ନକାଳ ଶେଷ ହେବା ପରେ ସେମାନଙ୍କୁ କହିବା ପାଇଁ ସୁଯୋଗ ଦିଆଯିବ। ପ୍ରଶ୍ନକାଳରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ଗଜେନ୍ଦ୍ର ସିଂ ଶେଖାୱତ ସାଂସଦମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ରାଜ୍ୟସଭାରେ କାର୍ଯ୍ୟକାଳ ଶେଷ ହେବା ପରେ ରଞ୍ଜନ ଗୋଗୋଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ନେତୃତ୍ୱ ନେବେ ଇଶାନ



ହାଇଦରାବାଦ୍,୧୬।୩(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କର ଭାରତ ଆସିବା ନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏଣୁ ସେ ନିଶ୍ଚିତଭାବେ ଚଳିତ ଆଇପିଏଲ୍‌ର ପ୍ରଥମ ସପ୍ତାହରେ ଅନୁପସ୍ଥିତ ରହିବେ ବୋଲି କୁହାଯାଉଛି। ଏଣୁ ତାଙ୍କ ଅନୁପସ୍ଥିତିରେ ଇଶାନ କିଶାନ ସନ୍‌ରାଇଜର୍ସର ନେତୃତ୍ୱ ନେବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ଖୁବ୍ ଶୀଘ୍ର ହେବ।

## ଗେଲ୍‌ଙ୍କୁ ଟପିବା ବୈଭବଙ୍କ ଲକ୍ଷ୍ୟ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଗତବର୍ଷ ଆଇପିଏଲ୍ ପଦାର୍ପଣ କରି ୧୪ ବର୍ଷ ବୟସ୍କ ବୈଭବ ସୂର୍ଯ୍ୟବଂଶୀ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ମାତ୍ର ୩୫ ବଲ୍‌ରୁ ଶତକ ହାସଲ କରିଥିଲେ। ତାଙ୍କର ଏହି ଶତକ ସାରା କ୍ରିକେଟ୍ ଦୁନିଆରେ ଚହଳ ପକାଇଥିଲା। ଆଉ ୧୦ ଦିନ ପରେ ୧୫ତମ ଜନ୍ମଦିନ ପାଳନ କରିବାକୁ ଯାଉଥିବା ରାଜସ୍ଥାନ ରୟାଲ୍‌ସର ବୈଭବ ସୂର୍ଯ୍ୟବଂଶୀଙ୍କର ୨୦୨୬ ଆଇପିଏଲ୍ ପାଇଁ କ'ଣ ଲକ୍ଷ୍ୟ ରହିଛି ? ଦ୍ରୁତତମ ଆଇପିଏଲ୍ ଶତକ। ଏକ ଓଭରରେ ୬ଟି ଛକା। କ୍ରିସ୍ ଗେଲ୍‌ଙ୍କ ଆଇପିଏଲ୍ ରେକର୍ଡ ୧୭୫ ରନ୍‌ର ସର୍ବାଧିକ ବ୍ୟକ୍ତିଗତ ସ୍କୋର୍? ବିସିସିଆଇର ବାର୍ଷିକ ଉତ୍ସବରେ ବୈଭବଙ୍କୁ ଭାଷ୍ୟକାର ହର୍ଷ ଭୋଗ୍‌ଲେ ଉପରୋକ୍ତ ପ୍ରଶ୍ନ କରିଥିଲେ। ତାଙ୍କର ସଂକ୍ଷିପ୍ତ କ୍ରିକେଟ୍ ଜୀବନରେ ବୈଭବ ସୂର୍ଯ୍ୟବଂଶୀ ଯେତିକି ପ୍ରତିଭା ଦେଖାଇଛନ୍ତି; ତାହା ଦେଖି କହିହେବ ଯେ ଉପରୋକ୍ତ ସମସ୍ତ କୀର୍ତ୍ତିମାନ ହାସଲ କରିବାକୁ ସେ ସମର୍ଥ।

## ଦକ୍ଷିଣ ଆଫ୍ରିକା ଶୃଙ୍ଖଳାରୁ ସୋଧି ବାଦ୍



ମାଉଣ୍ଟ ମାଉଙ୍ଗାନୁଇ, ୧୬।୩ (ଏଜେନ୍ସି): ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରୁ ନ୍ୟୁଜିଲାଣ୍ଡର ବରିଷ୍ଠ ଲେଗସ୍ପିନର ଇସ୍ ସୋଧି ବାଦ୍ ପଡ଼ିଛନ୍ତି। ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ଅଭ୍ୟାସ କରିବା ବେଳେ ସୋଧିଙ୍କ ହାତରେ ବଲ୍ ବାଜିଥିଲା। ଫଳରେ ତାଙ୍କ ବୁଢ଼ା ଆଙ୍ଗୁଠି ଭାଙ୍ଗିଯାଇଛି। ସୁସ୍ଥହେବା ପାଇଁ ସୋଧିଙ୍କୁ ଅତିକମ୍‌ରେ ୪ ସପ୍ତାହ ସମୟ ଲାଗିବ। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମାତ୍ର ୯୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି। ବାକି ୪ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ପାଇଁ ନ୍ୟୁଜିଲାଣ୍ଡ ସୋଧିଙ୍କର ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ। କାରଣ ଦଳରେ ଆଉ ଦୁଇ ସ୍ପିନର ମିଚେଲ ସାଣ୍ଟନର ଓ କୋଲ୍ ମ୍ୟାକ୍‌କୋଞ୍ଚି ରହିଛନ୍ତି। ଫାଷ୍ଟବୋଲର ଲୋକି ଫର୍ଗୁସନ୍ ମଧ ଶୃଙ୍ଖଳାର ବାକି ମ୍ୟାଚ୍ ପାଇଁ ନ୍ୟୁଜିଲାଣ୍ଡ ଦଳରେ ସାମିଲ ହୋଇଛନ୍ତି।

## ପାକିସ୍ତାନ ଚୟନ କମିଟିକୁ ଆଫ୍ରିଦୀଙ୍କ ତୀବ୍ର ସମାଲୋଚନା

କରାଚି,୧୬।୩(ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ନିରାଶାଜନକ ଓ ଏବେ ଦିନିକିଆ ସିରିଜ୍‌ରେ ବାଂଲାଦେଶଠାରୁ ୨-୧ ବ୍ୟବଧାନରେ ପରାଜିତ ହେବା ପରେ ପାକିସ୍ତାନ କ୍ରିକେଟ ଚୟନ କମିଟିକୁ ଦେଶର ତାରକା ଖେଳାଳି ସାହିଦ୍ ଆଫ୍ରିଦୀ ତୀବ୍ର ସମାଲୋଚନା କରିଛନ୍ତି। ପାକିସ୍ତାନର ଏପରି ଦୟନୀୟ ପ୍ରଦର୍ଶନ ଲାଗି ଚୟନ କମିଟି ଦାୟୀ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ ଜଣାଇଛନ୍ତି। ତାଙ୍କ ମତରେ ଚୟନ କମିଟିରେ ଥିବା ସଦସ୍ୟମାନେ ଅନେକ କ୍ରିକେଟ ଖେଳିଛନ୍ତି। ଏତେ ଅଭିଜ୍ଞତା ସତ୍ତ୍ୱେ କେଉଁ ଖେଳାଳିଙ୍କୁ କେଉଁ ଫର୍ମାଟରେ ନେତୃତ୍ୱ ପ୍ରଦାନ କରାଯିବ, କାହାକୁ ଦଳରେ ସାମିଲ କରାଯିବ, ତାହା ଜାଣିପାରୁ ନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବାବର ଆଜମଙ୍କ ପରି ଖେଳାଳିଙ୍କୁ ବାଦ୍ ଦେବାକୁ ସେ ଆଦୌ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପାକିସ୍ତାନ ଘରୋଇ କ୍ରିକେଟରେ ୫ରୁ ୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ପାକିସ୍ତାନକୁ ପ୍ରତିନିଧିତ୍ୱ କରିବା ନିହାତି ହାସ୍ୟାସ୍ପଦ ଘଟଣା। ଅଭିଜ୍ଞତା ନ ଥାଇ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ବାଂଲାଦେଶଠାରୁ ହାରିବା କଥା ନିୟମିତ ଦେଖିବାକୁ ମିଳିବ ବୋଲି ଆଫ୍ରିଦୀ କହିଛନ୍ତି।

# ଚିନ୍ନାସ୍ୱାମୀରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍ ସହ ଫାଇନାଲ

ବେଙ୍ଗାଲୁରୁ, ୧୬।୩ (ଏଜେନ୍ସି)



ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ର ୧୯ଶ ସଂସ୍କରଣର ମ୍ୟାଚ୍ ଖେଳାଯିବା ପାଇଁ ସବୁଜ ସଙ୍କେତ ମିଳିଛି। କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ସୋମବାର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଆଇପିଏଲ୍ ସହ ଅନ୍ୟ ସମସ୍ତ ମ୍ୟାଚ୍ ଆୟୋଜନ ପାଇଁ ସମର୍ଥ। ଫଳରେ ଦେଶର ଅନ୍ୟତମ ପ୍ରମୁଖ ଷ୍ଟାଡିୟମ୍‌ରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବାକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂରହୋଇଛି। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ୫ଟି ଘରୋଇ ଲିଗ୍ ମ୍ୟାଚ୍ ସହ ଗୋଟିଏ ପ୍ଲେ ଅଫ୍ ମ୍ୟାଚ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର ଅଛି। ମାର୍ଚ୍ଚ ୨୮ରେ ଏହି ଷ୍ଟାଡିୟମ୍‌ରେ ଆର୍‌ସିବି ଓ ସନ୍‌ରାଇଜର୍ସ ହାଇଦରାବାଦ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ମଧ ଖେଳାଯିବ। କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିର ରିପୋର୍ଟକୁ ତର୍ଜମା କରିବା ପରେ ଏହିନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଆର୍‌ସିବି ଏଠାରେ ବିଜୟ ଉତ୍ସବ ପାଳନ କଲାବେଳେ ଦର୍ଶକମାନେ ସେମାନଙ୍କ ଷ୍ଟାରଙ୍କୁ ଦେଖିବାକୁ ଯା ଦଳାଚକଟରେ ଅଧା ଡଜନରୁ ଊର୍ଦ୍ଧ୍ୱ ସମର୍ଥକ ମୃତ୍ୟୁ ବରଣ କରିଥିଲେ।

କର୍ଣ୍ଣାଟକର ସରକାରଙ୍କ ଗୃହ ମନ୍ତ୍ରୀ ଜି. ପରମେଶ୍ୱର ବିଶେଷଜ୍ଞ କମିଟି ନିଯୁକ୍ତ କରିଥିଲେ। ଉକ୍ତ କମିଟି ଶୁକ୍ରବାର ସାରାଦିନ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ନିରାପତ୍ତା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାର ତନଖି କରିଥିଲେ। ସୋମବାର କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ଆସୋସିଏସନ୍ (କେଏସ୍‌ସିଏ), ଆର୍‌ସିବିର ଉଚ୍ଚ ଅଧିକାରୀ ଓ ବିଶେଷଜ୍ଞ କମିଟିର ସଦସ୍ୟଙ୍କ ମଧ୍ୟରେ ବୈଠକ ପରେ ଚିନ୍ନାସ୍ୱାମୀରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ ସରକାର ଅନୁମତି ଦେଇଛନ୍ତି। ଆର୍‌ସିବିର ୭ଟି ଘରୋଇ ମ୍ୟାଚ୍ ମଧ୍ୟରୁ ବେଙ୍ଗାଲୁରୁରେ ୫ଟି ଏବଂ ରାୟପୁରରେ ୨ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଯେପରି ଅତ୍ୟଧିକ ଭିଡ଼ ନହୁଏ; ତାହା ନିଶ୍ଚିତ କରିବା ଲାଗି କେଏସ୍‌ସିଏ ସହ ମିଶି ଆର୍‌ସିବି ଏକ ଯୋଜନା କରିଛି। ସମସ୍ତ ଟିକଟରେ କ୍ୟୁଆର୍ କୋଡ୍ ରହିବ। ଏହାକୁ ସ୍କାନ୍ କରି ଦର୍ଶକଙ୍କୁ ଷ୍ଟାଡିୟମ୍ ମଧ୍ୟକୁ ଛଡ଼ାଯିବ। ପୁଣି ଷ୍ଟାଡିୟମ୍‌କୁ ଦର୍ଶକଙ୍କ ଯିବାଆସିବା ଲାଗି ବେଙ୍ଗାଲୁରୁ ମେଟ୍ରୋ ସହ ମଧ ଆର୍‌ସିବି ଆଲୋଚନା କରିଛି। ଯେଉଁଦିନ ରାତିରେ ଚିନ୍ନାସ୍ୱାମୀରେ ମ୍ୟାଚ୍ ଥିବ; ସେହିଦିନ ରାତି ଗୋଟାଏ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ। ମ୍ୟାଚ୍ ଦିନ ଅଧିକ ସଂଖ୍ୟକ ମେଟ୍ରୋ ଚାଲିବ। ଏହା ମଧ ଜାଣିବାକୁ ମିଳିଛି ଯେ ଯେଉଁମାନଙ୍କ ପାଖରେ ମ୍ୟାଚ୍‌ର ଟିକଟ ଥିବ; ସେମାନେ ଏହା ଦେଖାଇ ନିଃଶୁଳ୍କରେ ମେଟ୍ରୋରେ ଯିବାଆସିବା କରିପାରିବେ। ପୁଣି ଫାଟକରେ ଭିଡ଼ ଏଡ଼ାବା ପାଇଁ କେଏସ୍‌ସିଏ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଉ ୬ଟି ଅତିରିକ୍ତ ଫାଟକ ନିର୍ମାଣ କରିଛି। ଦର୍ଶକ ପ୍ରସ୍ଥାନ କରିବାକୁ ଥିବା ଫାଟକ ଅଧିକ ଚଉଡାର ରହିଛି। ୫ ଦିନ ତଳେ ଆଇପିଏଲ୍-୨୦୨୬ର ପ୍ରଥମ ୨୦ଟି ମ୍ୟାଚ୍‌ର ଖେଳସୂଚୀ ଘୋଷଣା ହୋଇଛି। ଏଥିରେ ବେଙ୍ଗାଲୁରୁରେ ୨ଟି ମ୍ୟାଚ୍ ରହିଛି। ୨୦୨୫ ଆଇପିଏଲ୍ ପରଠାରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ଖେଳା ଯାଇନାହିଁ। ଗତବର୍ଷ ଆଇପିଏଲ୍ ଚମ୍ପିଆନ୍ ହେବା ପରେ ଆର୍‌ସିବି ଦଳର ବିଜୟ ଶୋଭାଯାତ୍ରା ବେଳେ ୧୧ ଜଣ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହା ପରଠାରୁ ଚିନ୍ନାସ୍ୱାମୀରେ ମ୍ୟାଚ୍ ହୋଇନାହିଁ। ଏଠାରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ ସରକାରଙ୍କ ସବୁଜ ସଙ୍କେତ ମିଳିବା ପରେ ଆର୍‌ସିବିକୁ ଷ୍ଟାଡିୟମ୍ ହସ୍ତାନ୍ତର କରାଯିବ।

# ସିନ୍ନର, ସାବାଲେଙ୍କା ଚାମ୍ପିଅନ





ଇଣ୍ଡିଆନ୍ ୱେଲ୍ସ,୧୬।୩(ଏଜେନ୍ସି): ବିଶ୍ୱର ଦୁଇ ତାରକା ଖେଳାଳି ଯଥା ପୁରୁଷ ବିଭାଗରେ ପୂର୍ବତନ ନଂ-୧ ଖେଳାଳି ଜାନିକ ସିନ୍ନର ଓ ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଏଠାରେ ଆଜି ଶେଷ ହୋଇଥିବା ଇଣ୍ଡିଆନ୍ ୱେଲ୍ସ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆମେରିକା ସମୟ ରବିବାର ରାତି ଓ ଭାରତୀୟ ସମୟ ସୋମବାର ସକାଳେ ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ଇଟାଲୀର ସିନ୍ନି ୭-୬, ୭-୬ ସିଧାସଳଖ ସେଟ୍‌ରେ ରୁଷିଆର ଦାନିଲ ମେଦଭେଦେଭଙ୍କୁ ହରାଇ ଚତୁର୍ଥଥର ସକାଶେ ଏଠାରେ ଟାଇଟଲ ବିଜୟୀ ହୋଇଥିଲେ। ଉଭୟ ସେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିଲା ଓ ଏହି ଟୁର୍ଣ୍ଣାମେଣ୍ଟକୁ ସିନ୍ନର ସବୁଠାରୁ କଷ୍ଟକର ବୋଲି କହିଥିଲେ। ପୂର୍ବରୁ ମହିଳା ବିଭାଗରେ ଫାଇନାଲରେ ଆରିନା ସାବାଲେଙ୍କା କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଲିନା ରିବାକିନାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ସାବାଲେଙ୍କାଙ୍କୁ ଟାଇଟଲ ସହ ରିବାକିନାଙ୍କ ବିପକ୍ଷରେ ପରାଜୟର ଧାରା ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଚଳିତ ସିଜନରେ ରିବାକିନା କ୍ରମାଗତ ୧୨ଟି ମ୍ୟାଚ୍ ଜିତିବା ପରେ ପ୍ରଥମଥର ଏଠାରେ ପରାଜିତ ହୋଇଛନ୍ତି।

## ଜାତୀୟ ଯୁବ ଭଲିବଲ | ଓଡ଼ିଶା ଦଳର ଚମତ୍କାର ବିଜୟ



ଭୁବନେଶ୍ୱର,୧୬।୩(ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶା ଦଳ ଚମତ୍କାର ବିଜୟ ହାସଲ କରିଛି। ଆଜି ଖେଳାଯାଇଥିବା ପୁରୁଷ ବିଭାଗ ଦ୍ୱିତୀୟ ମ୍ୟାଚ୍‌ଟି ଓଡ଼ିଶା ଓ ହରିୟାଣା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏଥିରେ ଉଭୟ ଦଳ ୨ଟି ଲେଖାଏଁ ସେଟ୍ ଜିତି ସମାନ ସ୍ତରରେ ରହିଥିଲେ। ଓଡ଼ିଶା ଦଳ ପ୍ରଥମ ଦୁଇ ସେଟ୍‌କୁ ୨୫-୧୮, ୨୮-୨୬ରେ ଜିତିଥିଲା। ଏହାର ପରବର୍ତ୍ତୀ ଦୁଇଟି ସେଟ୍‌କୁ ହରିୟାଣା ୨୫-୨୨, ୨୫-୧୭ରେ ଜିତି ଖେଳକୁ ସମାନସ୍ତରକୁ ଆଣିଥିଲା। ଏହା ପରେ ୫ମ ତଥା ନିର୍ଣ୍ଣାୟକ ସେଟ୍‌ରେ ଓଡ଼ିଶା ଧୈର୍ଯ୍ୟର ସହ ଖେଳି ୧୬-୧୪ରେ ଜିତିବା ସହ ମ୍ୟାଚ୍‌କୁ ୩-୨ ସେଟ୍‌ରେ ଜିତିନେଇଥିଲା। ପୂର୍ବରୁ ପୁରୁଷ ଦଳ ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୩-୦ ସେଟ୍‌ରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ପୁରୁଷଙ୍କ ଭଳି ମହିଳା ଦଳ ମଧ ପ୍ରଥମ ଦିନରେ ବିଜୟୀ ହୋଇଛନ୍ତି। ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ପଡୋଶୀ ଛତିଶଗଡ଼କୁ ୩-୦ ସେଟ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳକୁ ଓଡ଼ିଶା ଭଲିବଲ ସଂଘ ସଭାପତି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜେଏମ୍ ରତିକାଙ୍କ ସଫଳତା



ଭୁବନେଶ୍ୱର, ୧୬।୩ (ସମିସ): ଚଣ୍ଡିଗଡର ପଞ୍ଜାବ ୟୁନିଭରସିଟି ରେ ଅନୁଷ୍ଠିତ ହୋଇଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଜେଏମ ରତିକା ଦାସ ପଞ୍ଜାବ ୟୁନିଭରସିଟି ତରଫରୁ ଅଂଶ ଗ୍ରହଣ କରି ବ୍ୟକ୍ତିଗତ ଭାବେ ବାଲାନ୍ସିଂ ବିମ ରେ ୧୦.୨୦୦ ପଏଣ୍ଟ ରଖି ରୌପ୍ୟ ପଦକ ହାସଲ କରିଥିବା ବେଳେ ୧୯୬. ୬୦୦ ପଏଣ୍ଟ ରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରତିକା ମାତ୍ର ୬ ବର୍ଷ ବୟସ ରୁ ଜେଏମ ସ୍ପୋର୍ଟସ ଏକାଡେମୀ ରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରି ଏବେ କଳିଙ୍ଗ ଷ୍ଟାଡିୟମ ହାଇ ପରଫରମାନ୍ସ ସେଣ୍ଟରେ ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ଅନ୍ୟମନେ ଅଭିନନ୍ଦନ ଜଣାଇଛନ୍ତି।

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ ର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଶ୍ରୀଯୁକ୍ତ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ ସ୍ପୋର୍ଟସ ଏକାଡେମୀ ର ଅଧ୍ୟକ୍ଷା ଶ୍ରୀମତୀ ମୀରାରାଣି ଦାସ, ଏକ୍ଜିକେଟିଭ ମେମ୍ବର ତଥା ଜେଏମ ସ୍ପୋର୍ଟସ ଏକାଡେମୀ ର ସମ୍ପାଦକ ଶ୍ରୀଯୁକ୍ତ ଯଶୋବନ୍ତ ଦାସ, ଚିଫ ପାର୍ଟନ ଶ୍ରୀଯୁକ୍ତ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ଶ୍ରୀଯୁକ୍ତ ସୁବ୍ରତ କୁମାର ମହାପାତ୍ର ଓ ଏକାଡେମୀ ର ସମସ୍ତ କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଓଡ଼ିଶାର ଉଦୀୟମାନ କ୍ରିକେଟର ଅଲିପ୍ସା ବିଶ୍ୱାଳ

ଭୁବନେଶ୍ୱର,୧୬।୩ (ସମିସ)



ଓଡ଼ିଶା ମହିଳା କ୍ରିକେଟରେ ନୂଆ ଆଶା ନେଇ ଆସିଛନ୍ତି ବାମହାତୀ ବ୍ୟାଟର ଅଲିପ୍ସା ବିଶ୍ୱାଳ। ନିକଟରେ ଶେଷ ହୋଇଥିବା ୨୩ ବର୍ଷରୁ କମ୍ ବିସିସିଆଇ ମହିଳା ସୀମିତ ଓଭର କ୍ରିକେଟରେ ଓଡ଼ିଶା ଦଳର ନେତୃତ୍ୱ ନେଇ ସେ ଦୁଇଟି ବିଭାଗରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ମେଣ୍ଟର ଜ୍ଞାନଚାନ୍ଦ ଦାସଙ୍କ ଅନୁଯାୟୀ ଅଲିପ୍ସାଙ୍କ ନିକଟରେ ଇଶ୍ୱରଦତ୍ତ ପ୍ରତିଭା ରହିଛି। ଗୋଟିଏ ହେଉଛି ତାଙ୍କ ଖେଳ ଏବଂ ଅନ୍ୟଟି ହେଉଛି ନେତୃତ୍ୱ ନେବାର ଦକ୍ଷତା। ଉଭୟ ବିଭାଗରେ ସେ ବେଶ ପାରଙ୍ଗମ ବୋଲି ତାଙ୍କ ଦଳର କୋଚ୍ ତଥା ଅନ୍ୟତମ ମେଣ୍ଟର ସ୍ୱାଗତିକା ରଥ ସ୍ୱୀକାର କରିଛନ୍ତି। ଚଳିତବର୍ଷ ଅଲିପ୍ସା ୨୩ ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶାର ନେତୃତ୍ୱ ନେଇ ୫ଟି ମ୍ୟାଚ୍ ଖେଳିଥିଲେ। ଏଥିରେ ଓଡ଼ିଶା ୨ଟିରେ ଜିତିଥିଲାବେଳେ ୩ଟିରେ ପରାଜିତ ହୋଇଛି। ଶେଷ ମ୍ୟାଚ୍‌ଟି କେରଳ ବିପକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଥିଲେ ନକ୍‌ଆଉଟ ଖେଳିଥାନ୍ତା ଏବଂ ଓଡ଼ିଶାର ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାକୁ ଆଉ କିଛି ସୁଯୋଗ ପାଇଥାନ୍ତେ।

କେରଳରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅଲିପ୍ସା ଉତ୍ତରପ୍ରଦେଶ ବିପକ୍ଷରେ ୪୮, ଉତ୍ତରାଖଣ୍ଡ ବିପକ୍ଷରେ ୭୮ ଓ ଗୁଜରାଟ ବିପକ୍ଷରେ ଅପରାଜିତ ୧୦୦ ରନ୍ କରିଥିଲେ। ଅଲିପ୍ସାଙ୍କ କ୍ରିକେଟ କ୍ୟାରିୟରରେ ଏହା ପ୍ରଥମ ଶତକ ଓ ଏହି ସ୍କୋର ବଳରେ ଗୁଜରାଟଙ୍କୁ ହରାଇବାରେ ଓଡ଼ିଶା ସଫଳ ହୋଇଥିଲା। କ୍ରିକେଟ ଖେଳ ଲାଗି ବିଶେଷ ସୁବିଧା ସୁଯୋଗ ନ ଥିବା ଏକ ଯାଜପୁର ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଲିପ୍ସା ଓଡ଼ିଶାର ୧୯ ଓ ୨୩ ବର୍ଷରୁ କମ୍ ଦଳରୁ ୨୦୨୦ରୁ ଖେଳିଆସୁଛନ୍ତି। ଏହି ୫ ବର୍ଷ ମଧ୍ୟରେ ସେ ତାଙ୍କ ପ୍ରତିଭାବଳରେ ଏତେବାଟ ଆସିଛନ୍ତି ବୋଲି କହନ୍ତି ଶ୍ରୀ ଦାସ୍। ଅଲିପ୍ସା ଏଭଳି ଜଣେ ବ୍ୟାଟର ଯାହାଙ୍କ ନିକଟରେ ସବୁପ୍ରକାର ସଟ ରହିଛି। ସେ ଦୀର୍ଘ ସମୟ ବ୍ୟାଟିଂ କରିପାରିବାର ଦକ୍ଷତା ରଖନ୍ତି। ଯେ କୌଣସି ପିଚ୍ ଓ ବୋଲିଂ ବିପକ୍ଷରେ ଖେଳିବାରେ ତାଙ୍କର ଦକ୍ଷତା ରହିଛି। ଏବେ ତାଙ୍କୁ କିଛି ଅଧିକ ପରିଶ୍ରମ କରି ସିନିୟର ଦଳରେ ସ୍ଥାନ ହାସଲ କରିବାକୁ ହେବ। ସିନିୟର ଦଳରେ ଖେଳିଲେ ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ହୋଇପାରିବ ଓ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବାକୁ ଚେଷ୍ଟା କରିବେ।

ଗତ ଦୁଇବର୍ଷ ଧରି ଏହି ୨୨ ବର୍ଷୀୟା ଗ୍ରାଜୁଏଟ ୨୩ ବର୍ଷରୁ କମ୍ ଦଳରୁ ଖେଳିଆସୁଛନ୍ତି। ଏହା ପୂର୍ବରୁ ସେ ମଧ ୧୯ ବର୍ଷରୁ କମ୍ ଦଳ ଲାଗି ଉଭୟ ଟି-୨୦ ଓ ଦିନିକିଆ ଫର୍ମାଟରେ ଖେଳିଛନ୍ତି। ଚଳିତ ସିଜନ ପୂର୍ବରୁ ଗୁଜରାଟ ବିପକ୍ଷରେ ୬୩, ହରିୟାଣା ବିପକ୍ଷରେ ୫୪ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ୨୩ ବର୍ଷରୁ କମ୍ ଦଳ ଲାଗି ଖେଳିଥିଲେ। ସେହିପରି ୧୯ ବର୍ଷରୁ କମ୍ ଦଳ ଲାଗି ବେଙ୍ଗଲ ବିପକ୍ଷରେ ୫୪, ଚଣ୍ଡିଗଡ ବିପକ୍ଷରେ ୪୯ ଓ ତ୍ରିପୁରା ବିପକ୍ଷରେ ୪୭ ରନ୍‌ର ଇନିଂସ ଉଲ୍ଲେଖନୀୟ।

ଯାଜପୁର ଜିଲ୍ଲା ତଥା ବ୍ଲକ୍‌ର କମଳପୁର ଗାଁ ମେଲଣ ପଡ଼ିଆରୁ ପୁଅ ପିଲାଙ୍କ ସହ ଖେଳି କ୍ରିକେଟ ଜୀବନ ଆରମ୍ଭ କରିଥିବା ଅଲିପ୍ସା ମା ମଞ୍ଜୁଲତା ଓ ପିତା ସୁବାସ ବିଶ୍ୱାଳଙ୍କ ସହ ଯାଜପୁର ଟାଉନ ଆସିବା ପରେ ତାଙ୍କ ଖେଳରେ ଉନ୍ନତି ହୋଇଥିଲା। ଯାଜପୁର ଜିଲ୍ଲା କ୍ରିକେଟ ସଂଘ ଏହି ପ୍ରତିଭାକୁ ଚିହ୍ନଟ କରିଥିଲେ ଓ ଖେଳିବା ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେଇଥିଲେ। କୁସୁମା ପଡ଼ିଆରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଏବେ ଅଡଙ୍ଗ ନିକଟସ୍ଥ ନୂଆପଡ଼ା ଖେଳପଡ଼ିଆକୁ ସ୍ଥାନାନ୍ତରିତ ହୋଇଛି। ନୂଆପଡ଼ା ଖେଳ ପଡ଼ିଆ ଜିଲ୍ଲା କ୍ରିକେଟ ସଂଘ ତତ୍ତ୍ୱାବଧାନରେ ରହିଛି ଓ ଏଠାରେ ସେ, ସୂଚିସ୍ମିତା ପଣ୍ଡାଙ୍କ ସହ ସମସ୍ତ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ଫିଟ ରହିବା ଲାଗି ଅତ୍ୟାଧୁନିକ ଜିମ୍‌ର ଆବଶ୍ୟକତା ରହିଛି। ଏସବୁ ଆଧୁନିକ କ୍ରିକେଟରେ ଏକ ଆବଶ୍ୟକତା। ପୁରୁଷରେ ବିରାଟ କୋହଲି ଓ ମହିଳାରେ ସ୍ମୃତି ମନ୍ଧାନାଙ୍କ ଆଦର୍ଶ ମାନୁଥିବା ଅଲିପ୍ସାଙ୍କ ଲକ୍ଷ୍ୟ ହେଉଛି ଭାରତ ଲାଗି ଖେଳିବା। ଏହି ଲକ୍ଷ୍ୟରେ ସେ ଖୁବ୍ ଶୀଘ୍ର ପହଞ୍ଚନ୍ତୁ ବୋଲି ଆମେ ଆଶା କରୁଛୁ।

### ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ

# ସେମିଫାଇନାଲ୍‌ରେ ପ୍ରଗତି ସ୍ପୋର୍ଟିଂ




ଭୁବନେଶ୍ୱର,୧୬।୩(ସମିସ): ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ ଖୀମଜୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୩ ୱିକେଟରେ ପୁରୀର ପାୟୋନିୟର କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସୁନ୍ଦର ବୋଲିଂ କରି ୨୩ ରନ୍ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିବା ପ୍ରଗତି ସ୍ପୋର୍ଟିଂର ମିଳନ ସାମଲଙ୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜକ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଆଶିଷ ପ୍ରତିହାରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ରେ ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାୟୋନିୟର କ୍ଲବ୍ ୩୮.୫ ଓଭରରେ ୧୯୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କୁମାର ଅଶ୍ୱିନ ସର୍ବାଧିକ ୭୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମିଳନଙ୍କୁ ୫ ୱିକେଟ ସଫଳତା ମିଳିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୩୮.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କୁଲଦୀପ ଯାଦବ ୯୧ ବଲ୍ ଖେଳି ଅପରାଜିତ ୭୯, ଶାନ୍ତନୁ ମିଶ୍ର ୫୨ ବଲ୍‌ରୁ ୪୭ ରନ୍ କରିଥିଲେ। ପାୟୋନିୟରର ଅବ୍‌ଦୁଲ ଏମ୍ ଖାନ ୩ଟି ଓ ଲାଲୁ ମହାନ୍ତି ୨ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS